୭ ୬୭ତମ ଅଲ୍ ଇଣ୍ଡିଆ ରେଲୱେ ଟି-୨୦ ପୁରୁଷ କ୍ରିକେଟ ଋମ୍ପିଅନସିପ ଉଦ୍‌ଘାଟିତ




ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

30 YEARS

# ସମ୍ବାଦ କଳିକା

The Sambad Kalika

E-mail : sambadkalikanews@gmail.com

e-paper www.sambadkalika.in

TM

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର

The only ISO Certified Odia Newspaper
NS-EN ISO 9001:2008

ମୂଲ୍ୟ : ୨.୦୦ ଟଙ୍କା
8 Pages, ₹ 2.00

● ବର୍ଷ-୩୧ ● ସଂଖ୍ୟା-୬୩ ● ୩୧ ମାର୍ଚ୍ଚ ୨୦୨୪, ରବିବାର ● ଭୁବନେଶ୍ୱର ● Vol -31 ● Issue-63 ● 31st March 2024, Sunday ● Bhubaneswar | Licensed to post without pre-payment of postage No- BN-60/22-24

## ଅସହ୍ୟ ହେଲାଣି ମୁଣ୍ଡଫଟା ଚଇତି ତାତି : ଗ୍ରୀଷ୍ମ ମୁକାବିଲା ବୈଠକ ଡାକିଲେ ଏସ୍ଆରସି

ଭୁବନେଶ୍ୱର, ୩୦।୩
ନ୍ୟୁଜ୍ ବ୍ୟୁରୋ

କ୍ରମାଗତ ଭାବେ ଗତ ୩ ଦିନ ହେବ ରାଜ୍ୟରେ ତାପମାତ୍ରା ବୃଦ୍ଧି ପାଇବାରେ ଲାଗିଛି। ପହିଲି ଚୈତ୍ରରୁ ରାଜ୍ୟର ତାପମାତ୍ରା ୪୦ ଡିଗ୍ରୀ ଛୁଇଁଛି। ଗୋଟିଏ ଦିନରେ ଶୁକ୍ରବାର ଏକାବେଳେ ୫ଟି ସହରରେ ତାପମାତ୍ରା ୪୦ ଡିଗ୍ରୀ ଛୁଇଁଥିବା ରେକର୍ଡ କରାଯାଇଥିବା ବେଳେ ବୈଶାଖରେ ତାତି ଆହୁରି ବଢ଼ିବା ନେଇ ଆକଳନ କରାଯାଉଛି । ଫଳରେ ରାଜ୍ୟବାସୀ ଏପ୍ରିଲ ମାସରେ ତାତି ଓ ଗୁଳୁଗୁଳିରେ ସିଝିବାର ଆଶଙ୍କା ସୃଷ୍ଟି ହୋଇଛି।

ଆସନ୍ତା ୪୮ ଘଣ୍ଟା ମଧ୍ୟରେ ରାଜ୍ୟରେ ଆହୁରି ୨ ଡିଗ୍ରୀ ପର୍ଯ୍ୟନ୍ତ ତାପମାତ୍ରା ବୃଦ୍ଧି ନେଇ ପାଣିପାଗ କେନ୍ଦ୍ର ଆକଳନ କରିଛି । ଏଥିପାଇଁ ଆଗାମୀ ୪ରୁ ୫ ଦିନ ପର୍ଯ୍ୟନ୍ତ ରାଜ୍ୟରେ ତାତି ଓ ଗୁଳୁଗୁଳି ଜନିତ ସ୍ଥିତି ଜାରି ରହିବ ବୋଲି ପାଣିପାଗ




କେନ୍ଦ୍ର ସୂଚନା ଦେଇଛି । ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ଜାରି କରାଯାଇଥିବା ବୁଲେଟିନରେ କୁହାଯାଇଛି ଏଭଳି ସ୍ଥିତି ଯୋଗୁଁ ଆଭ୍ୟନ୍ତରୀଣ ଓଡ଼ିଶାର ଏକାଧିକ ସ୍ଥାନରେ ତାପମାତ୍ରା ୩୮-୪୦ ଡିଗ୍ରୀ ଓ ଉପକୂଳ ଓଡ଼ିଶାରେ ତାପମାତ୍ରା ୩୬-୩୮ ଡିଗ୍ରୀ ମଧ୍ୟରେ ରହିବାର ସମ୍ଭାବନା ରହିଛି। ସେହିପରି ତାପମାତ୍ରା ସହିତ ଉପକୂଳ ଓଡ଼ିଶାରେ ୫୦-୭୦ ପ୍ରତିଶତ ଆର୍ଦ୍ରତା ରହିବା ସହ ଆଭ୍ୟନ୍ତରୀଣ ଓଡ଼ିଶାରେ ଏହା ୩୦-୫୦ ପ୍ରତିଶତ ମଧ୍ୟରେ ରହିବାର ସମ୍ଭାବନା ରହିଛି । ତେଣୁ ତାତି ଓ ଗୁଳୁଗୁଳିରେ ଲୋକେ ଅସହ୍ୟ କଷ୍ଟ ଅନୁଭବ କରିବାର ଆଶଙ୍କା ରହିଛି। ଏହାକୁ ଦୃଷ୍ଟିରେ ରଖି ସକାଳ ୧୦ ଟାରୁ ଅପରାହ୍ଣ ୩ଟା ମଧ୍ୟରେ ବାହାରକୁ (ପୃଷ୍ଠା ୭ରେ)

### ବୈଠକ ଡାକିଲେ ଏସ୍ଆରସି

ଭୁବନେଶ୍ୱର, ୩୦।୩
ନ୍ୟୁଜ୍ ବ୍ୟୁରୋ

ରାଜ୍ୟରେ ଗ୍ରୀଷ୍ମପ୍ରବାହ ଜନିତ ଟାଣ ଖରା ଆରମ୍ଭ ହୋଇଯାଇଥିବା ବେଳେ ଏହାର ମୁକାବିଲା ପାଇଁ ରାଜ୍ୟ ସରକାର ଅଣ୍ଟା ଭିଡ଼ିଛନ୍ତି। ଏଥିପାଇଁ ରାଜ୍ୟ ସ୍ୱତନ୍ତ୍ର ରିଲିଫ କମିଶନରଙ୍କ ଅଧ୍ୟକ୍ଷତାରେ ଶନିବାର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଚଳିତ ଗ୍ରୀଷ୍ମ ଋତୁର ମୁକାବିଲା ପାଇଁ ରଣନୀତି ପ୍ରସ୍ତୁତ କରାଯିବା ସହ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବା ଉପରେ ଗୁରୁତ୍ୱ ଦିଆଯାଇଛି। ବୈଠକରେ ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ରର ନିର୍ଦ୍ଦେଶକଙ୍କ ସମେତ ରାଜ୍ୟ (ପୃଷ୍ଠା ୭ରେ)

## ବୃଦ୍ଧିପାଉଛି ନୋଟାର ଗୁରୁତ୍ୱ

### ୨୦୧୯ରେ ଓଡ଼ିଶାର ୩ ସଂସଦୀୟ କ୍ଷେତ୍ରରେ ପ୍ରାର୍ଥୀଙ୍କ ବିଜୟ ବ୍ୟବଧାନରୁ ଅଧିକ ଥିଲା ନୋଟା ଭୋଟ୍

ନୂଆଦିଲ୍ଲୀ, ୩୦।୩

ସାଧାରଣ ନିର୍ବାଚନରେ ନୋଟା (ନନ ଅଫ ଦି ଏଭବ୍)ର ଗୁରୁତ୍ୱ ବଢିବାରେ ଲାଗିଛି। ଭାରତୀୟ ନିର୍ବାଚନ ଆୟୋଗ (ଇସିଆଇ)ଙ୍କ ତଥ୍ୟ ଅନୁସାରେ ୨୦୧୪ ସାଧାରଣ ନିର୍ବାଚନରେ ଦେଶରେ ୬୦ ଲକ୍ଷରୁ ଅଧିକ ଭୋଟ ନୋଟାରେ ପଡ଼ିଥିବା ବେଳେ ଓଡ଼ିଶାରେ ଏହି ସଂଖ୍ୟା ଥିଲା ୩,୩୨,୭୬୬, ଯାହାକି ଓଡ଼ିଶାରେ ଥିଲା ମୋଟ ଭୋଟ ଦାନର ୧.୫୫ ପ୍ରତିଶତ। ସର୍ବାଧିକ ନୋଟା ଭୋଟ ପଡିଥିବା ଦେଶର ୧୦ ସଂସଦୀୟ କ୍ଷେତ୍ର ମଧ୍ୟରେ ଓଡ଼ିଶାରୁ ଥିଲା ୨। ନବରଙ୍ଗପୁରରେ ନୋଟାରେ ୪୪,୪୦୮ ଭୋଟ ପଡ଼ିଥିଲା। ଏହା ମୋଟ ଭୋଟ ଦାନର ଥିଲା ୪.୩୪ ପ୍ରତିଶତ। ସେହିପରି କୋରାପୁଟ ସଂସଦୀୟ କ୍ଷେତ୍ରରେ ନୋଟାକୁ ଯାଇଥିଲା ୩୩,୨୩୨ ଭୋଟ ଓ ଏହା ମୋଟ ଭୋଟ ଦାନର ୩.୩୫ ପ୍ରତିଶତ ଥିଲା। ୨୦୧୯ ସାଧାରଣ ନିର୍ବାଚନରେ ଦେଶରେ ୬୫,୨୨,୭୭୨ ମତଦାତା ନୋଟା ବଟନ ବ୍ୟବହାର କରିଥିଲେ।




ବିହାରରେ ସର୍ବାଧିକ ଦୁଇ ପ୍ରତିଶତ। ନାଗାଲ୍ୟାଣ୍ଡରେ ସର୍ବନିମ୍ନ ୦.୧୯ ପ୍ରତିଶତ ନୋଟାକୁ ଭୋଟ ଯାଇଥିଲା। ତଥ୍ୟ ଅନୁସାରେ ଲୋକସଭାର ୮୦ ପ୍ରତିଶତ ଆସନରେ ନୋଟା ଭୋଟ ତୃତୀୟ କିମ୍ବା ଚତୁର୍ଥ ସ୍ଥାନରେ ରହିଥିଲା। ଅନେକ ଆସନରେ ବିଜୟ ଓ ପରାଜୟରେ ନୋଟାର ପ୍ରଭାବ ଦେଖିବାକୁ ମିଳିଥିଲା। ଗତ ନିର୍ବାଚନରେ ଓଡ଼ିଶାରେ ନୋଟାକୁ ୩,୧୦,୮୨୪ ଭୋଟ ମିଳିଥିଲା।

ଏହା ମୋଟ ଭୋଟ ଦାନର ୧.୩୧ ପ୍ରତିଶତ ଥିଲା। ନୋଟା ବ୍ୟବହାରରେ ଓଡ଼ିଶା ସମଗ୍ର ଦେଶରେ ଷଷ୍ଠ ସ୍ଥାନରେ ଥିଲା । ଓଡ଼ିଶାର ୨୦ଟି ସଂସଦୀୟ କ୍ଷେତ୍ରରେ ବିଜେଡି, ବିଜେପି ଓ କଂଗ୍ରେସ ପରେ ନୋଟାକୁ ସର୍ବାଧିକ ଭୋଟ ଯାଇଥିଲା। ସୁନ୍ଦରଗଡ଼ରେ ନୋଟା ଭୋଟ ସଂଖ୍ୟା ପଞ୍ଚମ ସ୍ଥାନରେ ଥିଲା ଓ ୧୩ଟି ସଂସଦୀୟ କ୍ଷେତ୍ରରେ ନୋଟାକୁ ୧୦ ହଜାରରୁ ଅଧିକ ଭୋଟ ମିଳିଥିଲା। ନବରଙ୍ଗପୁର ସଂସଦୀୟ କ୍ଷେତ୍ରରେ ନୋଟାକୁ (ପୃଷ୍ଠା ୭ରେ)

## କୋଟିଆ ଲୋକଙ୍କୁ ପୁଣି ନିଜଆଡକୁ ଟାଣିବାକୁ ଚକ୍ରାନ୍ତ କରୁଛି ଆନ୍ଧ୍ର




କୋରାପୁଟ, ୩୦।୩
ନ୍ୟୁଜ୍ ବ୍ୟୁରୋ

ଉଭୟ ଆନ୍ଧ୍ର ଏବଂ ଓଡ଼ିଶାର ଲୋକସଭା ଓ ବିଧାନସଭା ନିମନ୍ତେ ନିର୍ବାଚନ ଆସନ୍ତା ମେ' ମାସ ୧୩ ତାରିଖ ଦିନ ଅନୁଷ୍ଠିତ ହେବ। କୋଟିଆର ଭୋଟରଙ୍କୁ ନିଜ ସପକ୍ଷରେ ନେବା ପାଇଁ ଆନ୍ଧ୍ର ପକ୍ଷରୁ ଚକ୍ରାନ୍ତ କରାଯାଉଛି। ହେଲେ ପୂର୍ବପରି କୋଟିଆବାସୀ ଓଡ଼ିଶାରେ କିପରି ଭୋଟ ଦେବେ ସେଥିପାଇଁ ଓଡ଼ିଶା ପ୍ରଶାସନ ପକ୍ଷରୁ ରଣନୀତି ଜାରି ରହିଛି।

ସୁଧୁରୁନି ଆନ୍ଧ୍ର । କୋଟିଆ ଲୋକଙ୍କୁ ପୁଣି ନିଜଆଡକୁ ଟାଣିବା ପାଇଁ କରୁଛି ଚକ୍ରାନ୍ତ। ମିଛ ପ୍ରତିଶ୍ରୁତି ଦେଇ ଚଳାଇଛି ପ୍ରଚାର । ହେଲେ ସବୁ ଚାଲ୍‌କୁ ଭଣ୍ଡୁର କରିବାକୁ ପ୍ରସ୍ତୁତ କୋରାପୁଟ ପ୍ରଶାସନ। ଲୋକଙ୍କୁ ସଚେତନ କରିବା ସହ ଦେଉଛି ରାଜ୍ୟ ସରକାରଙ୍କ ବିକାଶର ହିସାବ। ଆସନ୍ତା ମେ' ମାସ ୧୩ ତାରିଖରେ ଚତୁର୍ଥ ପର୍ଯ୍ୟାୟ ଭୋଟ ହେବ। ୧୩ରେ ପଟାଙ୍ଗୀରେ ଭୋଟ ହେବାକୁ ଥିବା ବେଳେ ସେହି ଦିନ ଅନ୍ଧ୍ରପ୍ରଦେଶର ମଧ୍ୟ ନିର୍ବାଚନ ଅନୁଷ୍ଠିତ ହେବ । ଏନେଇ ବାରମ୍ବାର କୋଟିଆରେ (ପୃଷ୍ଠା ୭ରେ)

TATA MOTORS
Light Commercial Vehicles Dealers
24 hours help line :
Sales : 7873770000

## ଚୌଧୁରୀ ଚରଣ ସିଂ, କର୍ପୁରୀ ଠାକୁରଙ୍କ ସମେତ ୫ ଜଣଙ୍କୁ ମିଳିଲା ଭାରତ ରତ୍ନ

ନୂଆଦିଲ୍ଲୀ, ୩୦।୩

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଶନିବାର ଦିନ ବିଜେପିର ବରିଷ୍ଠ ନେତା ଏଲ.କେ ଆଡଭାନୀ, ଭାରତର ପୂର୍ବତନ ତଥା ପଞ୍ଚମ ପ୍ରଧାନମନ୍ତ୍ରୀ ଚୌଧୁରୀ ଚରଣ ସିଂ, ପୂର୍ବତନ ପ୍ରଧାନମନ୍ତ୍ରୀ ପି.ଭି ନରସିଂହ ରାଓ, ବିହାରର ପୂର୍ବତନ ମୁଖ୍ୟମନ୍ତ୍ରୀ କର୍ପୁରୀ ଠାକୁର ଏବଂ କୃଷି ବୈଜ୍ଞାନିକ ଏମ୍ଏସ ସ୍ୱାମୀନାଥନଙ୍କୁ ଭାରତ ରତ୍ନ ପ୍ରଦାନ କରିଛନ୍ତି।

ଚରଣ ସିଂ, ନରସିଂହ ରାଓ, କର୍ପୁରୀ ଠାକୁର ଏବଂ ସ୍ୱାମୀନାଥନଙ୍କୁ ପୂର୍ବରୁ ସର୍ବୋଚ୍ଚ ନାଗରିକ ପୁରସ୍କାର ପ୍ରଦାନ କରାଯିବ ବୋଲି ଘୋଷଣା ହୋଇଥିଲା।

ଭାରତ ରତ୍ନ ପୁରସ୍କାରକୁ ଚୌଧୁରୀ ଚରଣ ସିଂଙ୍କ ନାତି ଜୟନ୍ତ ସିଂ, ନରସିଂହ ରାଓଙ୍କ ପୁଅ ପି.ଭି ପ୍ରଭାକର ରାଓ, କର୍ପୁରୀ ଠାକୁରଙ୍କ ପୁଅ ରାମନାଥ ଠାକୁର ଏବଂ ଏମଏସ ସ୍ୱାମୀନାଥନଙ୍କ ଝିଅ ନିତ୍ୟା ରାଓ




ରାଷ୍ଟ୍ରପତି ଭବନରେ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗ ଦେଇ ଗ୍ରହଣ କରିଛନ୍ତି। ଏଲ.କେ ଆଡଭାନୀ ଉପସ୍ଥିତ ନଥିବାରୁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ରବିବାର ତାଙ୍କ ବାସଭବନକୁ ଯାଇ ତାଙ୍କୁ ପୁରସ୍କାର ପ୍ରଦାନ କରିବେ ବୋଲି ଜଣାପଡ଼ିଛି।

## ମାଲକାନଗିରିରେ ପାରା ୪୧ ଡିଗ୍ରୀ ଛୁଇଁଲା

ଭୁବନେଶ୍ୱର, ୩୦।୩
ନ୍ୟୁଜ୍ ବ୍ୟୁରୋ

ରାଜ୍ୟରେ ପ୍ରଥମ ଥର ପାଇଁ ଚଳିତ ବର୍ଷର ତାପମାତ୍ରା ୪୦ଡ଼ିଗ୍ରୀ ଅତିକ୍ରମ କରିଛି। ମାଲକାନଗିରିରେ ଶନିବାର ଦିନ ତାପମାତ୍ରା ସର୍ବାଧିକ ୪୧ଡ଼ିଗ୍ରୀ ଛୁଇଁଛି । ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ଏହି ସୂଚନା ଦିଆଯାଇଛି।

ପାଣିପାଗ ବିଭାଗ ପକ୍ଷରୁ କୁହାଯାଇଛି ଯେ, ଶନିବାର ବୌଦ୍ଧ ଏବଂ ଟିଟିଲାଗଡ଼ରେ ୪୦.୫, ବଲାଙ୍ଗୀରରେ ୪୦.୨, ନୟାଗଡ଼ରେ ୪୦, ଭୁବନେଶ୍ୱରରେ ୩୭ ଏବଂ କଟକରେ ୩୭.୬ ଡ଼ିଗ୍ରୀ ଦିନର ତାପମାତ୍ରା ରେକର୍ଡ ହୋଇଛି।

ଆସନ୍ତା ୪ ଦିନ ପର୍ଯ୍ୟନ୍ତ ତାତିରୁ ନିସ୍ତାର ମିଳିବନି । ଆହୁରି ମଧ୍ୟ କୁହାଯାଇଛି ଯେ ଉପକୂଳ ଓଡ଼ିଶାରେ ତାତି ସହ ଅସହ୍ୟ ଗୁଳୁଗୁଳି ଅନୁଭୂତ ହେବ। ଲୋକେ ସନ୍ତୁଳି



ହେବେ। ଦିନ ୧୦ ଟାରୁ ଅପରାହ୍ଣ ୩ ଟାକୁ 'ପିକ ଆୱାର' ଘୋଷଣା କରାଯାଇଛି। ଏହି ସମୟରେ ବୟସ୍କ ଏବଂ ଶିଶୁଙ୍କୁ ସିଧାସଳଖ ଖରା ସଂସ୍ପର୍ଶରେ ନ ଆସିବାକୁ ପରାମର୍ଶ ଦିଆଯାଇଛି। ଏଣେ ଆଭ୍ୟନ୍ତରୀଣ ଓଡ଼ିଶାରେ ୪୦ ଡିଗ୍ରୀ ଅତିକ୍ରମ କରିବ ତାପମାତ୍ରା ବୋଲି ଚେତାବନୀ ଦେଇଛି ପାଣିପାଗ ବିଭାଗ। ଉପକୂଳ ଓଡ଼ିଶାରେ ୩୯ ଡିଗ୍ରୀ ସହ ୬୦ ପ୍ରତିଶତ ରହିବ ଆର୍ଦ୍ରତା ବୋଲି ପାଣିପାଗ ବିଭାଗ ପକ୍ଷରୁ କୁହାଯାଇଛି।

## ଏପ୍ରିଲ ୨ରୁ ସକାଳୁଆ ସ୍କୁଲ୍

ଭୁବନେଶ୍ୱର, ୩୦।୩
ନ୍ୟୁଜ୍ ବ୍ୟୁରୋ

ପରିବର୍ତ୍ତିତ ଗ୍ରୀଷ୍ମପ୍ରବାହକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ସ୍କୁଲ ସମୟ ପରିବର୍ତ୍ତନ କରିଛନ୍ତି । ଆସନ୍ତା ଏପ୍ରିଲ ୨ ତାରିଖ ଠାରୁ ବିଦ୍ୟାଳୟଗୁଡ଼ିକରେ ପାଠପଢା ସକାଳ ୭ଟାରୁ ଆରମ୍ଭ ହୋଇ ଦିନ ସାଢ଼େ ୧୧ଟା ପର୍ଯ୍ୟନ୍ତ ଜାରି ରହିବ। ଏନେଇ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ଶନିବାର ସୂଚନା ଦିଆଯାଇଛି।

ରାଜ୍ୟ ସରକାରଙ୍କ ଅତିରିକ୍ତ ଶାସନ ସଚିବ ଦୁର୍ଗା ପ୍ରସାଦ ମହାପାତ୍ର କହିଛନ୍ତି ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ପ୍ରଥମରୁ ଦ୍ୱାଦଶ ଶ୍ରେଣୀ ଯାଏଁ ସ୍କୁଲ ସମୟ ପରିବର୍ତ୍ତନ କରାଯାଇଛି । ବିଦ୍ୟାଳୟଗୁଡ଼ିକରେ ଆଗାମୀ ଏପ୍ରିଲ ୨ ତାରିଖ ଠାରୁ ସକାଳ ୭ଟାରୁ ଦିନ



୧୧ଟା ୩୦ ଯାଏଁ ପାଠପଢା ହେବ। ଏହି ସମୟରେ ସୁରକ୍ଷିତ ପାନୀୟ ଜଳ, ଓଆରଏସ୍ ପ୍ୟାକେଟ୍ ଓ ଅନ୍ୟ ଆବଶ୍ୟକୀୟ ପଦକ୍ଷେପ ନେବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ଶ୍ରୀ ମହାପାତ୍ର କହିଛନ୍ତି ଯେ, ଜିଲ୍ଲାପାଳମାନେ ନିଜ ଜିଲ୍ଲାର ପାଗର ସ୍ଥିତିକୁ ନଜରରେ ରଖି ବିଦ୍ୟାଳୟ ଖୋଲିବା ନେଇ ନିଷ୍ପତ୍ତି ନେଇପାରିବେ।

ସୂଚନାଯୋଗ୍ୟ, ଚଳିତ ବର୍ଷ ରାଜ୍ୟରେ ପ୍ରଥମ ଥର ପାଇଁ (ପୃଷ୍ଠା ୭ରେ)

## ସବୁ ନେତା ଅପରାଧ ମୁକ୍ତ ହୋଇପାରୁଛନ୍ତି କି ?

ଭୁବନେଶ୍ୱର, ୩୦।୩
ନ୍ୟୁଜ୍ ବ୍ୟୁରୋ

ଅପରାଧ ମୁକ୍ତ ହେଉନାହାଁନ୍ତି ରାଜନେତା। କେତେବେଳେ ପ୍ରତିଦ୍ୱନ୍ଦୀ ଦଳର ଆକ୍ରୋଶ ତ କେତେବେଳେ ନିଜ ଅପରାଧିକ ଆଚରଣ ଅପରାଧ ରେକର୍ଡରୁ ନେତାଙ୍କୁ ମୁକ୍ତି ମିଳୁନି । ୨୦୧୯ ସାଧାରଣ ନିର୍ବାଚନରେ ନିର୍ବାଚିତ ହୋଇଥିବା ୫୧୪ ଜଣ ସାଂସଦଙ୍କ ଭିତରୁ ୪୪ ପ୍ରତିଶତଙ୍କ ନାମରେ ଅପରାଧୀକ ରେକର୍ଡ ରହିଛି । ୨୯ ପ୍ରତିଶତ ସାଂସଦ ହତ୍ୟା, ହତ୍ୟା ଉଦ୍ୟମ, ମହିଳା ବିରୋଧୀ ହିଂସାରେ ସାମିଲ। ଏଭଳି ରିପୋର୍ଟ ଦେଇଛି ଜାତୀୟ ଇଲେକ୍ସନ ୱାଚ ଓ ଏଡିଆର । ଅଭିଯୋଗ ହୋଇଛି ଏଭଳି ଭ୍ରଷ୍ଟ ନେତା ଶାସକ ଦଳରେ ସାମିଲ ହୋଇ ନିଜ କଳାକାରନାମାକୁ କ୍ଲିନ କରିବାରେ ସମର୍ଥ



ହେଉଛନ୍ତି ।

ଗଣତନ୍ତ୍ରରେ ସ୍ୱଚ୍ଛ ଇମେଜ ଥିବା ନେତା ଭୋଟରଙ୍କ ପ୍ରଥମ ପସନ୍ଦ । ହେଲେ ସବୁ ନେତା ଅପରାଧ ମୁକ୍ତ ହୋଇପାରୁଛନ୍ତି କି ? ଏମିତି ହେଉନି । ନ୍ୟାସନାଲ ଇଲେକ୍ସନ ୱାଚ ଓ ଏଡିଆର ରିପୋର୍ଟ ୨୦୧୯ ସାଧାରଣ ନିର୍ବାଚନରେ ୫୧୪ ଜଣ ନିର୍ବାଚିତ ସାଂସଦଙ୍କ ଭିତରୁ ୨୨୫ ଜଣ ସେମାନଙ୍କ ନାମରେ ଅପରାଧିକ ରେକର୍ଡ ଥିବା ଘୋଷଣା କରିଛନ୍ତି । ୧୪୯ (ପୃଷ୍ଠା ୭ରେ)

## ଏପ୍ରିଲ ପହିଲାରୁ ହେବ ବଡ଼ ପରିବର୍ତ୍ତନ, ବଦଳିଯିବ ନିୟମ

ଭୁବନେଶ୍ୱର, ୩୦।୩
ନ୍ୟୁଜ୍ ବ୍ୟୁରୋ

୨୦୨୩-୨୪ ଆର୍ଥିକ ବର୍ଷ ଶେଷ ହେବାକୁ ଯାଉଛି। ଆସନ୍ତା ଏପ୍ରିଲ ପହିଲାରୁ ନୂଆ ଆର୍ଥିକ ବର୍ଷ ଆରମ୍ଭ ହେବ। ତେବେ ଏହି ପହିଲାରୁ ଦେଶରେ ବଦଳିବାକୁ ଯାଉଛି ଅନେକ ନିୟମ। ଏଥିରେ ପାନ କାର୍ଡ, ଆଧାର ଏବଂ ଡେବିଟ କାର୍ଡ ସମ୍ବନ୍ଧରେ ବଡ଼ ପରିବର୍ତ୍ତନ ହେବାକୁ ଯାଉଛି ।

ଏପ୍ରିଲ ୨୦୨୪ଠାରୁ କର୍ମଚାରୀଙ୍କ ଭବିଷ୍ୟନିଧି ପାଣ୍ଠି ସଂଗଠନ (ଇପିଏଫଓ) ଏକ ସ୍ୱୟଂଚାଳିତ ପିଏଫ ଆକାଉଣ୍ଟ ଟ୍ରାନ୍ସଫର ବ୍ୟବସ୍ଥା କାର୍ଯ୍ୟକାରୀ କରିବ। ଏହି ପଦକ୍ଷେପ ଚାକିରି ବଦଳାଇବା ସମୟରେ ମାନୁଆଲ ଅନୁରୋଧର ଆବଶ୍ୟକତାକୁ ଦୂର କରିଥାଏ। ଏହାବ୍ୟତୀତ (ପୃଷ୍ଠା ୭ରେ)

### ଏକାଳ ସକାଳ



କାହା ଘର କଳି ଦାଣ୍ଡରେ ଗଡୁଛି
କିଏ କରେ ଖଣ୍ଡ ଯୁଦ୍ଧ
କେଉଁଠି ତାରକା ଖସନ୍ତି ନିଇତି
କେହି ପାରନ୍ତିନି ଭେଦ
ଉପରେ କୁହନ୍ତି ନାହିଁ ଯେ ଖେଦ
ହେଲେ ଭିତିରିଆ ତା'ର ଛିଡିଯାଏ
ତରଳି ଯାଉଛି ମେଦ।

## ତରଳୁଛି ମେରୁ ବରଫ, ମନ୍ଥର ହୋଇଯାଇଛି ପୃଥିବୀର ଘୂର୍ଣ୍ଣନ



ନୂଆଦିଲ୍ଲୀ, ୩୦।୩

ପୃଥିବୀର ଗତି ଏବେ ପୂର୍ବାପେକ୍ଷା ମନ୍ଥର ହୋଇଯାଇଛି ଏବଂ ଏହି ପରିବର୍ତ୍ତନ ଆମ ଘଡ଼ିକୁ ପ୍ରଭାବିତ କରିପାରେ। କିନ୍ତୁ କେବଳ ଗୋଟିଏ ସେକେଣ୍ଡ ପାଇଁ ନେଚରରେ ପ୍ରକାଶିତ ଏକ ଅଧ୍ୟୟନ ଅନୁଯାୟୀ, ଗ୍ଲୋବାଲ ୱାର୍ମିଂ କାରଣରୁ ଏପରି ଘଟୁଛି। ବଢୁଥିବା ତାପମାତ୍ରା ଯୋଗୁଁ ମେରୁ ବରଫ ତରଳୁଛି, ଯେଉଁ କାରଣରୁ ପୃଥିବୀ ପୂର୍ବାପେକ୍ଷା କମ ବେଗରେ ଗତି କରୁଛି ଏହାଦ୍ୱାରା ୨୦୨୯ ସୁଦ୍ଧା ବିଶ୍ୱ ସମୟ ରକ୍ଷକମାନେ ଆମ ଘଡ଼ିରୁ ଗୋଟିଏ ସେକେଣ୍ଡ ବିୟୋଗ କରିବାକୁ ଚିନ୍ତା କରିପାରନ୍ତି ବୋଲି ପ୍ରକାଶିତ ଅଧ୍ୟୟନରେ କୁହାଯାଇଛି । ଏହା କମ୍ପ୍ୟୁଟର ନେଟ୍‌ୱାର୍କ ସମୟ ପାଇଁ ଏକ ଅଭୂତପୂର୍ବ ସମସ୍ୟା ସୃଷ୍ଟି କରିବ ଏବଂ ୟୁଟିସିରେ ନିର୍ଦ୍ଧାରିତ ସମୟ ପୂର୍ବରୁ ପରିବର୍ତ୍ତନ କରିବା ଆବଶ୍ୟକ ହୋଇପାରେ ବୋଲି ଅଧ୍ୟୟନରୁ ଜଣାପଡିଛି। ଏହି ଗବେଷଣାର ଲେଖକ ହେଉଛନ୍ତି କାଲିଫର୍ଣ୍ଣିଆ ସାନ ଡିଏଗୋ। ବିଶ୍ୱବିଦ୍ୟାଳୟର ସ୍କ୍ରିପ୍ସ ଇନଷ୍ଟିଚ୍ୟୁସନ ଅଫ ଓସେନୋଗ୍ରାଫିର ଭୂତତ୍ତ୍ୱ ବିଜ୍ଞାନୀ ଡଙ୍କାନ ଆଗନ୍ୟୁ।

ସେ କହିଛନ୍ତି ଯେ ମେରୁରେ ବରଫ ତରଳିବା ସହିତ ପୃଥିବୀର ବସ୍ତୁତ କେନ୍ଦ୍ରୀଭୂତ ହୋଇଥିବା (ପୃଷ୍ଠା ୭ରେ)

## ଶ୍ରୀମନ୍ଦିରରେ ପଶିବାକୁ ଉଦ୍ୟମ କରୁଥିଲେ ବିଦେଶୀ ପର୍ଯ୍ୟଟକ, ଅଟକାଇବାରୁ ସୁରକ୍ଷାକର୍ମୀଙ୍କୁ କଲେ ଆକ୍ରମଣ

ପୁରୀ, ୩୦।୩ : ନ୍ୟୁଜ୍ ବ୍ୟୁରୋ

ନିଶାଶକ୍ତ ଅବସ୍ଥାରେ ଜଣେ ବିଦେଶୀ ପର୍ଯ୍ୟଟକ ଶ୍ରୀମନ୍ଦିରରେ ପଶିବାକୁ ଉଦ୍ୟମ କଲା ବେଳେ ସୁରକ୍ଷାକର୍ମୀଙ୍କ ହାତରେ ଧରାପଡିଥିବା ଜଣାପଡିଛି। ମହାପ୍ରଭୁଙ୍କୁ ଦର୍ଶନ କରିବାକୁ ଯାଉଥିବା ବେଳେ ଏହି ନିଶାଶକ୍ତ ବିଦେଶୀ ପର୍ଯ୍ୟଟକଙ୍କୁ ବେହରଣ ଦ୍ୱାର ନିକଟରେ ପୁଲିସ ବାଧା ଦେବାରୁ ସଂପୃକ୍ତ ପର୍ଯ୍ୟଟକ ଜଣକ ସୁରକ୍ଷାକର୍ମୀଙ୍କୁ ଆକ୍ରମଣ କରିଥିଲେ। ତେବେ ବିଦେଶୀ ପର୍ଯ୍ୟଟକଙ୍କୁ କାବୁ କରି ପୁଲିସ ଘଟଣାର ତଦନ୍ତ କରୁଛି । ଶ୍ରୀମନ୍ଦିର ଭିତରେ ପ୍ରବେଶ କରି ଥାନାରେ ଅଟକ ଥିବା ବିଦେଶୀ



ନାଗରିକଙ୍କ ଉନ୍ମତ୍ତ କାଣ୍ଡ ଦେଖିବାକୁ ମିଳିଛି। ଥାନାର କାଚ ଭାଙ୍ଗି ବିଦେଶୀ ପର୍ଯ୍ୟଟକ ଆହତ ହୋଇଛନ୍ତି। ଚିକିତ୍ସା ପାଇଁ ସଦର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଆହତ ବିଦେଶୀ ନାଗରିକ ଜଣକ ହେଲେ ଥୋମାସ କ୍ରେଜ ସେଲଡନ । (ପୃଷ୍ଠା ୭ରେ)





# ସ୍କୁଟରକୁ ଧକ୍କା ଦେଲା ଅଟୋ:ଚାଳକ ଗୁରୁତର

**ବାରଙ୍ଗ, ନ୍ୟୁଜ୍ ବ୍ୟୁରୋ**

ନନ୍ଦନକାନନ ଥାନା ଅନ୍ତର୍ଗତ ରଘୁନାଥପୁର ଗ୍ରାମ ନିକଟସ୍ଥ ଆରବିଏଲ ବ୍ୟାଙ୍କ ସମ୍ମୁଖରେ ଅଟୋ ସହିତ ଏକ ସ୍କୁଟରର ଧକ୍କା ହେବାରୁ ଜଣେ ବ୍ୟକ୍ତି ଗୁରୁତର ଆହତ ହୋଇଛନ୍ତି । ଗୁରୁତର ବ୍ୟକ୍ତି ଜଣକ ହେଉଛନ୍ତି ଭୁବନେଶ୍ୱର ରେଳ କଲୋନୀରେ ରହୁଥିବା ସୁବାଷ ଦାସ (୫୨) । ସୁବାଷଙ୍କୁ ସ୍ଥାନୀୟ ଲୋକମାନେ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଚିକିତ୍ସା ପାଇଁ ଡ଼ାକ୍ତରଖାନାରେ ଭର୍ତ୍ତି କରିଥିବା ଜଣାପଡିଛି । ସୂଚନା ମୁତାବକ ଶୁକ୍ରବାର ପୂର୍ବାହ୍ନ ପ୍ରାୟ ୯.୪୦ ସମୟରେ ଭୁବନେଶ୍ୱରରୁ ନନ୍ଦନକାନନ ଅଭିମୁଖେ ଆସୁଥିବା ଏକ ସ୍କୁଟରକୁ ସେହି ଦିଗରୁ ଆସୁଥିବା ଅନ୍ୟ ଏକ ପାସେଞ୍ଜର ଅଟୋ ଧକ୍କା ଦେଇଥିଲା । ଯାହାଫଳରେ ଘଟଣା ସ୍ଥଳରେ ସ୍କୁଟର ଚାଳକ ସୁବାଷ ଗାଡିରୁ ରାସ୍ତା ଉପରେ ଛିଟିକି ପଡି ଗୁରୁତର ଆହତ ହୋଇଥିଲେ । ତାଙ୍କ ମୁହଁ ଏବଂ ମୁଣ୍ଡରେ ଗୁରୁତର ଆଘାତ ଲାଗିଥିଲା । ସ୍ଥାନୀୟ ଲୋକଙ୍କ ସହାୟତାରେ ତାଙ୍କୁ ଚିକିତ୍ସା ପାଇଁ ନିକଟସ୍ଥ ଡାକ୍ତରଖାନାକୁ ପଠାଯାଇଥିଲା ।

# ବିଜେପି ଛାଡ଼ିଲେ କଟକ ଜିଲ୍ଲାସଭାପତି ପ୍ରକାଶ ବେହେରା:ବିଜେଡ଼ିରେ ସାମିଲନେଇ ଚର୍ଚ୍ଚା

**କଟକ, ନ୍ୟୁଜ୍ ବ୍ୟୁରୋ**

ବିଜେପି ଛାଡ଼ିଲେ କଟକ ଜିଲ୍ଲା ବିଜେପି ସଭାପତି ପ୍ରକାଶ ବେହେରା । ଦଳର ପ୍ରାଥମିକ ସଦସ୍ୟ ପଦରୁ ସେ ଇସ୍ତଫା ଦେଇଛନ୍ତି । ସେ ସାଲେପୁରର ପୂର୍ବତନ ବିଧାୟକ ଥିଲେ । ରାଜ୍ୟ ସଭାପତି ମନମୋହନ ସାମଲଙ୍କୁ ଇସ୍ତଫା ପତ୍ର ପଠାଇ ଦଳର ସଦସ୍ୟ ପଦରୁ ଇସ୍ତଫା ଦେଇଛନ୍ତି । ତେବେ ବିଜେପି ଛାଡିବା ପରେ ବର୍ତ୍ତମାନ ସେ ବିଜେଡିରେ ମିଶିବା ନେଇ ଚର୍ଚ୍ଚା ଜୋର୍ ଧରିଛି । ପ୍ରକାଶ ବେହେରାଙ୍କ ଦଳ ଡିଆଁ ପର୍ବ ଜାରି ରହିଛି ପ୍ରଥମେ କଂଗ୍ରେସ ପରେ ବିଜେପି ଏବଂ ବର୍ତ୍ତମାନ ବିଜେଡିରେ ଯୋଗଦେବା ନେଇ ଖବର ମିଳିଛି । ପୂର୍ବରୁ ସାଲେପୁରର କଂଗ୍ରେସ ବିଧାୟକ ରହିଥିବା ବେଳେ ବର୍ତ୍ତମାନ ତାଙ୍କୁ ବିଜେଡିରୁ ଟିକେଟ ମିଳିବା ସୂଚନା ହେଉଛି । ସେ ବିଜେଡି ଟିକେଟରୁ ସାଲେପୁରର ପ୍ରାର୍ଥୀ ହୋଇପାରନ୍ତି ବୋଲି ରାଜନୈତିକ ମହଲରେ ଚର୍ଚ୍ଚା ହେଉଛି । ସାଲେପୁରର ପୂର୍ବତନ ବିଧାୟକ ଥିଲେ ପ୍ରକାଶ: ୨୦୧୪ ନିର୍ବାଚନରେ ପ୍ରକାଶ ବେହେରା ସାଲେପୁରରୁ କଂଗ୍ରେସ ଟିକେଟରେ ଲଢ଼ି ବିଜୟୀ ହୋଇଥିଲେ । ୨୦୧୯ ନିର୍ବାଚନ ପୂର୍ବରୁ କଂଗ୍ରେସ ଛାଡ଼ି ବିଜେପିରେ ସାମିଲ ହେବା ସହ, ବିଜେପି ପକ୍ଷରୁ ସାଲେପୁର ବିଧାନସଭା ପାଇଁ ଲଢ଼ି ପରାଜିତ ହୋଇଥିଲେ । ୨୦୧୯ରେ ସେ ବିଜେଡି ପ୍ରାର୍ଥୀ ପ୍ରଶାନ୍ତ ବେହେରାଙ୍କ ଠାରୁ ହାରିଥିଲେ । ସେ ଦଳ ଛାଡିବା ପରେ ସାଲେପୁର ରାଜନୀତି ସରଗରମ ରହିଛି । ପ୍ରକାଶଥାଉକି, ବିଜେଡି ପ୍ରଥମ ପର୍ଯ୍ୟାୟରେ ୭୨ଟି ବିଧାନସଭା ଆସନ ପାଇଁ ପ୍ରାର୍ଥୀ ଘୋଷଣା କରିଥିଲା । କିନ୍ତୁ ବର୍ତ୍ତମାନ ସୁଦ୍ଧା ସାଲେପୁର ବିଧାନସଭା ସିଟ୍ ପାଇଁ ବିଜେଡି ପ୍ରାର୍ଥୀ ଘୋଷଣା କରିନଥିବା ବେଳେ ସେ ସାଲେପୁରରୁ ବିଜେଡି ଟିକେଟରେ ଲଢିବା ନେଇ ଚର୍ଚ୍ଚା ହେଉଛି । ପ୍ରକାଶ ବେହେରାଙ୍କ ରାଜ୍ୟ ସଭାପତି ମନମୋହନ ସାମଲଙ୍କୁ ପଠାଇଥିବା ଇସ୍ତଫା ପତ୍ରରେ ଲେଖିଛନ୍ତି, ମୁଁ ବିଜେପି ଛାଡିବି । ଏହାସହ କଟକ ଜିଲ୍ଲା ବିଜେପି ସଭାପତି ପଦରୁ ମଧ୍ୟ ଇସ୍ତଫା ଦେଉଛି । ମୁଁ ସର୍ବଦା ମୋ ପଦକୁ ନ୍ୟାୟ ଦେବା ପାଇଁ ପ୍ରୟାସ କରି ଆସିଛି । ଦଳକୁ ମାଇଲଖୁଣ୍ଟ ହାସଲ କରାଇବା ପାଇଁ ସର୍ବଦା ଚେଷ୍ଟା କରିଥିଲି । କିନ୍ତୁ ମୁଁ ଏହାକୁ ସଠିକ୍ ଭାବେ ତୁଲାଇ ପାରିନାହିଁ କିନ୍ତୁ ଦଳ ମୋତେ ଏଭଳି ପଦ ଏବଂ ଆପଣଙ୍କ ଠାରୁ ପାଇଥିବା ନେତୃତ୍ୱ ଯୋଗୁଁ ମୁଁ ଧନ୍ୟବାଦ ଜ୍ଞାପନ କରୁଛି ।

# କାର୍ ସହ ଗଞ୍ଜେଇ ଜବତ:୨ ଗିରଫ

**ସୁବର୍ଣ୍ଣପୁର, ନ୍ୟୁଜ୍ ବ୍ୟୁରୋ**

ସୁବର୍ଣ୍ଣପୁର ସହରର ପଟାଭାଡି ଛକରେ ଅବକାରୀ ବିଭାଗ ପକ୍ଷରୁ ଚଢଉ କରାଯାଇଥିଲା । ଗଞ୍ଜେଇ ଚୋରାଚାଲାଣ କରୁଥିବା ଖବରପାଇ ଚଢ଼ଉ କରି ଅନୁଗୋଳ ଜିଲ୍ଲାର ଶରତ ନାଏକ (୩୮) ଓ ରଞ୍ଜନ କୁମାର ସିଂ (୩୯)ଙ୍କୁ ଗିରଫ କରାଯାଇଛି । ଏହି ଘଟଣାରେ ଗୋଟିଏ କାର୍ ଓ ୫୦ କିଲୋ ଗଞ୍ଜେଇ ଜବତ ହୋଇଛି । ଏ ସମ୍ପର୍କରେ ସୋନପୁର ଅବକାରୀ ଥାନା ପକ୍ଷରୁ ମାମଲା ରୁଜୁ ହୋଇଛି । ଅଭିଯୁକ୍ତ ଦ୍ୱୟଙ୍କୁ କୋର୍ଟ ଚାଲାଣ କରାଯାଇଛି । ପ୍ରକାଶ ଯେ, ଅନୁଗୋଳ ଜିଲ୍ଲା କିଶୋରନଗର ଥାନା ଟୁକୁଡା ଗ୍ରାମର ଶରତ ଓ କରଡଙ୍ଗବାହାଲି ଗ୍ରାମର ରଞ୍ଜନ କୁମାର ଏକ ଧଳା ରଙ୍ଗର ହୁଣ୍ଡାଇ କାର୍‌ରେ ଗଞ୍ଜେଇ ଚୋରା ଚାଲାଣ କରୁଥିଲେ । ଅବକାରୀ ବିଭାଗ କର୍ମଚାରୀମାନେ କାର୍‌କୁ ଅଟକାଇଥିଲେ । ଏହି ସମୟରେ କାର୍ ଭିତରୁ ୨ଟି ଗଞ୍ଜେଇ ଭର୍ତ୍ତି ଧଳାରଙ୍ଗର ଜରିବସ୍ତା ଠାବ ହୋଇଥିଲା । ଅଭିଯୁକ୍ତ ଦ୍ୱୟ ବୌଦ୍ଧ ଜିଲ୍ଲାରୁ ଗଞ୍ଜେଇ କିଣି ଅନୁଗୋଳକୁ ଚୋରା ଚାଲାଣ କରୁଥିଲେ । ବିଶ୍ୱସ୍ତ ସୁତ୍ରରୁ



ଖବରପାଇ ସୁବର୍ଣ୍ଣପୁର ଅବକାରୀ ଅଧୀକ୍ଷକ ପ୍ରବୀର କୁମାର ସାମଲଙ୍କ ନିର୍ଦ୍ଦେଶରେ ସୋନପୁର ରେଞ୍ଜ ଇନ୍ସପେକ୍ଟର ପ୍ରକାଶ ସା, ମୋବାଇଲ ଇନ୍ସପେକ୍ଟର ହରପ୍ରସାଦ ରଣା, ସୋନପୁର ସଦର ଅବକାରୀ ଥାନା ସବ୍‌ଇନ୍ସପେକ୍ଟର ଶାନ୍ତନୁ କୁମାର ପଟ୍ଟନାୟକ, ସୁମିତ୍ରା ହେମ୍ବ୍ରମ୍, ଏଏସଆଇ ଭେଙ୍କଟ ରମଣ ବେହେରା, ପିଣ୍ଟୁ ସାହୁ, ପୃଥ୍ୱୀରାଜ କୁଅଁର, ଡୋଳାମଣି ପଧାନ ଓ କନେଷ୍ଟବଳ ପ୍ରମୁଖ ଏହି ଚଢଉରେ ସାମିଲ ହୋଇଥିଲେ ।

# ସାଂସଦ ପ୍ରାର୍ଥୀ ସୁଦାମ ମାରାଣ୍ଡିଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା

**ବାରିପଦା, ନ୍ୟୁଜ୍ ବ୍ୟୁରୋ**

ମୟୂରଭଞ୍ଜ ଜିଲ୍ଲାର ସାଂସଦ ପ୍ରାର୍ଥୀ ବିଜେଡି ପକ୍ଷରୁ ଘୋଷଣା ପରେ ଜିଲ୍ଲାକୁ ଫେରିଲେ ସାଂସଦ ପ୍ରାର୍ଥୀ ସୁଦାମ ମାରାଣ୍ଡି । ଆଗାମୀ ୨୦୨୪ ନିର୍ବାଚନ ପାଇଁ ମୟୂରଭଞ୍ଜ ସାଂସଦ ପ୍ରାର୍ଥୀଙ୍କୁ ସ୍ୱାଗତ ଜଣାଇବା ପାଇଁ ବାରିପଦା ପାଲବନି ଠାରୁ ଏକ ବିଶାଳ ରାଲି ବାହାରି ଲାଖବଘରା, ବାଲେଶ୍ୱର ଗୋଲେଇ, ପରେ ସହର ମଧ୍ୟରେ ଥିବା ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଛି । ଶ୍ରୀରାମ ଚନ୍ଦ୍ର ଭଞ୍ଜଦେବଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ପରେ ସୁନାରାମ ଷ୍ଟେଚ୍ୟୁରେ ମାଲ୍ୟାର୍ପଣ କରି ବାରିପଦା ସହର ପରିକ୍ରମା କରିଥିଲେ । ଏହାପରେ ବାରିପଦା ବିଜୁ ଜନତା ଦଳ କାର୍ଯ୍ୟାଳୟରେ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ । ଦଳୀୟ କର୍ମୀ ଓ ଜନସାଧାରଣ ସେପଟେ ଦଳ ସୁପ୍ରିମୋ ନବୀନ ପଟ୍ଟନାୟକଙ୍କୁ ଧନ୍ୟବାଦ ଜଣାଇବା ସହ ଜନ ସାଧାରଣଙ୍କୁ ଧନ୍ୟବାଦ ଜଣାଇଛନ୍ତି ସୁଦାମ ମାରାଣ୍ଡି ।

# ୨ ବର୍ଷ ହେଲା ତୁଟୁନି ଆପାର୍ଟମେଣ୍ଟ ଅଡୁଆ:ଗଢ଼ା ହୋଇପାରୁନି ସୋସାଇଟି

**କଟକ, ନ୍ୟୁଜ୍ ବ୍ୟୁରୋ**

ଦୁଇ ବର୍ଷ ତଳେ ଓଡ଼ିଶା ହାଇକୋର୍ଟ ରାଜ୍ୟରେ ଫ୍ଲାଟ୍ କିଣାବିକା ଉପରେ କଟକଣା ଜାରି କରିଥିଲେ । ଯେପର୍ଯ୍ୟନ୍ତ ଫ୍ଲାଟ୍ ଓନରସିପ୍ ଆଇନ୍ ଆସିନାହିଁ ସେପର୍ଯ୍ୟନ୍ତ ଫ୍ଲାଟ୍ କିଣାବିକା ହୋଇପାରିବ ନାହିଁ ବୋଲି ହାଇକୋର୍ଟ କହିଥିଲେ । ହାଇକୋର୍ଟଙ୍କ ଏହି ଆଦେଶକୁ ଇତିମଧ୍ୟରେ ଦୁଇ ବର୍ଷ ପୂରିବାକୁ ବସିଲାଣି । ହାଇକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ରାଜ୍ୟ ସରକାର ପ୍ରଥମେ ଏ ସଂକ୍ରାନ୍ତି ଆଇନ୍ ଏବଂ ପରେ ରୁଲ୍ସ ମଧ୍ୟ ଆଣିଲେ । ଏହା ସତ୍ତ୍ୱେ ଫ୍ଲାଟ୍ କିଣାବିକାକୁ ନେଇ ଲାଗି ରହିଥିବା ଅଡୁଆ ଏଯାଏ ତୁଟିଲା ନାହିଁ । ନୂଆ ଆଇନ୍ ଅନୁଯାୟୀ ସୋସାଇଟି ଗଠନ ହୋଇପାରୁନଥିବାରୁ ଫ୍ଲାଟ୍ ବିକ୍ରି-ଖର୍ଦ୍ଦି ହୋଇପାରୁନାହିଁ । ଏହାଦ୍ୱାରା ରାଜ୍ୟ ସରକାର ବିପୁଳ ପରିମାଣର ରାଜସ୍ୱ ହରାଉଛନ୍ତି । ୨୦୨୧-୨୨ ରୁ ୨୦୨୨-୨୩ ଏବଂ ୨୦୨୩-୨୪ ମଧ୍ୟରେ ରାଜ୍ୟ ସରକାରଙ୍କୁ ଫ୍ଲାଟ୍ କିଣାବିକାରୁ ଆସୁଥିବା ଷ୍ଟାମ୍ପ କ୍ଲିୟଟି ବାବଦରେ ପ୍ରାୟ ହଜାରେ କୋଟି ଟଙ୍କାର ରାଜସ୍ୱ ହରାଇଥିବା ଆକଳନ କରାଯାଉଛି । ଅନ୍ୟପକ୍ଷରେ ଆଇନ୍ ଅନୁଯାୟୀ ଆପାର୍ଟମେଣ୍ଟ ଜମି ସୋସାଇଟି ନାମରେ କରାଯିବ, ଏବାବଦ ଷ୍ଟାମ୍ପ ଡ୍ୟୁଟି କିଏ ଦେବ ସେନେଇ ବିବାଦ ଦେଖାଦେଇଛି । ଗୋଟେ ଆପାର୍ଟମେଣ୍ଟ ଯଦି ବଡ଼ ବା ଅଧିକ ଜମିରେ ହେଉଛି, ସେ ବାବଦରେ ଷ୍ଟାମ୍ପ ଡ୍ୟୁଟି କୋଟି କୋଟି ଟଙ୍କା ହେବ । ତାହେଲେ ଏହି ଷ୍ଟାମ୍ପ ଡ୍ୟୁଟି ବାବଦ ଅର୍ଥ କାହାଠାରୁ ଆଦାୟ କରାଯିବ । ସେନେଇ ଆଇନ୍‌ରେ କୌଣସି ସ୍ପଷ୍ଟ ସୂଚନା ନାହିଁ । ବିନା ଆଇନ୍‌ରେ ରାଜ୍ୟରେ ଫ୍ଲାଟ୍ କିଣାବିକା ହୋଇ ଆସୁଥିବାରୁ ହାଇକୋର୍ଟରେ ଏନେଇ ଏକ ମାମଲା ରୁଜୁ ହୋଇଥିଲା । ହାଇକୋର୍ଟ ମାମଲାର ଶୁଣାଣି କରି ଆଇଜିଆର୍‌ଙ୍କୁ ଆଇନ୍ ଅନୁଯାୟୀ ଆସୋସିଏସନ୍ ଅଫ୍ ଆଲଟିକ୍ ଗଠନ ପରେ ଫ୍ଲାଟ୍ କିଣାବିକା କରାଯାଇପାରିବ ବୋଲି ନିର୍ଦ୍ଦେଶ ଦେଇଥିଲେ । ୨୦୨୨ ମେ' ୧୨ରେ ହାଇକୋର୍ଟ ଏହି ନିର୍ଦ୍ଦେଶ ଦେଇଥିଲାବେଳେ ଏହା ପରଠାରୁ ଆଇଜିଆରଙ୍କ ପକ୍ଷରୁ ଫ୍ଲାଟ୍ କିଣାବିକାକୁ ସମ୍ପୂର୍ଣ୍ଣ ଭାବେ ବନ୍ଦ କରିଦିଆଯାଇଥିଲା । ସେବେଠାରୁ ଆଉ ଫ୍ଲାଟ୍ କିଣାବିକା ହୋଇପାରୁନାହିଁ । ଦେଢ଼ ବର୍ଷ ଧରି ଏହି ମାମଲାର ଶୁଣାଣି ଚାଲିବା ପରେ ୨୦୨୩ ସେପ୍ଟେମ୍ବରରେ ପ୍ରଥମେ ରାଜ୍ୟ ସରକାର ଆଇନ୍ ଆଣିଥିଲେ କିନ୍ତୁ ଏହି ଆଇନ୍ ଆସିଲା ପରେ ମଧ୍ୟ ରୁଲ୍ସ ଆସିବାକୁ ପୁଣି ପାଞ୍ଚ ମାସ ସମୟ ଲାଗି ଯାଇଥିଲା । ଚଳିତବର୍ଷ ଫେବୃୟାରୀ ୧୬ରେ ରାଜ୍ୟ ସରକାର ରୁଲ୍ସ ଆଣିଥିଲେ । ଏତେସବୁ ସତ୍ତ୍ୱେ ଆଜିବି ରାଜ୍ୟରେ ଫ୍ଲାଟ୍ କିଣା-ବିକା ସମ୍ଭବ ହୋଇପାରୁନାହିଁ । ଏ ସଂକ୍ରାନ୍ତିରେ ଆଇନଜୀବୀ ମୋହିତ ଅଗ୍ରୱାଲ କହିଛନ୍ତି ଯେ, ରାଜ୍ୟ ସରକାର ଯେଉଁ ରୁଲ୍ସ ଆଣିଛନ୍ତି ସେହି ଅନୁସାରେ ଯେଭଳି ଭିତ୍ତିଭୂମିର ଆବଶ୍ୟକତା ରହିଛି ତାହା ଆଜି ପର୍ଯ୍ୟନ୍ତ ପ୍ରସ୍ତୁତ ହୋଇପାରିନାହିଁ । ଏହି ଭିତ୍ତିଭୂମି ପ୍ରସ୍ତୁତ କାର୍ଯ୍ୟ କରିବା ହେଉଛି ବିଭିନ୍ନ ଉନ୍ନୟନ କର୍ତ୍ତୃପକ୍ଷଙ୍କର କିନ୍ତୁ ଆଜି ପର୍ଯ୍ୟନ୍ତ ବିଡିଏ ଅବା ସିଡିଏ କିମ୍ବା ପିକେଡିଏ ସେମାନଙ୍କ ସ୍ତରରେ ଫ୍ଲାଟ୍ ବିକ୍ରି ଖର୍ଦ୍ଦି ପାଇଁ କୌଣସି ପ୍ରକାର ଭିତ୍ତିଭୂମି ତିଆରି କରିନାହାନ୍ତି । ଫଳରେ ଫ୍ଲାଟ୍ ଓନରସିପ୍ ଆସୋସିଏସନ୍ ଆଇନ୍ ଅନୁଯାୟୀ ଗଠନ ହୋଇପାରୁନାହିଁ । ଯଦି ଏହି ଆସୋସିଏସନ୍ ଗଠନ ନହୁଏ ତାହେଲେ ଫ୍ଲାଟ୍ ମଧ୍ୟ ବିକ୍ରି-ଖର୍ଦ୍ଦି ହୋଇପାରିବ ନାହିଁ ବୋଲି ଶ୍ରୀ ଅଗ୍ରୱାଲ କହିଛନ୍ତି । ଅପରପକ୍ଷରେ ପ୍ରକଳ୍ପ ଜମିକୁ ଆସୋସିଏସନ୍ ନାମରେ ଟ୍ରାନ୍ସଫର କରାଯିବ ବୋଲି ନିୟମ ଅନୁଯାୟୀ ସ୍ଥିର ହୋଇଛି । କିନ୍ତୁ ସେ ବାବଦ ଷ୍ଟାମ୍ପ ଡ୍ୟୁଟି କିଏ ଜମା କରିବ ବୋଲି ସେ ନେଇ ଆଇନ୍‌ରେ କୌଣସି କଥା ସୃଷ୍ଟି କରାଯାଇନାହିଁ ବୋଲି ଶ୍ରୀ ଅଗ୍ରୱାଲ କହିଛନ୍ତି । ଫଳରେ ସମସ୍ୟାର ସମାଧାନ ହୋଇପାରୁନାହିଁ ବୋଲି ଶ୍ରୀ ଅଗ୍ରୱାଲ କହିଛନ୍ତି ।

# 'ଜୟ ଓଡ଼ିଶା' ପକ୍ଷରୁ ୧୫୦ ୟୁନିଟ୍ ରକ୍ତ ସଂଗ୍ରହ



**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ଦିନକୁ ଦିନ ବଢୁଥିବା ଖରା ଯୋଗୁ ଏବେ ଭୁବନେଶ୍ୱରର କ୍ୟାପିଟାଲ୍ ହସ୍ପିଟାଲରେ ଅତ୍ୟଧିକ ରକ୍ତର ଅଭାବ ଦେଖାଯାଉଥିବାରୁ ବିଜୁ ଜନତା ଦଳର ରାଜ୍ୟ ଯୁଗ୍ମ ସମ୍ପାଦକ ରୁଦ୍ର ନାରାୟଣ ସାମନ୍ତରାୟ ନିଜର ଜୟ ଓଡ଼ିଶା ସଂଗଠନ ଦ୍ୱାରା ଏକ ପାଞ୍ଚ ଦିନିଆ ରକ୍ତଦାନ ଶିବିରର ଆୟୋଜନ କରିଥିଲେ । ଯାହା ମାର୍ଚ୍ଚ ୨୭ ରୁ ଆରମ୍ଭ ହୋଇ ମାର୍ଚ୍ଚ ୩୧ ତାରିଖ ପର୍ଯ୍ୟନ୍ତ ଚାଲୁ ରହିଥିଲା । ତିନିଦିନ ଧରି ଅନେକ ବ୍ୟକ୍ତି ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କରିବାକୁ ଆଗେଇ ଆସିଥିବା ବେଳେ କ୍ରମାଗତ ଭାବେ ପ୍ରଥମ ଦିନରେ ୪୦ ୟୁନିଟ୍, ଦ୍ୱିତୀୟ ଦିନରେ ୬୦ ୟୁନିଟ୍ ଏବଂ ତୃତୀୟ ଦିନରେ ୫୦ ୟୁନିଟ୍ ରକ୍ତ ସଂଗ୍ରହ ହୋଇଛି । ନିଜ ବ୍ୟସ୍ତବହୁଳ କାର୍ଯ୍ୟସୂଚୀ ଓ ନିର୍ବାଚନୀ କାର୍ଯ୍ୟ ମଧ୍ୟରେ ସମାଜସେବାକୁ ଭୁଲିଯାଇନଥିବା ରୁଦ୍ର ସାମନ୍ତରାୟଙ୍କର ମାନବିକତା ସମସ୍ତଙ୍କ ମନକୁ ଛୁଇଁ ପାରିଛି । ସେହିଭଳି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନୀତି ଆଦର୍ଶରେ ପ୍ରେରିତ ରୁଦ୍ର ସବୁବେଳେ ନିଜକୁ ଜନସାଧାରଣଙ୍କ ସହ ଜଡିତ ରଖିବାକୁ ପସନ୍ଦ କରିଥାନ୍ତି । ଏଣୁ ପ୍ରତିଦିନ ଭୁବନେଶ୍ୱର ମଧ୍ୟ ନିର୍ବାଚନ ମଣ୍ଡଳୀର ବିଭିନ୍ନ ଅଞ୍ଚଳକୁ ଯାଇ ଲୋକଙ୍କ ସହିତ ମିଶିବା ସହ ସେମାନଙ୍କର ସୁବିଧା ଅସୁବିଧା ବୁଝୁଛନ୍ତି ଓ ସରକାରଙ୍କର ଯୋଜନା ବିଷୟରେ ଅବଗତ କରାଉଛନ୍ତି । ସେମାନଙ୍କୁ ପବିତ୍ର ତୁଳସୀ ପ୍ରଦାନ କରି ଆଶୀର୍ବାଦ ଗ୍ରହଣ କରିବା ସହ ଏକ ସୁସମ୍ପର୍କର ସ୍ଥାପନା କରୁଛନ୍ତି । ୩୩ନଂ ଓ ୨୯ନଂ ଓ୍ୱାର୍ଡର କିଛି ବାସିନ୍ଦାଙ୍କୁ ଭେଟି ତାଙ୍କର ଭଲମନ୍ଦ ବୁଝିଥିଲେ । 'ସମ୍ପର୍କ ହିଁ ସମ୍ପଦ' ଏହି ଲକ୍ଷ୍ୟରେ ବର୍ତ୍ତମାନ ସୁଦ୍ଧା ପ୍ରାୟ ୫୦୦ଟି ତୁଳସୀ ଚାରା ବଣ୍ଟନ କରି ଲୋକମାନଙ୍କ ସହ ବ୍ୟକ୍ତିଗତ ଭାବେ ଯୋଡି ହୋଇପାରିଛନ୍ତି ଓ ସମସ୍ତଙ୍କର ପ୍ରିୟଭାଜନ ହୋଇପାରିଛନ୍ତି ।

# ଧର୍ମଶାଳା ମୁନିସୀ ମେଳଣ ଉଦ୍‌ଯାପିତ

**ଧର୍ମଶାଳା, ନ୍ୟୁଜ୍ ବ୍ୟୁରୋ**

ଐତିହାସିକ ୧୪୮ ତମ ଧର୍ମଶାଳା ମୁନିସୀ ମେଳଣ ଶୁକ୍ରବାର ଦିନ ଉଦ୍‌ଯାପିତ ହୋଇଯାଇଛି । ଗୁରୁବାର ରାତିରେ ଆରମ୍ଭ ହୋଇଥିବା ମେଳଣରେ ୪୦ରୁ ଊର୍ଦ୍ଧ୍ୱ ବିମାନ ଯୋଗଦେଇଥିଲେ । ମୁନିସୀ ମେଳଣ କମିଟି ପକ୍ଷରୁ ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ବ୍ୟାପକ ପଦକ୍ଷେପ ଗ୍ରହଣ କରାଯାଇଥିଲା । ଧର୍ମଶାଳା ହାଟପଡିଆରେ ଅନୁଷ୍ଠିତ ହୋଇଥିବା ଏହି ମେଳଣ ପାଇଁ ବିମାନ ଗୁଡ଼ିକ ଧର୍ମଶାଳା ହାଇସ୍କୁଲ ସମ୍ମୁଖରୁ ଓ ବ୍ରାହ୍ମଣୀନଦୀ ବନ୍ଧ ନିକଟରୁ ରୋଷଣୀକରି ହାଟପଡିଆ ଆସିଥିଲେ । ସେଠାରେ ସମସ୍ତ ବିମାନରେ ଠାକୁର ଶ୍ରୀରାଧାକୃଷ୍ଣଙ୍କୁ ପୂଜାର୍ଚ୍ଚନା ପରେ ବିଦାକି ଦିଆଯାଇଥିଲା । ଗୁରୁବାର ସନ୍ଧ୍ୟାରେ କମିଟି ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ମେଳଣରେ ଅତିଥି ଭାବେ ଯାଜପୁର ଏସପି ଭିନିତ ଅଗ୍ରୱାଲ, ଅତିରିକ୍ତ ଏସ୍‌ପି ସିତିକଣ୍ଠ କାନୁନ୍‌ଗୋ, ଏସ୍‌ଡିପିଓ ସଞ୍ଜୟ କୁମାର ପଟ୍ଟନାୟକ, ବ୍ଲକ ଅଧ୍ୟକ୍ଷ ପ୍ରଭାତ କୁମାର ବଳବନ୍ତରାୟ, ଯାଜପୁର ଅବସରପ୍ରାପ୍ତ ସିଡି ଏମଓ ଡାକ୍ତର ବିଜୟକୁମାର ଶତପଥୀ ଯୋଗଦେଇ ମେଳଣକୁ ଉପଭୋଗ କରିଥିଲେ । କମିଟିର ସଭାପତି ଧର୍ମଶାଳା ଥାନା ଅଧିକାରୀ ତପନ କୁମାର ନାୟକ, କାର୍ଯ୍ୟକାରୀ ସଭାପତି ବିପିନ ବିହାରୀ ନାୟକ, ସମ୍ପାଦ କଳାଧର ମହାନ୍ତି, ସହସମ୍ପାଦକ ପ୍ରମୋଦ କୁମାର ଦାସ, ଅଜୟ କୁମାର ନାୟକ, ବସନ୍ତ କୁମାର ପରିଡ଼ା, ସୁଦୀପ୍ତ କୁମାର ସ୍ୱାଇଁ, ସନ୍ତୋଷ କୁମାର ଜେନା, ଗଙ୍ଗାଧର ମହାରଣା, ପ୍ରଭୁଦତ୍ତ ଜେନା, ନିରଞ୍ଜନ ମୁଦୁଲିଙ୍କ ସମେତ ବହୁ ସଭ୍ୟ ଓ ଥାନାର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ ।

# ଥାନା ଅଧିକାରୀଙ୍କୁ ନେଇ ଜିଲ୍ଲାପାଳଙ୍କ ବୈଠକ

**ବୌଦ୍ଧ, ନ୍ୟୁଜ୍ ବ୍ୟୁରୋ**

ବୌଦ୍ଧ ଜିଲ୍ଲାପାଳ ଜେ. ସୋନାଲଙ୍କ ଅଧ୍ୟକ୍ଷତାରେ ଜିଲ୍ଲାର ସମସ୍ତ ଥାନା ଅଧିକାରୀମାନଙ୍କୁ ନେଇ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ରାଜ ପ୍ରସାଦ, ଉପଖଣ୍ଡ ପୋଲିସ୍ ଅଧିକାରୀ କୁଲଦୀପ୍ ମୀନାଙ୍କ ସମେତ ଜିଲ୍ଲାର ସମସ୍ତ ଥାନାର ଅଧିକାରୀମାନେ ଯୋଗଦେଇଥିଲେ । ଆସନ୍ତା ଲୋକସଭା ଓ ବିଧାନସଭା ନିର୍ବାଚନ ପରିପ୍ରେକ୍ଷୀରେ ନିଜ ନିଜ ଥାନା ଅଞ୍ଚଳରେ ଆଇନ୍ ଶୃଙ୍ଖଳା ରକ୍ଷା ଓ ଚୋରା ମାଦକ ଦ୍ରବ୍ୟର ବିକ୍ରିବଟା ଉପରେ ସଜାଗ ରହିବାକୁ ଜିଲ୍ଲାପାଳ ଓ ଆରକ୍ଷୀ ଅଧୀକ୍ଷକ ଥାନା ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ ।

## ବିଜେଡ଼ି ପ୍ରାର୍ଥୀ ନିରଞ୍ଜନ ପୂଜାରୀଙ୍କୁ ସୁବର୍ଣ୍ଣପୁରରେ ବିପୁଳ ସମ୍ବର୍ଦ୍ଧନା

# ମାଁ ସୁରେଶ୍ୱରୀଙ୍କ ଆଶୀର୍ବାଦ ନେଇ ଆରମ୍ଭକଲେ ପରିବାରସମ୍ପର୍କ ଅଭିଯାନ



**ସୁବର୍ଣ୍ଣପୁର, ନ୍ୟୁଜ୍ ବ୍ୟୁରୋ**

ସୁବର୍ଣ୍ଣପୁର ଠାରେ ପ୍ରାକ୍ତନ ମନ୍ତ୍ରୀ ତଥା ସୋନପୁର ନିର୍ବାଚନ ମଣ୍ଡଳୀର ବିଜୁ ଜନତା ଦଳ ପ୍ରାର୍ଥୀ ନିରଞ୍ଜନ ପୂଜାରୀଙ୍କୁ ଗୁରୁବାର ସନ୍ଧ୍ୟା ସମୟରେ ଜିଲ୍ଲା ବିଜେଡି ଦଳ ପକ୍ଷରୁ ବିପୁଳ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି । ଶ୍ରୀ ପୂଜାରୀ ନବୀନ ନିବାସରେ ମୁଖ୍ୟମନ୍ତ୍ରୀଙ୍କୁ ଭେଟି କୃତଜ୍ଞତା ଜଣାଇ ନିଜ ନିର୍ବାଚନ ମଣ୍ଡଳୀକୁ ଫେରିବା ପରେ ମନମୁଣ୍ଡା ତେଲ ନଦୀ ବ୍ରିଜ୍ ଠାରୁ ଦଳ ପକ୍ଷରୁ ଏକ ବିରାଟ ବାଇକ୍ ଶୋଭାଯାତ୍ରାରେ ପାଛୋଟି ଆଣିବା ସହ ପ୍ରଥମେ ଟାଉନ୍ ହଲ୍ ଓ ନଳିନୀ ଛକ ଦେଇ ସୋନପୁର ଇଷ୍ଟଦେବୀ ମାଁ ସୁରେଶ୍ୱରୀଙ୍କ ମନ୍ଦିର ଯାଏ ପାଛୋଟି ନିଆଯାଇଥିଲା । ଶ୍ରୀ ପୂଜାରୀ ପ୍ରଥମେ ମାଁ ସୁରେଶ୍ୱରୀଙ୍କ ଦର୍ଶନ ଲାଭ କରି ଆଶୀର୍ବାଦ ଭିକ୍ଷା କରିଥିଲେ ଏବଂ ଆଗାମୀ ଦିନରେ ସୁବର୍ଣ୍ଣପୁର ଅଞ୍ଚଳ ତଥା ରାଜ୍ୟର ସାମୂହିକ ବିକାଶ ଲାଗି ସଂକଳ୍ପ ନେଇଥିଲେ । ପରେ ପରେ ଉପସ୍ଥିତ ହଜାର ହଜାର ଦଳୀୟ ନେତା ଓ କର୍ମୀଙ୍କ ସହିତ ଆଲୋଚନା କରି ଆଗାମୀ ନିର୍ବାଚନର ରଣନୀତି ପ୍ରସ୍ତୁତ କରିବାକୁ ଓ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସୁଶାସନ ଓ ସଧାରଣବର୍ଗ ଲୋକଙ୍କ ବିକାଶ ଲାଗି ଲାଗୁ ହୋଇଥିବା ବିଭିନ୍ନ ଯୋଜନା ସବୁ ଉପରେ ପ୍ରଚାର ପ୍ରସାର କରିବାକୁ ଆହ୍ୱାନ କରିବା ସହିତ ପରିବାର ସମ୍ପର୍କ ଅଭିଯାନ ଓ ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମ ପହଞ୍ଚାଇବାକୁ ଶ୍ରୀ ପୂଜାରୀ ଆହ୍ୱାନ ଦେଇଥିଲେ । ବିଜେଡି ଜିଲ୍ଲା ସଭାପତି ସରୋଜ କମ୍ପ, ଉପ ସଭାପତି ରମେଶ ପୂଜାରୀ, ସୋନପୁର ବ୍ଲକ ଅଧ୍ୟକ୍ଷ ପ୍ରହ୍ଲାଦ ନାଏକ, ପୌରପରିଷଦ ଅଧ୍ୟକ୍ଷା ତାମସୀ ତାମସ୍ମିତ ନାୟକ, ଉପାଧ୍ୟକ୍ଷ ମଲ୍ଲିକ ଦାନୀ, ବିଜେଡି କାର୍ଯ୍ୟକାରୀ ସଭାପତି ଅଭିମନ୍ୟୁ କୁଶଳ, ପ୍ରାକ୍ତନ ନଗରପାଳ କଇରୁ ସ୍ୱାଇଁ, ପ୍ରକାଶ ସାହୁ, ନଗର ସଭାପତି ଜନ୍ମଞ୍ଜୟ ପାତ୍ର, ଜିଲ୍ଲା ଛାତ୍ର ସଭାପତି ଶାଶ୍ୱତ କୁମାର ମିଶ୍ର, ବିଜେଡି ନେତା ସୁବାଷ ସେଠୀ, ତରଭା ଏନଏସି ଉପାଧ୍ୟକ୍ଷ ଗଗନ ଅଗ୍ରୱାଲ, ହିମାଂଶୁ ବିଶ୍ୱାଳ, ମାନଭଞ୍ଜନ ବେଦବକ, ସତ୍ୟ ନାରାୟଣ ତ୍ରିପାଠୀ, ମନୋରଞ୍ଜନ ତ୍ରିପାଠୀ, ସନ୍ତୋଷ ମିଶ୍ର, ଆନନ୍ଦ ପାତ୍ର, ରାଜ ସୁନା ପ୍ରମୁଖ ଜିଲ୍ଲାର ସମସ୍ତ ଅଞ୍ଚଳର ନେତା କର୍ମୀ ଏଥିରେ ସାମିଲ ରହି ବିଧାୟକ ପ୍ରାର୍ଥୀ ନିରଞ୍ଜନ ପୂଜାରୀ ଶୁଭେଚ୍ଛା ଜଣାଇ ଉତ୍ସାହ ବଢ଼ାଇଥିଲେ ।

# ନିଆଁରେ ପୋଡ଼ିହୋଇ ମହିଳା ମୃତ:ହତ୍ୟା ଅଭିଯୋଗ

**ରାଇଘର, ନ୍ୟୁଜ୍ ବ୍ୟୁରୋ**

ନିଆଁରେ ପୋଡିହୋଇ ଜଣେ ମହିଳା ମୃତ୍ୟୁ ହୋଇଥିବା ଦେଖିବାକୁ ମିଳିଛି । ଏଭଳି ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି । ନବରଙ୍ଗପୁର ଜିଲ୍ଲା ରାଇଘର ବ୍ଲକ ଚିଙ୍ଗଡାଭାଟା ଗ୍ରାମରେ । ମୃତ ମହିଳା ଜଣକ ହେଲେ ପାର୍ବତୀ ଅଣ୍ଟି (୨୫) । ପାର୍ବତୀଙ୍କ ବାପା ଘର ହେଉଛି ରାଇଘର ବ୍ଲକ ହଳଦୀ ଗ୍ରାମରେ । ପାର୍ବତୀ ଚିଙ୍ଗଡାଭଟା ଗ୍ରାମର ରାଜେନ୍ଦ୍ର ଅଣ୍ଟିଙ୍କୁ ବିବାହ କରିଥିଲେ । ପାର୍ବତୀଙ୍କର ଗୋଟିଏ ସାତ ବର୍ଷର ଝିଅ ଅଛି । ମିଳିଥିବା ସୂଚନା ଅନୁସାରେ ଶୁକ୍ରବାର ଦିନ ପ୍ରାୟ ୧୧.୩୦ ସମୟରେ ଘର ଭିତରୁ ଧୂଆଁ ବାହାରିବା ଘରର ମହିଳାମାନେ ଦେଖିଥିଲେ । ପରେ ପରିବାର ଲୋକଙ୍କୁ ଖବର ଦେଇଥିଲେ । ପରିବାର ଲୋକେ ଘରେ ପହଞ୍ଚି ଘରର କବାଟ ଭାଙ୍ଗି ଘର ଭିତରେ ପ୍ରବେଶ କରିଥିଲେ । ପରିବାର ଲୋକେ ଦେଖିଲେ ଯେ ପାର୍ବତୀ ନିଆଁରେ ପୋଡିଯାଇଛି । ସଙ୍ଗେ ସଙ୍ଗେ ଗୁରୁତର ଅବସ୍ଥାରେ ପାର୍ବତୀଙ୍କୁ ପ୍ରଥମେ ରାଇଘର ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ । ଅବସ୍ଥା ଗୁରୁତର ହେବାରୁ ଡାକ୍ତର ଉମରକୋଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ସ୍ଥାନାନ୍ତର କରିଥିଲେ । ଉମରକୋଟ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଚିକିତ୍ସାଧୀନ ଅବସ୍ଥାରେ ପାର୍ବତୀଙ୍କ ମୃତ୍ୟୁ ଘଟିଥିଲା । ଏନେଇ ପାର୍ବତୀଙ୍କ ଭାଇ ରୂପସିଂ ମାଝୀ ରାଇଘର ଥାନାରେ ହତ୍ୟା ଅଭିଯୋଗ କରିଥିଲେ । ଅଭିଯୋଗକୁ ଭିତ୍ତି କରି ପୋଲିସ ଉମରକୋଟ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ପହଞ୍ଚି ଶବ ଜବତ କରିଥିଲା । ସନ୍ଧ୍ୟା ହୋଇଯିବାରୁ ଶବ ବ୍ୟବଚ୍ଛେଦ ହୋଇପାରିନାହିଁ । ଏ ନେଇ ରାଇଘର ଥାନାରେ ଏକ ମାମଲା ରୁଜୁ ହୋଇଥିବା ଥାନା ଅଧିକାରୀ ରଘୁନାଥ ମାଝୀ ପ୍ରକାଶ କରିଛନ୍ତି । ପ୍ରକାଶଥାଉକି ପରିବାର ଲୋକେ କହିବା ଅନୁଯାୟୀ ଗତ ମାସେ ତଳେ ପାରିବାରିକ କଳହରୁ ପାର୍ବତୀ ବାପଘରକୁ ଆସିଥିଲା । ପରେ ପରିବାର ଲୋକେ ବୁଝା ବୁଝି କରିବା ପରେ ପାର୍ବତୀ ଶାଶୂ ଘରକୁ ଯାଇଥିଲା ।

# ବୌଦ୍ଧରେ କଂଗ୍ରେସର ଗ୍ୟାରେଣ୍ଟି ଇସ୍ତାହାର ପ୍ରକାଶିତ

**ବୌଦ୍ଧ, ନ୍ୟୁଜ୍ ବ୍ୟୁରୋ**

ଜିଲ୍ଲା କଂଗ୍ରେସ କମିଟି କାର୍ଯ୍ୟାଳୟ ଠାରେ କଂଗ୍ରେସର ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା କଂଗ୍ରେସ ସଭାପତି ନବ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ପ୍ରେସ୍‌ମିଟ୍‌ରେ ମୁଖ୍ୟଅତିଥି ଭାବେ ରାଜ୍ୟ କଂଗ୍ରେସର ପ୍ରବକ୍ତା ପଞ୍ଚାନନ ଦାସ (ଅବସର ପ୍ରାପ୍ତ ପ୍ରଶାସନିକ ଅଧିକାରୀ) ଯୋଗଦେଇ କଂଗ୍ରେସ ଦଳ ତରଫରୁ ପ୍ରକାଶିତ ନିର୍ବାଚନୀ ଇସ୍ତାହାର ସମ୍ପର୍କରେ ସୂଚନା ଦେଇଥିଲେ । ଇସ୍ତାହାରରେ କୃଷିଋଣ ଛାଡ, କୃଷକମାନଙ୍କ ପାଇଁ ମାସିକ ୨ ହଜାର ଟଙ୍କା, ପ୍ରତ୍ୟେକ ଘରୋଇ ଉପଭୋକ୍ତାଙ୍କ ପାଇଁ ୨ ଶହ ୟୁନିଟ୍ ବିଦ୍ୟୁତ୍ ଦେୟ ଛାଡ୍, ୫ ଲକ୍ଷ ଯୁବକ ଯୁବତୀଙ୍କୁ ନିଯୁକ୍ତି, ବେକାରୀ ଭତ୍ତା ମାସକୁ ୩ ହଜାର ଟଙ୍କା, ପ୍ରତି ପରିବାରକୁ ମାସକୁ ୫ ଶହ ଟଙ୍କାରେ ଗୋଟିଏ ସିଲିଣ୍ଡର, ସରକାରୀ କର୍ମଚାରୀଙ୍କ ସମେତ ସମସ୍ତଙ୍କ ପାଇଁ ୨୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ସରକାରୀ ଓ ବେସରକାରୀ ଚିକିତ୍ସାଳୟରେ ମାଗଣା ଚିକିତ୍ସା, ବିଧବା, ବାର୍ଦ୍ଧକ୍ୟ, ଦିବ୍ୟାଙ୍ଗ ଭତ୍ତା ମାସକୁ ୨ ହଜାର ଟଙ୍କା ପ୍ରମୁଖ ରହିଛି । କ୍ଷମତାକୁ କଂଗ୍ରେସ ଆସିଲେ ଏସବୁ କାର୍ଯ୍ୟକାରୀ କରାଯିବ ବୋଲି କଂଗ୍ରେସ ତରଫରୁ ସାମ୍ବାଦିକ ସମ୍ମିଳନୀରେ କୁହାଯାଇଛି । ଏହି ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା କଂଗ୍ରେସ କମିଟି ମୁଖ୍ୟ ପ୍ରବକ୍ତା ଶାନ୍ତନୁ କୁମାର ମହାପାତ୍ର, ପିସିସି ସଦସ୍ୟ ଗଣେଶ ଅଗ୍ରୱାଲା, ଉପସଭାପତି ସମରେଶ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ ।

## ଆଜିର ଭଲମନ୍ଦ



ଗଣକ-ପଣ୍ଡିତ ଶ୍ରୀ ଚନ୍ଦ୍ରଶେଖର ନନ୍ଦ
(ବହୁ ଗ୍ରନ୍ଥପ୍ରଣେତା ଓ ଏକାଧିକ ଓଡ଼ିଆ ପାଞ୍ଜି ଗଣନାକାର)
ମୋବାଇଲ-୯୩୩୭୬୯୩୦୨୨
csnastrology@gmail.com

ଉଦୟକାଳୀନ ଗ୍ରହଚକ୍ର




**କଳିକା ପଞ୍ଜିକା :** ଉତ୍କଳୀୟ ସନ -୧୪୩୧ ସାଲ, ଶକାବ୍ଦଃ -୧୯୪୩, ସମ୍ବତ୍ - ୨୦୭୮, ହିଜରୀ - ୧୪୪୫, କଳିଯୁଗାବ୍ଦଃ - ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ - ଅ୬୭ଙ୍କ

**ତା୩୧।୩।୨୦୨୪, ଚୈତ୍ର ଦି୧୮ନ, ରବିବାର**

**ସୂର୍ଯ୍ୟୋଦୟ- ଘ୦୫।୪୨।୦୩ ଚନ୍ଦ୍ରୋଦୟ- ରାଘ୧୧।୨୮।୦୬**

ଷଷ୍ଠୀ - ରାଘ ୯।୩୨ ପର୍ଯ୍ୟନ୍ତ । ଜ୍ୟେଷ୍ଠା ନକ୍ଷତ୍ର ଓ ବିଛା ଚନ୍ଦ୍ର - ରାଘ ୧୦।୫୫ ପର୍ଯ୍ୟନ୍ତ । **ଚନ୍ଦ୍ର ଶୁଦ୍ଧି-** ବୃଷ, ମିଥୁନ, ସିଂହ, କନ୍ୟା, ବିଛା, ଧନୁ, ମକର ଓ କୁମ୍ଭ ରାଶିର । ରାଘ ୧୦।୫୫ ଗତେ ମିଥୁନ, କର୍କଟ, କନ୍ୟା, ଧନୁ, ମକର ଓ ମନୀ ରଶିର । **ଘାତଚନ୍ଦ୍ର-** ରାଘ ୧୦।୫୫ ଗତେ ତୁଳା ଓ କୁମ୍ଭ ରାଶିର । **ଶ୍ରାଦ୍ଧ ନିର୍ଣ୍ଣୟ-** ଷଷ୍ଠୀର ଏକୋଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ନିମ୍ବ ରାଘ ୯।୩୨ ପରେ ତାଳ ଖାଇବା ମନା । **ଆଜିର ଶୁଭବେଳା-** ପ୍ରାଘ ୫।୪୫ ଗତେ ଘ ୯।୪୭ ମଧ୍ୟେ ରାଘ ୧।୨୨ ଗତେ ଘ ୧।୫୩ ମଧ୍ୟେ ।



**ମେଷ:** ଯୋଜନାବଦ୍ଧ ଭାବରେ କାର୍ଯ୍ୟ ନିର୍ବାହ କରିପାରିବେ ନାହିଁ । ଆୟ ଠାରୁ ବ୍ୟୟର ପରିମାଣ ଅଧିକ ହେବ । ଚଞ୍ଚଳତାର ଶିକାର ହୋଇପାରନ୍ତି । ପାରିବାରିକ ସହଯୋଗ ଲାଭ କରିବେ । ଦେହ ଓ ମନ ଭଲ ରହିବ ।



**ବୃଷ:** ମନରେ ଶତ ସିଂହର ବଳ ଆସିବ । ସାହାଯ୍ୟ ସହଯୋଗ ପ୍ରାପ୍ତି ହେବା ସହିତ ବନ୍ଧୁ ପ୍ରୀତି ଲାଭର ସୂଚନା । ଆୟର ପଥ ପରିଷ୍କାର ହେବ । ଦ୍ରବ୍ୟ ଲାଭ ପରିବାରକୁ ଆନନ୍ଦ ଦେବ । ପାରିବାରିକ ସୁଖ ଲାଭ ।



**ମିଥୁନ:** ଅସହଯୋଗରୁ ବିରକ୍ତି ପ୍ରକାଶ ପାଇବ । ସାମୟିକ ବ୍ୟସ୍ତତା ଦେଖାଦେବ । ଭୋଗ ବିଳାସରେ ବିଘ୍ନ ଘଟିବ । କର୍ମକ୍ଷେତ୍ରରେ ପଥରୋଧର ଆଶଙ୍କା । ଆୟ ଓ ବ୍ୟୟ ସମାନ ରହିବ । ଘରେ ଶାନ୍ତି ଲାଭ ହେବ ।



**କର୍କଟ:** ମନରେ ଚଞ୍ଚଳତା ହେତୁ କୌଣସି କାମରେ ମନ ଲାଗିବ ନାହିଁ । ବିଚାର ବିମର୍ଷ ବା ସୁପରାମର୍ଶ କ୍ରମେ କାର୍ଯ୍ୟ ହାସଲ । ହଠାତ୍ ଭାଇ ବା କର୍ମଚାରୀ ସହ କଳହ ଆଶଙ୍କା । ଘରେ ଆନନ୍ଦ ଦେଖାଦେବାର ସୂଚନା ।



**ସିଂହ:** ସମସ୍ତ ସୁବିଧା ଥିଲେ ମଧ୍ୟ ଆକସ୍ମିକ ପରିସ୍ଥିତି କେତେକ ସମସ୍ୟା ସୃଷ୍ଟି କରାଇବ । ଆୟ ଓ ବ୍ୟୟ ସମାନ ରହିବ । ସାଧାରଣ କଥା ବୃହତ୍ ହେବ । ପରିବାରରୁ ସମର୍ଥନ ଲାଭ କରିବେ । ମନ ଅସ୍ଥିର ରହିବ ।



**କନ୍ୟା:** ଯାହା କଲେ ତାହା ଖୁସିରେ ହୋଇପାରିବ । ଅନ୍ୟର ଉପକାର କରି ଲୋକ ସମ୍ପର୍କ ବୃଦ୍ଧି କରିବେ । କିନ୍ତୁ ପାରିବାରିକ ବିରୋଧର ସମ୍ମୁଖୀନ ହେବାକୁ ପଡ଼ିପାରେ । ଆୟରେ ଉନ୍ନତି ହେବ । ମହିଳାମାନେ ଗର୍ବୀ ହେବେ ।



**ତୁଳା:** ମନରେ ଅଭିମାନ ଆସିବ । କର୍ମ ପଥରେ ବନ୍ଧନ ତଥା ପରାଧୀନତା ଅନୁଭବ କରିବେ । ଜଣେ ଆଗନ୍ତୁକଙ୍କ ପାଇଁ ଅଶାନ୍ତି ସୃଷ୍ଟିର ସମ୍ଭାବନା । ପରିବାରରେ ତୃପ୍ତି ଲାଭ । ବ୍ୟୟର ମାତ୍ରା ବଢ଼ିବ ।



**ବିଛା:** ମନରେ ଅସ୍ଥିରତା ଦେଖାଦେବ । ତଥାପି ବନ୍ଧୁ ସହଯୋଗରୁ କର୍ମପ୍ରାପ୍ତି ତଥା ସୁଖ ସନ୍ତୋଷ ଲାଭ ହେବ । ଆୟ ଓ ବ୍ୟୟ ସମାନ ରହିବ । ପରିବାରରେ କଳହ ଦେଖାଦେଇପାରେ । କଚେରି ମାମଲାରେ ଶୁଣାଣି ସାପେକ୍ଷ ଜନିତ ହେବ ।



**ଧନୁ:** ଆପଣ ଯେତେ ଯାହା କରନ୍ତୁ ଅନ୍ୟମାନଙ୍କର ସମାଲୋଚନାର ଶିକାର ହେବେ । ତଥାପି କର୍ମପ୍ରାପ୍ତି ଆନନ୍ଦ ଦେବ । ଆୟ ପୂର୍ବ ପରି ସ୍ଥିର ରହିବ । ଘରେ ଗତିରୋଧର ସମ୍ମୁଖୀନ ହେବେ ।



**ମକର:** ବହୁ ପରିମାଣ ଅର୍ଥର ଆବଶ୍ୟକତା ଅନୁଭବ କରିବେ । କୌଣସି ନୂତନ ଦ୍ରବ୍ୟ କ୍ରୟ କରିପାରନ୍ତି । ବନ୍ଧୁ ସହଯୋଗ ମିଳିବ । ଆୟ ମଧ୍ୟମ ହେବ । ଘରେ ଶାନ୍ତି ଲାଭ । ମହିଳାମାନେ ସୁଖୀ ହେବେ ।



**କୁମ୍ଭ:** ଅନ୍ୟମାନଙ୍କ କଥାକୁ ପ୍ରାଧାନ୍ୟ ଦେଇ କାର୍ଯ୍ୟ କରିଚାଲିବେ । କର୍ମ ପ୍ରାପ୍ତି ସହିତ ପ୍ରଶଂସା ପାଇବେ । ଆର୍ଥିକ ଦିଗଟି ବେଶ୍ ଉନ୍ନତିକର ହେବ । ପରିବାରରେ ଅସହଯୋଗ ଦେଖାଦେବ । ବନ୍ଧୁ ଦର୍ଶନର ସୁଯୋଗ ।



**ମୀନ:** କେତେକ ବାକି କାର୍ଯ୍ୟ ସମାଧାନ ସହିତ ପୁରୁଣା କାର୍ଯ୍ୟ ପ୍ରାପ୍ୟ ଆଦାୟ ମନରେ ଖୁସି ଆଣିବ । ଦୂରଯାତ୍ରା କରି ସୁଫଳ ପାଇପାରିବେ । ପରିବାରରୁ ସତ୍ ପରାମର୍ଶ ମିଳିବ । ଆୟ ଓ ବ୍ୟୟ ମଧ୍ୟମ ଧରଣର ହେବ ।

## ଆଗାମୀ କାଲିର ପଞ୍ଜିକା

**କଳିକା ପଞ୍ଜିକା :** ଉତ୍କଳୀୟ ସନ -୧୪୩୧ ସାଲ, ଶକାବ୍ଦଃ -୧୯୪୩, ସମ୍ବତ୍ - ୨୦୭୮, ହିଜରୀ - ୧୪୪୫, କଳିଯୁଗାବ୍ଦଃ - ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ - ଅ୬୭ଙ୍କ

**ତା୦୧।୪।୨୦୨୪, ଚୈତ୍ର ଦି୧୯ନ, ସୋମବାର**

**ସୂର୍ଯ୍ୟୋଦୟ- ଘ୦୫।୪୧।୧୨ ଚନ୍ଦ୍ରୋଦୟ- ରାଘ୧୨।୨୭।୧୨**

ସପ୍ତମୀ - ରାଘ ୯।୧୦ ପର୍ଯ୍ୟନ୍ତ । ମୂଳା ନକ୍ଷତ୍ର - ରାଘ ୧୧।୧୧ ପର୍ଯ୍ୟନ୍ତ । **ଧନୁ ଚନ୍ଦ୍ର -** ଅହୋରାତ୍ର । **ଚନ୍ଦ୍ର ଶୁଦ୍ଧି-** ମିଥୁନ, କର୍କଟ, କନ୍ୟା, ଧନୁ, ମକର ଓ ମୀନ ରାଶିର । **ଘାତଚନ୍ଦ୍ର-** ତୁଳା ଓ କୁମ୍ଭ ରାଶିର । **ଶ୍ରାଦ୍ଧ ନିର୍ଣ୍ଣୟ-** ସପ୍ତମୀର ଏକୋଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ତାଳ ରାଘ ୯।୧୦ ପରେ ନଡ଼ିଆ ଖାଇବା ମନା । **ଆଜିର ଶୁଭବେଳା-** ପ୍ରାଘ ୫।୪୪ ଗତେ ଘ ୭।୧୫ ମଧ୍ୟେ ଦିଘ ୪।୨୬ ଗତେ ଘ ୫।୦୮ ମଧ୍ୟେ । **ପର୍ବୋତ୍ସବ -** ଉତ୍କଳ ଦିବସ ।

ସମ୍ପାଦକୀୟ
30 YEARS
ସମ୍ବାଦ କଳିକା

# ସେୟାର ମୂଲ୍ୟ ଚାପରେ କୃଷି ଓ ଗ୍ରାମାଞ୍ଚଳରେ କାରବାର କରୁଥିବା କମ୍ପାନୀ

ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ କେବଳ ସାଧାରଣ ଲୋକଙ୍କ ଜୀବନକୁ ପ୍ରଭାବିତ କରୁନାହିଁ, କର୍ପୋରେଟ ଜଗତ ମଧ୍ୟ ଏହା ଦ୍ୱାରା ପ୍ରଭାବିତ ହେଉଛି। ଷ୍ଟକ ବଜାରରେ ଯେଉଁ କମ୍ପାନିଗୁଡ଼ିକର ସେୟାର କାରବାର ହେଉଛି। ସେମାନେ ଗ୍ରୀଷ୍ମ ପ୍ରବାହ, ବାତ୍ୟା ଭଳି ଘଟଣାରେ ପ୍ରଭାବିତ ହେଉଛନ୍ତି। ଚଳିତ ବର୍ଷ ଜଳବାୟୁରେ ଏଲ୍‌-ନିନୋ ପ୍ରଭାବ ରହିବ ବୋଲି ଆଶଙ୍କା କରାଯାଉଥିବା ଖବର ବିଭିନ୍ନ କଂପାନିର ସେୟାର ଉପରେ ଚାପ ସୃଷ୍ଟି କଲାଣି। ବିଶେଷ କରି କୃଷି ଓ ଗ୍ରାମାଞ୍ଚଳ କ୍ଷେତ୍ରରେ କାରବାର କରୁଥିବା କମ୍ପାନିଗୁଡ଼ିକର ସେୟାର ମୂଲ୍ୟ ଚାପରେ ରହିଛି।

ଗ୍ରୀଷ୍ମ ପ୍ରବାହ, ବାତ୍ୟା ଭଳି ଘଟଣା ପାଇଁ ଭାରତ ସମେତ ଏସିଆର ବିଭିନ୍ନ ଦେଶରେ କଂପାନିର ସେୟାର ମୂଲ୍ୟ ହ୍ରାସ ପାଇବାର ଆଶଙ୍କା ସୃଷ୍ଟି ହୋଇଛି। ଅଷ୍ଟ୍ରେଲିଆରେ ଏକ କଂପାନିର ଖଣି ବନ୍ଦ ରହିବାରୁ ତାହାର ସେୟାର ମୂଲ୍ୟ ଦୁଇ ବର୍ଷ ନିମ୍ନ ସ୍ତରକୁ ଖସିଆସିଛି। ସେଠାରେ ପ୍ରବଳ ବର୍ଷା ଓ ବନ୍ୟା ହେବାରୁ ଖଣି କାର୍ଯ୍ୟ ବନ୍ଦ କରିବାକୁ କଂପାନି ବାଧ୍ୟ ହୋଇଥିଲା। ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ କିଛି କଂପାନିର ସେୟାରକୁ ବଢ଼ାଇବାରେ ମଧ୍ୟ ସହାୟକ ହୋଇଛି।

ଭାରତରେ ଦୁଟ ଉତ୍ପାଦନ ହ୍ରାସ ପାଇଥିବାରୁ ଦୁଟଜାତ ଉତ୍ପାଦ କାରବାର କରୁଥିବା କଂପାନିଗୁଡ଼ିକର ସେୟାର ମୂଲ୍ୟ ବଢୁଛି । ଏଲ୍‌-ନିନୋ ପ୍ରଭାବ ରହିଲେ ଭାରତରେ ଟ୍ରାକଟର ଓ ଦୁଇଚକିଆ ଯାନ ବିକ୍ରି ପ୍ରଭାବିତ ହେବାର ଆଶଙ୍କା ରହିଛି।

ଏସିଆର ଜଳବାୟୁରେ ହଠାତ୍‌ ଏଭଳି କିଛି ପରିବର୍ତ୍ତନ ଘଟୁଛି। ଯାହାକୁ ପୂର୍ବରୁ ଆକଳନ କରାଯାଇପାରୁନାହିଁ। ଅନେକ କମ୍ପାନି ଏହା ଦ୍ୱାରା ପ୍ରଭାବିତ ହେଉଛନ୍ତି। ସେମାନେ ଗୋଟିଏ ଯୋଜନା ରଖି କାମ କରୁଥିବା ବେଳେ ପାଣିପାଗ ପରିବର୍ତ୍ତନ ଓ ସେ ସମ୍ପର୍କିତ ବିଭିନ୍ନ ଘଟଣା ଯୋଗୁଁ ସମ୍ପୂର୍ଣ୍ଣ ଯୋଜନା ବିଫଳ ହେଉଛି। ତେଣୁ ବ୍ୟବସାୟ ରଣନୀତି ପ୍ରସ୍ତୁତ କରିବା ବେଳେ ଅତ୍ୟଧିକ ଜଳବାୟୁ ପରିବର୍ତ୍ତନ ସ୍ଥିତି ବିଚାରକୁ ନେବା ଲାଗି ବିଶେଷଜ୍ଞମାନେ କଂପାନିଗୁଡ଼ିକୁ ଆହ୍ୱାନ ଦେଇଛନ୍ତି। ବିଭିନ୍ନ କମ୍ପାନିର ସେୟାର ନିବେଶ କରୁଥିବା ନିବେଶକମାନେ ମଧ୍ୟ ନିଜ ରଣନୀତି ବଦଳାଇବା ଦରକାର ବୋଲି ବିଶେଷଜ୍ଞମାନେ କହୁଛନ୍ତି।

# ଆମେ କାହାର ଗୋଲାମ ନୋହୁଁ



ମାୟାଧର ନାୟକ
ଯାଜପୁରରୋଡ, ଯାଜପୁର
ମୋ : ୯୪୩୮୦୩୪୧୬୩
E-mail : mayadharnayak2014@gmail.com

ଆମେ କାହାର ଗୋଲାମ ନୋହୁଁ। କିନ୍ତୁ ଆମେ ଭାରତୀୟମାନେ ହଜାର ହଜାର ବର୍ଷ ଗୋଲାମ ଥିଲେ। ରଜା ଜମିଦାରଙ୍କ ପ୍ରଜା ଥିଲେ । ମୋଗଲର ୪୦୦ ବର୍ଷ, ବ୍ରିଟିଶ୍‌ର ୨୦୦ ବର୍ଷ ଗୋଲାମୀ ଖଟିଛେ । ଏବେ ୭୬ ବର୍ଷ ହେଲା ଆମେ ସ୍ୱାଧୀନଦେଶର ନାଗରିକ । ସତରେ ଆମେ କ'ଣ ସ୍ୱାଧୀନ । ରାଜନୈତିକ, ଅର୍ଥନୈତିକ, ସାମାଜିକ, ସାଂସ୍କୃତିକ ଭାବେ ଆମେ ସ୍ୱାଧୀନ କି ? ସବୁକ୍ଷେତ୍ରରେ ଏବେବି ଆମର ପରାଧୀନ ମାନସିକତା ଭରିରହିଛି । ରାଜନୀତିରେ ଆମେ ସତକୁ ସତ, ମିଛକୁ ମିଛ କହିପାରିବାନାହିଁ । ଅର୍ଥନୀତିରେ ଆମେ କେବେଠୁ ପରାଧୀନ । ସାମାଜିକ ସ୍ତରରେ ଆମେ ମନଖୋଲି କଥାବାର୍ତ୍ତା କରିପାରୁନା । ସାଂସ୍କୃତିକ ଅବକ୍ଷୟକୁ ତ୍ୱରାନ୍ୱିତ କରିବାରେ ସିଦ୍ଧହସ୍ତ । ଏ ସବୁ କ'ଣ ଗୋଲାମୀର ଲକ୍ଷଣ ନୁହେଁ କି ? ଆମକୁ ରଜା ଜମିଦାରମାନେ ଶାସନ କରୁଥିଲେ । ପୁଞ୍ଜିବାଦର ଗୋଲାମ ପାଲଟିଗଲେ। ଗଣତନ୍ତ୍ର, ସମାଜବାଦର ଯେତେ ଡେଙ୍ଗୁରା ପିଟିଲେ ବି ସେ ଡେଙ୍ଗୁରା ଫାଟିଗଲାଣି। ଆମେ ଏ ପର୍ଯ୍ୟନ୍ତ ଖାଦ୍ୟ, ଶିକ୍ଷା, ଚାକିରି ପାଇଁ ବାରଦୁଆର ହେଉଛେ । ଭୋକ-ରୋଗ ଦାଉରୁ ରକ୍ଷାପାଇବା ପାଇଁ ପରଦୁଆରେ ମୁଣ୍ଡ ବିକୁଛେ । ତଥାପି ଆମେ କହୁଛେ – ଆମେ କାହାର ଗୋଲାମ ନୋହୁଁ। ଏବେ ସାରାଦେଶ ଏପରିକି ବିଶ୍ୱରେ ଘୋର ବିଶୃଙ୍ଖଳା ସୃଷ୍ଟି ହେଲାଣି । ଆକାଶଛୁଆଁ ଦରବୃଦ୍ଧିରେ ଲୋକେ ନିତ୍ୟ ବ୍ୟବହାର୍ଯ୍ୟ ପଦାର୍ଥ କିଣିପାରୁନାହାଁନ୍ତି । କ୍ଷୀରପାଉଁରୁଟି କିଣିବା ପାଇଁ ପାକିସ୍ଥାନରେ ଲୋକଙ୍କ ପାଖରେ ଟଙ୍କା ନାହିଁ । ଭୋକରେ ଛୁଆଠାରୁ ବୁଢ଼ା ପର୍ଯ୍ୟନ୍ତ ଆଉଟୁପାଉଟୁ । ବିଭିନ୍ନ ଗରୀବ ଦେଶରେ ମାହାଳିଆ ଖାଦ୍ୟବଣ୍ଟନରେ ଦଳାଚକଟା ହୋଇ ଲୋକେ ମରୁଛନ୍ତି। ଭୋକର ଜ୍ୱାଳାରେ ମା'ଭଉଣୀମାନେ ଇଜ୍ଜତ ବିକିବାକୁ ଚାହିଁଲେ ବି ନିରାଶ ହେଉଛନ୍ତି । ମାନବସଭ୍ୟତା ଉପରେ ପ୍ରଶ୍ନବାଚୀ ଅବିଶ୍ୱାସର ଅଗ୍ନିବଳୟରେ ।

ରାଜାରାଣୀଙ୍କ ଅଜବ କାହାଣୀ ଆମେ ସବୁ ପଢ଼ିଛେ । ସେମାନଙ୍କ ହଜାରେ ଖରାପ ଗୁଣ, ପାପକାର୍ଯ୍ୟ, ବ୍ୟଭିଚାର, ଯୌନ ଅତ୍ୟାଚାର କରୁଥିଲେ ବି ଆମର ବହୁଳାଂଶ ଲୋକେ ତାଙ୍କ ପ୍ରଶଂସାରେ ଶତମୁଖ। ଆମେ ଏକବିଂଶ ଶତାବ୍ଦୀର ମଣିଷ, ତଥାପି ଆମର ଗୋଲାମୀତନ୍ତ୍ର ଗଲାନି । ବ୍ରିଟିଶ୍‌ ଶାସନକାଳରେ ନ'ଅଙ୍କ ଦୁର୍ଭିକ୍ଷବେଳେ ଇଂରେଜମାନେ ଲୋକଙ୍କୁ 'ଛତର' ବାଣ୍ଟୁଥିଲେ । ବ୍ରିଟିଶ୍‌ବାଲାଙ୍କ ପଚାଭାତ-ଡାଲମା ଖାଇ ଆମେ 'ଛତରଖିଆ' ଭାବେ ପରିଗଣିତ ହେଲୁ। ୭୬ ବର୍ଷ ହେଲା ଇଂରେଜମାନେ ଦେଶ ଛାଡ଼ି ଗଲେଣି। ଏବେ ବି ଆମ ଦେଶର ଶାସକମାନେ ଭୋଟହାତେଇ ଗାଦିରେ ବସିବାପାଇଁ ମାଗଣା ବାଣ୍ଟୁଛନ୍ତି। ଭୋକ-ରୋଗରେ ଛଟପଟ ହେଉଥିବା ମଣିଷ ସେମାନଙ୍କ 'ଛତର'କୁ ଚାତକଭଳି ଅନେଇ ରହିଛେ । ଆମେସବୁ ମାଗଣାଖିଆ । ମାଗଣା ସଂସ୍କୃତି ଆମ ରକ୍ତ, ମାଂସ, ହାଡରେ ଚରିଗଲାଣି । ତଥାପି ଆମେ ଭୁରୁଡ଼ି ମାରୁଛେ – ଆମେ କାହାର ଗୋଲାମ ନୋହୁଁ । କଥା କହିବାରେ କ'ଣ ଟିକସ ପଡୁଛି ?

'ଟଙ୍କା ମୁହଁ କରିଦିଏ ବଙ୍କା'। ପାଖରେ ଟଙ୍କା ନଥିଲେ – ଆମକୁ ଚାରିଦିଗ ଅନ୍ଧାର ଦେଖାଯାଏ। ପକେଟରେ ଟଙ୍କା ନଥିଲେ ପଦାକୁ ବାହାରିହୁଏନା। ଯାହେ ରୋଜଗାର ନାହିଁ – ଟଙ୍କା ଆସିବ କୁଆଡୁ ? ଯାହାକିଛି ଜମିବାଡ଼ି ଥିଲା – ତାକୁ ତ ଅଭାବରେ ବିକ୍ରି କରୁଛେ – ପୁଣି ସରକାର ଶିଳ୍ପପତିମାନଙ୍କୁ ଶିଳ୍ପପ୍ରତିଷ୍ଠା ପାଇଁ ଆମ ଜମିଘରକୁ ଶାଗମାଛ ମୂଲ୍ୟରେ ଜବରଦସ୍ତ ଛଡ଼େଇ ନେଉଛନ୍ତି । ଧିରେ ଧିରେ ଆମେ ସର୍ବହରା ଶ୍ରେଣୀଭୁକ୍ତ ହୋଇଯାଉଛେ । ଆଜିକାଲି ରାଜନୈତିକ ଦଳ, ନେତା, ସାହୁକାର, ମହାଜନ ଚାହାଁନ୍ତି – ଲୋକେ ସବୁବେଳେ ଅଭାବରେ ରୁହନ୍ତୁ । ଅଭାବି ଲୋକକୁ ଲୋଭ ଦେଖାଇଲେ ସେମାନେ ବନିଶ୍‌ କଣ୍ଟାରେ ଜିଆଗୁନ୍ଥି ନଈପୋଖରୀରୁ ମାଛ ଧରିବାଭଳି ତାଙ୍କ ଲୋଭନୀୟ ଉପହାରରେ ଆମେ ପାଇବାପାଇଁ କେତେ ଫନ୍ଦିଫିକର କରି ଛଡାମଡା ହେଉଛେ । ପୁଣି ମହାଜନମାନେ ସୁଧିଆରେ ଟଙ୍କା ଦେବାପାଇଁ କଅଁଳିଆ କଥା କହୁଛନ୍ତି । ଆମେ ଚଢ଼ାସୁଧରେ କରଜ ଆଣୁଛେ । କରଜ ସୁଜିନପାରି ଆମ ଇଜ୍ଜତ ଲୁଟ୍‌ ହୋଇଯାଉଛି । ଆମେ ସତରେ ସରକାର, ନେତା, ମହାଜନ ପାଖରେ ଗୋଲାମ ପାଲଟି ଯାଇଛେ । ତଥାପି ଆମେ କହୁଛେ – ଆମେ କାହାର ଗୋଲାମ ନୋହୁଁ।

ଏବେ ଗୋଲାମର ପରିଭାଷା ବଦଳିଗଲାଣି। ଯେଉଁମାନଙ୍କ ଦେହରେ ଅତ୍ୟାଚାରୀ, ଶୋଷକ, ଅହଂକାରୀ ରକ୍ତ ବର୍ଷ ବର୍ଷ ଧରି ପ୍ରବାହିତ ହୋଇଆସୁଛି – ସେମାନେ ଅନ୍ୟମାନଙ୍କୁ ଗୋଲାମ ଭଳି ବ୍ୟବହାର କରୁଥିଲେ ହେଁ ନିଜେ ତା'ଠାରୁ ଶକ୍ତିଶାଳୀଙ୍କ ପାଖରେ ଗୋଲାମ, କ୍ରିତଦାସ ପାଲଟିଯାଇଛନ୍ତି। ଏ ଘଟଣା ଏ ଦେଶରେ ପ୍ରତିନିୟତ ଘଟୁଛି। କିଛି ଗୋଲାମ ଅଛନ୍ତି – ସେମାନେ ତାଙ୍କ ମାଲିକର ସଂପତ୍ତି କେତେ, ପ୍ରଭୁ କେତେ ପାରିବାର, କିଭଳି ଖଣି, ପାଣି, ଜଂଗଲରୁ କୋଟି କୋଟି ଟଙ୍କା ଲୁଟୁଛନ୍ତି, ଦିନକୁ କେତେ ସିଗାରେଟ୍‌-ମଦ ପିଅନ୍ତି – କିଭଳି ଲୋକଙ୍କୁ ଅସଭ୍ୟ ଭାଷାରେ ଗାଳିଦିଅନ୍ତି – ବେଶି ପାଠ ନପଢିଥିଲେ ବି ନିଜକୁ ପାଠୁଆବୋଲି କହନ୍ତି – ଟିଭି ଖବରକାଗଜରେ ତାଙ୍କ ମୁହଁ, ପ୍ରଚାର ହରଦମ୍‌ ହୁଏ – ଜାଣିଲ – ଆମ ବାବୁ କେତେ ବଡ । ସେ ଜାଣେନା – ବାବୁ ତାକୁ ଖଟେଇ ଖଟେଇ ନୟାନ୍ତ କରିସାରିଲେଣି । ଏଭଳି ଧାରା ପ୍ରାୟ ଗାଁଗହଳି ସହରବଜାରରେ କିଛି ଲୋକ ଅଛନ୍ତି – ସେମାନଙ୍କର ଗୋଲାମ ମନୋବୃତ୍ତି ଗଲାନି – କେବେ ଯିବ କେଜାଣି ? ଏଇ ୨୦୨୪ରେ ଯେଉଁ ଛଟକିଆ ସାରାବିଶ୍ୱରେ ଛଟକ ଦେଖାଉଛନ୍ତି – ସେମାନଙ୍କ ଖେଳାଲୀଳା ପୂରିଆସୁଛି – ସେମାନେ ମହାପାପରେ ଘାଣ୍ଟିହୋଇ ନର୍କଭୋଗ କରିବେ। ଏ ମୋ ବାଣୀ ନୁହେଁ – ଏ ଗୀତା ଭାଗବତ ବାଣୀ। ଆମ ଦେଶରେ ମଧ୍ୟ ରାଜନେତା, ଧାର୍ମିକ, ବେପାରୀ, ବିପ୍ଳବୀ, କର୍ମଚାରୀ, ସମାଜସେବୀ, ସାହିତ୍ୟିକ, ସାମ୍ବାଦିକ ହାଉଯାଉ। ଏମାନଙ୍କ ଭିତରୁ ୯୫ ଭାଗ ନକଲି। ଏମାନେ ଗାଦି ମାଡିବସି ମଂଚ ଦଖଲ କରିନେଇଛନ୍ତି। ଏମାନଙ୍କ ଅନ୍ୟାୟ, ଅତ୍ୟାଚାର, ବ୍ୟଭିଚାର, ଶୋଷଣ, କଷଣ, ଠକାମି, ଗୁଣ୍ଡାମି, ଯୌନ କେଲେଙ୍କାରୀରେ ମା' ମେଦିନୀ ଥରହର। ଆଜି ଦେଶରେ ଶ୍ରମଜୀବୀ ୯୫ ଭାଗ ଲୋକ ଅଭାବ ଅନଟନରେ ଶଢୁଛନ୍ତି – ବାକି ୫ ଭାଗ ଲୋକ ମଉଜମଜ୍‌ଲିସ କରି ଛଟକ ଦେଖାଉଛନ୍ତି । ଅନ୍ୟଦେଶର ରାଜନେତାମାନେ ଅଧିକାଂଶ ପାଗଳ। ଆମେରିକା ରାଷ୍ଟ୍ରପତି ବାଇଡେନ୍‌ ଓ ଟ୍ରମ୍ପ ବୃଦ୍ଧାବସ୍ଥାରେ ପୁଣି ରାଷ୍ଟ୍ରପତି ହେବାକୁ ମନ ବଳେଇଲେଣି । ଏବେ ଆମେରିକା ଦୁଆଳିଆ ହେବାକୁ ଯାଉଛି। ଲୋକେ ବ୍ୟାଙ୍କରୁ ଋଣନେଇ ଶୁଝୁନାହାଁନ୍ତି । ଅର୍ଥନୀତି ଚରମ ବିପର୍ଯ୍ୟୟ ଅବସ୍ଥାରେ ପହଞ୍ଚିଗଲାଣି। ଯେଉଁ ଆମେରିକା ଦିନେ ବିଶ୍ୱକୁ ନଚାଉଥିଲା – ସେ ଆଜି ଧ୍ୱଂସଆଡକୁ ଦଉଡୁଛି । ଆମେରିକାର ଆର୍ଥିକ ସଂକଟ, ଜାତିସଂଘ, ଆନ୍ତର୍ଜାତିକ ମୁଦ୍ରାପାଣ୍ଠି, ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଅନ୍ୟାନ୍ୟ ଦେଶକୁ ଦୁର୍ବଳକରି ଘୋର ଅସ୍ଥିରତା ସୃଷ୍ଟି କରିବ। ଗରିବ ସାହାଯ୍ୟପ୍ରାପ୍ତ ଦେଶଗୁଡ଼ିକରେ କ୍ଷୁଧା, ଅନାହାର ଓ ଦାରିଦ୍ର୍ୟ ବଢିଯିବ। ରୁଷିଆର ପୁଟିନ୍‌, ଚୀନ୍‌ର ଜିନ୍‌ପିଙ୍ଗ୍‌, ଉତ୍ତରକୋରିଆ ରାଷ୍ଟ୍ରପତି କିମ୍‌ ଆହୁରି ଅନେକଙ୍କ ପାଗଳାମିକୁ ପ୍ରତିନିୟତ ଏ ବିଶ୍ୱ ଦେଖୁଛି। ଆମ ଦେଶରେ ମଧ୍ୟ ବହୁନେତାଙ୍କ ପାଗଳାମିରେ ଦେଶବାସୀ ଭୀଷଣ ବିରକ୍ତ। ଏମାନଙ୍କ ଛଇଛଟକ ଦେଖି ଦେଖି ମନରେ ଘୃଣାଜାତ ହେଉଛି।

ଆଜି ବି ୨୦୨୪ରେ ଗୋଲାମଙ୍କ ସଂଖ୍ୟା ବଢିବଢି ଚାଲିଛି । ଭୋଟବେଳେ ତାହା ପ୍ରତିଫଳିତ ହେଉଛି। ଏବେ ମାଗଣାଖିଆ ସଂସ୍କୃତି ଚାଲୁରଖି କ୍ଷମତାକାଙ୍ଗାଳିଆମାନେ ଭୋଟରଙ୍କୁ ମୋଟାଅଙ୍କରେ ଟଙ୍କା, ଖାଦ୍ୟପାନୀୟ ଦେଉଛନ୍ତି । ଶହେରେ ଜଣେ ଦୁଇଜଣ ନିଃସ୍ୱାର୍ଥପର ନେତା ଲାଞ୍ଚ ଦିଅନ୍ତିନାହିଁ। ସେମାନେ ଜିତିବା କଷ୍ଟକର । ଅତି ଲୋକପ୍ରିୟତା ଥିଲେ – ସେ ଯେକୌଣସି ଦଳ କିମ୍ବା ସ୍ୱାଧୀନ ପ୍ରାର୍ଥୀଭାବେ ଜୟଲାଭ କରୁଛନ୍ତି । ଯେଉଁମାନେ ଲାଞ୍ଚନେଇ ନିଜ ବିବେକ ଭୋଟଖଣ୍ଡକ ଦେଉଛନ୍ତି – ସେମାନେ ପରାଧୀନ ମାନସିକତାର ଗୋଲାମ ନୁହଁନ୍ତି କି ? ତଥାପି ସେମାନେ କୁହନ୍ତି – ଆମେ କାହାର ଗୋଲାମ ନୋହୁଁ। ଅଜବ ଏ ଦୁନିଆ । ସତ୍ୟ, ତ୍ରେତୟା, ଦ୍ୱାପର ଯୁଗରେ ଯେଉଁମାନେ ଛଇ ଦେଖାଇ ଥରହର କରୁଥିଲେ – ସେମାନଙ୍କ ଛାଲ ଛାଡିଗଲା। ପୁରାଣରୁ ଏସବୁ କଥା ଶୁଣୁଛେ । ଏ ଘୋର କଳିକାଳଯୁଗରେ ଗଲା ତିନିଯୁଗର ଛଇଛଟକବାଲାଙ୍କ ସବୁଗୁଣରୁ ହଜାରଗୁଣ ଅଧିକ ଛଟକିଆ ଅଛନ୍ତି । ସେମାନଙ୍କ ଛଟକ ଦେଖିଆସୁଛେ । କିଏ କେତେ କଳଙ୍କିତମାନେ ଇତିହାସର ଅଳିଆଗଦାରେ ପଡିଛନ୍ତି – ତା'ର ହିସାବ କେବଳ ଇତିହାସ ରଖିଛି । ଯେଉଁମାନେ ଗର୍ବଅହଂକାରରେ ଫାଟିପଡି ଛକେ ଛକେ ଛଟକ ଦେଖାଇ ଜନସମ୍ମୁଖରେ ଘୃଣାର ପାତ୍ରଭାବେ ପରିଚିତ ହୋଇ ପରାପାରିକୁ ଚାଲିଗଲେଣି – ସେମାନଙ୍କୁ ଇତିହାସ କେବେ କ୍ଷମାଦେଇନି କି ଦେବନାହିଁ।

## ଶ୍ରୀଶ୍ରୀ ଅଭିରାମ ସରସ୍ୱତୀଙ୍କ ଦିବ୍ୟ ସନ୍ଦେଶ

### ସତ୍ୟ ଭାଗବତ

ପ୍ରଥମ ଅଧ୍ୟାୟ

ଓଁ

'ଲକ୍ଷ୍ମୀ, ପଦ୍ମାଳୟା, ପଦ୍ମା,
କମଳା, ଶ୍ରୀ ହରପ୍ରିୟା
ଇନ୍ଦିରା, ଲୋକ ମାତା, ମା'
କ୍ଷୀରବ୍ଧୀ ତନୟା ରମା ।'



ଶ୍ରୀ ଅଭିରାମ ସରସ୍ୱତୀ

ଦ୍ୱାପର ଯୁଗରେ ପ୍ରଭୁ
କି ମନ୍ତ୍ର ଧରିଲେ
ଦ୍ୱାପରର ଲୀଳାମାନ
ଭକତ ଦେଖିଲେ (୧୪୮)

ମନ୍ତ୍ର ଯନ୍ତ୍ର ତନ୍ତ୍ରମାନ
ତିନି ଯୁଗେ ହେଲା
କଳିରେ ଦେଖ ମାନବ
ଭିନ୍ନ ରୂପ ନେଲା (୧୪୯)

ହିନ୍ଦୁ, ଖ୍ରୀଷ୍ଟ, ମୁସଲିମ୍‌
କିଛି ଜାତି ନାହିଁ
ଭିନ୍ନା ଭିନ୍ନ କରୁଅଛି
ପ୍ରକୃତିଟି ତହିଁ (୧୫୦)

ଭାଗବତ ପଢି ଥୋକେ
ଭଗବାନ ହେଲେ
ରାମାୟଣ ପଢି ଥୋକେ
ରାମ ରାମ ହେଲେ (୧୫୧)

ବେଦକୁ ପଢିଣ ଥୋକେ
ବ୍ରାହ୍ମଣ ହୋଇଲେ
ଗୀତାକୁ ପଢିଣ ଥୋକେ
ତ୍ୟାଗ ଶିକ୍ଷା ଦେଲେ (୧୫୨)

କୋରାନ୍‌କୁ ପଢି ଥୋକେ
ନିର୍ବିକାର ହେଲେ
ବାଇବେଲ୍‌ ପଢି ଥୋକେ
ସେବା କାର୍ଯ୍ୟ କଲେ (୧୫୩)

ଆସୁଛି ଯାଉଛି ଜୀବ
ତତ୍ତ୍ୱ ନ ବୁଝିଲେ
ଭଜନକୁ ଛାଡି ଜୀବ
ଭାବ ନ ବୁଝିଲେ (୧୫୪)

ମୋର ମୋର କହି ସବୁ
ବାଉଳା ହୋଇଲେ
ଭକ୍ତ ଭଗବାନ ତତ୍ତ୍ୱ
କେହି ନପାଇଲେ (୧୫୫)

ଚାରି ଯୁଗ ପାଠ ଏକ
କଳିରେ ପୁରିଛି
ଏକ ଜଗନ୍ନାଥ ନାମ
ପାପୀକୁ ତାରୁଛି (୧୫୬)

ଏକାକ୍ଷର ଏକ ପଦ
ଓଁ କାରୁ କ୍ଷରୁଛି
ଭାବ ଜାଣି ସେବା କଲେ
ଉଦ୍ଧାର ହେଉଛି (୧୫୭)

ରକ୍ତ, ମାଂସ, ହାଡ, ଦେହ
ପୂଜା ପାଉଅଛି
କଳି ଯୁଗେ ଜଗନ୍ନାଥ
କାଠ ହୋଇଅଛି (୧୫୮)

କାହିଁ ପାଇଁ ଭଗବାନ
ଦାରୁ ପାଲଟିଲେ
କହି ପାରିବ ଭକତ
ପ୍ରଭୁ ସେବିଥିଲେ (୧୫୯)

ତିନି ଯୁଗେ ଯୋନିଜନ୍ମ
ପ୍ରଭୁ, ହୋଇଥିଲେ
ତନ୍ତ୍ର ମନ୍ତ୍ର ଯନ୍ତ୍ର ତତ୍ତ୍ୱେ
ଶରୀରେ ଖେଳିଲେ (୧୬୦)

ତେଣୁ କରି ଶୂନ୍ୟତତ୍ତ୍ୱ
କଳିରେ ହୋଇଛି
ନିର୍ବିକାର ଭାବମାନ
ଗୁପତେ ଖେଳୁଛି (୧୬୧)
କେ ରାମ ଭଜୁଛି ବେସି
କଳିଯୁଗେ ଦେଖ
କେ କୃଷ୍ଣ ଭଜୁଛି ବସି ପଢି
ଭାଗବତ (୧୬୨)
କିଏ ଆଲ୍ଲା କିଏ ଖ୍ରୀଷ୍ଟ
ଭଜେ ଦିନରାତି
ପ୍ରଭୁଙ୍କୁ ଭେଟିବା ତତ୍ତ୍ୱ
କେହି ନ ଜାଣନ୍ତି (୧୬୩)

ଘର ଦ୍ୱାର ଛାଡି କେତେ
ବାବାଜୀ ହେଲେଣି
ନିଜ ଘରକୁ ନଚିହ୍ନି
ତପସ୍ୟା କଲେଣି (୧୬୪)

(କ୍ରମଶଃ)

# ଓଡ଼ିଆ ଜାତିର ଅସ୍ମିତା 'ବନ୍ଦେ ଉତ୍କଳ ଜନନୀ'



ଡକ୍ଟର ଅଜୟ କୁମାର ନନ୍ଦ
(ସହକାରୀ ପ୍ରଧ୍ୟାପକ ଓ ଉପ ବିତ୍ତ ଅଧିକାରୀ)
ajayakumarnanda@gmail.com
କିସ୍‌ ବିଶ୍ୱବିଦ୍ୟାଳୟ
ଭୁବନେଶ୍ୱର

**ଶସ୍ୟଶ୍ୟାମଳା ଓ ପ୍ରାକୃତିକ ସମ୍ପଦ ଭରା ବିତ୍ତଶାଳୀ ରାଜ୍ୟ ଓଡ଼ିଶା ଗରିବ ରାଜ୍ୟ ମାନ୍ୟତା ପାଉଛି । ଆଜିବି ଏ ରାଜ୍ୟ ସାମଗ୍ରିକ ବିକାଶ ଧାରାରେ ସମ୍ପୂର୍ଣ୍ଣ ସାମିଲ ହୋଇ ପାରିନାହିଁ । ଖଣିଜ ସମ୍ପଦ, ଅରଣ୍ୟ ସମ୍ପଦ, ପର୍ଯ୍ୟଟନ ବିକାଶ , ଉପକୁଳବର୍ତ୍ତୀ ଜଳ ସମ୍ପଦର ସୁବିନିଯୋଗ ନ ହେବା ଏ ଦିଗରେ ମୁଖ୍ୟ ଅନ୍ତରାୟ ସୃଷ୍ଟି କରୁଛି । ପରିତାପର ବିଷୟ ଏହିକି ଯେ ବର୍ତ୍ତମାନର ପିଢି, ଓଡ଼ିଆ ଭାବେ 'ଓଡ଼ିଆଭାଷା' କୁ ଅଣଦେଖା କରିବା ଆଗାମି ପିଢି ପାଇଁ ପୁନରାୟ ଆଉ ଏକ ସଙ୍କଟ ସୃଷ୍ଟି କରିବ।**

ମାନବୀୟ ଆଚରଣ ଓ ଉଚ୍ଚାରଣ ତା'ର ନିଜର ଅସ୍ତିତ୍ୱକୁ ହିଁ ପରିପ୍ରକାଶ କରେ ତାହା ହେଉଛି ତା 'ନିଜସ୍ୱ ଭାଷା' । ଯେଉଁ ଭାଷା ଦ୍ୱାରା ମନୁଷ୍ୟ ନିଜର ଅନ୍ତର୍ନିହିତ ଭାବନାକୁ ଅନ୍ୟ ଆଗରେ ପରିପ୍ରକାଶ କରିଥାଏ। ଅତଏବ ଭାଷା ବଞ୍ଚିଲେ ମଣିଷ ବଞ୍ଚିବ, ଏହା ଧ୍ରୁବ ସତ୍ୟ । ଏମିତି ଏକ ଅପ୍ରତ୍ୟାଶିତ ସମୟକୁ ସାମ୍ନା କରିବାକୁ ଅନେକ ଓଡ଼ିଆ ମହାମନୀଷୀ ବୀରତ୍ୱର ସହ ଲଢି ନିଜର ମାଟିର ହକ୍‌କୁ ଇଂରେଜ ମାନଙ୍କ ଠାରୁ ସ୍ୱୀକୃତି କରାଇ ଆଣିଥିଲେ । ସେମାନଙ୍କ ମଧ୍ୟରେ ଉତ୍କଳ ଗୌରବ ମଧୁସୂଦନ ଦାସ, ଉତ୍କଳମଣି ଗୋପବନ୍ଧୁ, ପଣ୍ଡିତ ନୀଳକଣ୍ଠ ଦାସ, ସ୍ୱଭାବ କବି ଗଙ୍ଗାଧର ମେହେର, ମହାରାଜ କୃଷ୍ଣଚନ୍ଦ୍ର ଗଜପତି ଇତ୍ୟାଦିଙ୍କ ଦେଶ ପ୍ରେମ ଓ ତ୍ୟାଗ ଶେଷରେ ଯେଉଁ ସଫଳତା ପାଇ ଥିଲା ତାହା ହେଉଛି, ଆଜି ସମଗ୍ର ରାଜ୍ୟରେ ପାଳିତ ହେଉଥିବା 'ଉତ୍କଳ ଦିବସ'। ଏହି ରାଜ୍ୟର ସମ୍ରାଟ ଅଶୋକଙ୍କ ଧଉଳି ଶାନ୍ତିସ୍ତୁପ ଓ ଖାରବେଳଙ୍କ ହାତୀଗୁମ୍ଫା, କଟକର ବାରବାଟୀ ଦୁର୍ଗ, ଓଡ଼ିଶାର ପଥର କାରୁକାର୍ଯ୍ୟ ଆଦି ଓଡ଼ିଆ ଗାରିମାକୁ ବିଶ୍ୱ ଦରବାରରେ ପହଞ୍ଚାଇବାରେ ଅନେକ ସହାୟ ହୋଇଥାଏ । ଏ ମାଟି କେତେକ ପୁରାତନ ରାଜବଂଶ ଏପରିକି ସୂର୍ଯ୍ୟ ବଂଶ, କେଶରୀ ବଂଶ, ଗଙ୍ଗବଂଶ, ଭୌମବଂଶ ଦ୍ୱାରା ଶାସିତ ହୋଇ କ୍ରମେ 'ବୀର ମାଟି' ରୂପେ ପରିଗଣିତ ହୋଇ ଥିଲା। ଉତ୍କର୍ଷ କଳାର ରାଜ୍ୟ ଉତ୍କଳରେ ବିଦ୍ୟମାନ ଅର୍କକ୍ଷେତ୍ରରେ 'କୋଣାର୍କ ମନ୍ଦିର', ଏକାମ୍ର କ୍ଷେତ୍ରରେ 'ଶ୍ରୀଲିଙ୍ଗରାଜ ମନ୍ଦିର' ଓ ପୁରୁଷୋତ୍ତମ କ୍ଷେତ୍ରରେ 'ଶ୍ରୀଜଗନ୍ନାଥ ମନ୍ଦିର'ରେ ପ୍ରସ୍ତର ଉପରେ ଖୋଦିତ ନିଖୁଣ କଳା ସ୍ଥାପତ୍ୟରେ ପରିପ୍ରକାଶ ହୋଇଥାଏ ଓଡ଼ିଆ ଭାଷା, ସଂସ୍କୃତି , ବୀରତ୍ୱ ଓ ସୃଜନଶୀଳତା । ରବିନ୍ଦ୍ରନାଥ ଟାଗୋରଙ୍କ ଭାଷାରେ ଓଡ଼ିଆ ନିହାଣ ମୁନରେ ଖୋଦିତ ପଥରର କାରୁକାର୍ଯ୍ୟ ଏତେ ଜୀବନ୍ତ ଯେ, ତା ଆଗରେ ଓଡ଼ିଆ ଭାଷା ବି ଫିକା ପଡିଯିବ। ସେଥିପାଇଁ ତ କୁହାଯାଏ ଉତ୍କର୍ଷ କଳାର ରାଜ୍ୟ ଉତ୍କଳ ଯାହା ଓଡ଼ିଆ ସ୍ୱାଭିମାନର ପ୍ରତୀକ । ସାତ ସମୁଦ୍ର ତେର ନଈ ପାର ହୋଇ ଓଡିଆ ବଣିକର ନୌବାଣିଜ୍ୟ ପରାକାଷ୍ଠା କାହାକୁ ବା ଅଜଣା। ଏହି ପବିତ୍ର ମାଟି ସ୍ପର୍ଶରେ ମହା ପ୍ରତାପୀ 'ସମ୍ରାଟ ଅଶୋକ' ଚଣ୍ଡାଶୋକରୁ ଧର୍ମାଶୋକରେ ପରିଣତ ହୋଇଥିଲେ । ଦେବ ଭୂମି ଓଡ଼ିଶାର ପବିତ୍ର ମାଟିକୁ ଆପଣାର କରି ପୂଜିତ ହେଉଛନ୍ତି ଜଗତର ନାଥ ଶ୍ରୀଜଗନ୍ନାଥ, ସେଥିପାଇଁ ଆମେ ଓଡ଼ିଆବାସୀ ବହୁତ ଗର୍ବିତ । ଏ ମାଟିରେ ଜନ୍ମିତ ସନ୍ଥ କବି ଭୀମ ଭୋଇଙ୍କ ମାନବ ସେବା ପାଇଁ ଉତ୍ସର୍ଗୀକୃତ ବାଣୀ " ମୋ ଜୀବନ ପଛେ ନର୍କେ ପଡ଼ିଥାଉ ଜଗତ ଉଦ୍ଧାର ହେଉ" ଯାହା ଅତ୍ୟନ୍ତ ହୃଦୟସ୍ପର୍ଶୀ ଓ ସର୍ବଜନବିଦିତ। ସେହିପରି ଜଗନ୍ନାଥ ଦାସଙ୍କ ଓଡ଼ିଆ ଭାଗବତ ଘରେ ଘରେ ପରିଚିତ, ଯାହା ଓଡ଼ିଆ ସଂସ୍କାରକୁ ପରିମାର୍ଜିତ କରିବା ସହିତ ଭଗବତପ୍ରେମୀ ହେବାରେ ସାହାଯ୍ୟ କରେ। ଭାରତରେ ପ୍ରଚଳିତ ଶୀର୍ଷ ଦଶଗୋଟି ଭାଷା ମଧ୍ୟରେ ଓଡ଼ିଆ ଭାଷା ଅନ୍ୟତମ ଏହା ଯଥାକ୍ରମେ ସଂସ୍କୃତ, ତାମିଲ, କନ୍ନଡ଼, ତେଲୁଗୁ, ମାଲୟାଲମ, ମରାଠୀ, ଓଡ଼ିଆ, ବଙ୍ଗାଳି, ଗୁଜୁରାଟୀ ଓ ହିନ୍ଦୀ । ଯଦିଓ ୧୯୦୩ ମସିହାରେ ଓଡ଼ିଶା ସ୍ୱତନ୍ତ୍ର ରାଷ୍ଟ୍ର ମର୍ଯ୍ୟାଦା ପାଇବା ପାଇଁ ପଥ ପରିଷ୍କାର ହୋଇଥିଲା, ତଥାପି ଓଡ଼ିଆ ଭାଷାକୁ ନେଇ ଅନେକ ବାଦ ବିବାଦ, ମତ ପାର୍ଥକ୍ୟ ମୁଣ୍ଡ ଟେକିଥିଲା, ଯାହା ପରବର୍ତ୍ତୀ ସମୟରେ ସ୍ୱର ଉତ୍ତୋଳନ କରିବା ପାଇଁ ଯଥେଷ୍ଟ ସାହସ ଜୁଟାଇଥିଲା। ପୂର୍ବେ ଓଡ଼ିଆ ଭାଷାଭାଷି ଅଞ୍ଚଳ ପାଞ୍ଚ ଭାଗରେ ବିଭକ୍ତ ହୋଇଥିଲା ଯଥାକ୍ରମେ , ବେଙ୍ଗଲ – ଓଡ଼ିଶା, ଛୋଟ ନାଗପୁର, ସେଣ୍ଟ୍ରାଲ ପ୍ରଭିନ୍ସ, ମାଡ୍ରାସ୍‌ ପ୍ରେସିଡେନ୍ସି ଓ ପାଞ୍ଚ ଗଡ଼ଜାତ ଅଞ୍ଚଳ। ଏପରିସ୍ଥଳେ ବିଭିନ୍ନ ଭାଷାଭାଷି ଲୋକଙ୍କ ଅବସ୍ଥିତି ଓଡ଼ିଆ ଭାଷା ପ୍ରାଧାନ୍ୟ ପ୍ରତି ସଙ୍କଟ ସୃଷ୍ଟି କଲା। ଫଳସ୍ୱରୂପ , ୧୯୦୩ ମସିହା ରେ, ଓଡ଼ିଆ ଜାତିର ମୁଖ୍ୟ କର୍ଣ୍ଣଧାର ଉତ୍କଳ ଗୌରବ ମଧୁସୂଦନ ଦାସ ଙ୍କ ଦ୍ୱାରା ଗଠିତ 'ଉତ୍କଳ ସମ୍ମିଳନୀ' ଏହାକୁ ସଫଳ ରୂପାୟନ କରିବା ସହ ଏଥିରେ ଯବନିକା ପକାଇଥିଲେ, ସେଦିନ ଥିଲା ୧୯୩୬ ମସିହା ଅପ୍ରେଲ ମାସ ୧ ତାରିଖ। ଯଦିଓ ୧୯୦୩ ମସିହା ଏହାର ମୂଳଦୂଆ ପଡିଥିଲା, ତଥାପି ୩୩ ବର୍ଷ ଅହରହ ସଂଗ୍ରାମ ଶେଷରେ ଓଡ଼ିଶା ରାଜ୍ୟଟି ଏକ ସ୍ୱତନ୍ତ୍ର ଭାଷାଭିତ୍ତିକ ରାଜ୍ୟ ରୂପେ ପରିଗଣିତ ହୋଇଥିଲା । ଏହି ପୁଣ୍ୟ ମାଟିରେ ପାଇକ ପୁଅଙ୍କ ପରାକାଷ୍ଠା 'ପାଇକ ବିଦ୍ରୋହ', ଯାହାଥିଲା ଭାରତ ସ୍ୱାଧୀନ ସଂଗ୍ରାମର ପ୍ରାକ୍‌ ପ୍ରସ୍ତୁତି। ବକ୍ସି ଜଗବନ୍ଧୁ, ଜୟୀ ରାଜଗୁରୁଙ୍କ ବୀରତ୍ୱ ଓ ତ୍ୟାଗ ତାଙ୍କୁ ସବୁଦିନ ପାଇଁ ଅମର କରିଦେଲା। ଓଡ଼ିଶା ଉତ୍ପାଦ ଓ ସୁସ୍ୱାଦୁ ଖାଦ୍ୟ ସମସ୍ତଙ୍କ ମନମୋହିଥାଏ, ପିପିଲିର ଚାନ୍ଦୁଆ ହରିରାଜପୁରର ପଟ୍ଟଚିତ୍ର, କୋଣାର୍କର ପଥର ଶିଳ୍ପ, ମାଣିଆବନ୍ଧର ବାନ୍ଧଶାଢି, ସମ୍ବଲପୁରର ବୋମକୋଇ ଶାଢି, ଗଂଜାମର କିଆ ଫୁଲ, କନ୍ଧମାଳ ହଳଦୀ, ଗୋପାଳପୁର ଟସର ବସ୍ତ୍ର, କଟକର ରୂପା- ତାରକସିକାମ, ଓଡ଼ିଶା ରସଗୋଲା, ନୟାଗଡ଼ ଛେନାପୋଡ଼, କେନ୍ଦ୍ରପଡା ରସାବଳି, ବାରିପଦା ମୁଢ଼ି–ଖାସିମାଂସ ତରକାରୀ, ନିମାପଡ଼ା ଛେନାଝିଲ୍ଲି, କଟକର ଦହିବରା, ସର୍ବପରେ 'ବଘରା ଦହି ପଖାଳ ସାଙ୍ଗକୁ ବଡ଼ିଚୁରା, ଚୁନା ମାଛ ଭଜା, ଶାଗ ଭଜା ଓ ବାଇଗଣ ପୋଡ଼ା ର ସ୍ୱାଦ ଖାଇବା ଲୋକଟି କେବଳ ବଖାଣି ପାରିବ। କ୍ଷୋଭର କଥା ଶସ୍ୟଶ୍ୟାମଳା ଓ ପ୍ରାକୃତିକ ସମ୍ପଦ ଭରା ବିତ୍ତଶାଳୀ ରାଜ୍ୟ ଓଡ଼ିଶା ଗରିବ ରାଜ୍ୟ ମାନ୍ୟତା ପାଉଛି। ଆଜିବି ଏ ରାଜ୍ୟ ସାମଗ୍ରିକ ବିକାଶ ଧାରା ରେ ସମ୍ପୂର୍ଣ୍ଣ ସାମିଲ ହୋଇ ପାରିନାହିଁ । ଖଣିଜ ସମ୍ପଦ, ଅରଣ୍ୟ ସମ୍ପଦ , ପର୍ଯ୍ୟଟନ ବିକାଶ ,ଉପକୁଳବର୍ତ୍ତୀ ଜଳ ସମ୍ପଦର ସୁବିନିଯୋଗ ନ ହେବା ଏ ଦିଗରେ ମୁଖ୍ୟ ଅନ୍ତରାୟ ସୃଷ୍ଟି କରୁଛି । ପରିତାପର ବିଷୟ ଏହିକି ଯେ ବର୍ତ୍ତମାନର ପିଢି, ଓଡ଼ିଆ ଭାବେ ଓଡ଼ିଆଭାଷାକୁ ଅଣଦେଖା କରିବା ଆଗାମି ପିଢି ପାଇଁ ପୁନରାୟ ଆଉ ଏକ ସଙ୍କଟ ସୃଷ୍ଟି କରିବ। ଏପରିକି ସଭାସମିତି ଛଡା ସାଧାରଣ କଥାବାର୍ତ୍ତା ବି ଇଂରାଜୀ ଶବ୍ଦ ସହିତ ଅନ୍ୟ ଭାଷା ର ଗୁଣାତ୍ମକ ବ୍ୟବହାର ଯାହା ଓଡ଼ିଆ ଭାଷା ପ୍ରତି ଅହେତୁକ ରୁଚି ନଥିବା ଭଳି ମନେହୁଏ। ରାଜ୍ୟର ଅଧିକାଂଶ ବିଦ୍ୟାଳୟ ଏବେ ଇଂରାଜୀ ମାଧ୍ୟମ, ଏହା କ୍ରମେ ସମ୍ପ୍ରସାରିତ ହୋଇ ଏବେ ଗାଁ ମୁହାଁ, ଅଭିଭାବକ ମାନେ ନିଜ ପିଲାଙ୍କୁ ଓଡ଼ିଆ ନ ପଢାଇବା ପାଇଁ ସତେ ଯେମିତି ଶପଥ ନେଇଛନ୍ତି। ଗାଁ ପିଲା ଏବେ ଇଂରାଜୀ ମାଧ୍ୟମ ସ୍କୁଲ ମୁହାଁ। ପୂର୍ବେ ଓଡ଼ିଆ ସ୍କୁଲ ରେ ପ୍ରଚଳିତ 'ମଧୁ ବର୍ଣ୍ଣବୋଧ' ଯାହା ପ୍ରାରମ୍ଭ ଓଡ଼ିଆ ଶିକ୍ଷା ପାଇଁ ଅନେକ ଉପାଦେୟ ପୁସ୍ତକ ତାହା ଏବେ ବିଲୁପ୍ତ ପ୍ରାୟ, ଅବଶ୍ୟ ଏହାର ଆବଶ୍ୟକତା କୁ ହୃଦୟଙ୍ଗମ କରି ସରକାର ଚଳିତ ବର୍ଷ ମଧୁ ବର୍ଣ୍ଣବୋଧ ଛାପିବାକୁ ଅଣ୍ଟା ଭିଡିଛନ୍ତି, ଯାହା ଏଦିଗରେ ଅନେକ ସହାୟକ ହେବ । ଡେରିରେ ହେଉପଛେ ସରକାର ଙ୍କ ଦ୍ୱାରା ସତ୍ୟବାଦୀ ରେ ସ୍ଥାପିତ ଓଡ଼ିଆ ବିଶ୍ୱବିଦ୍ୟାଳୟ ଯଦି ପ୍ରକୃତ ଭାବରେ କାର୍ଯ୍ୟକାରୀ ହେବ ତାହାହିଁ ଆଣିବ ଓଡ଼ିଆଭାଷା ର ପ୍ରସାର ପାଇଁ ନୂତନ ସମ୍ଭାବନା ତତ୍‌ ସହିତ ପଞ୍ଚସଖା ଙ୍କ ଦ୍ୱାରା ପ୍ରତିଷ୍ଠିତ ହୋଇଥିବା ସତ୍ୟବାଦୀ ବନବିଦ୍ୟାଳୟ ର ପ୍ରକୃତ ଆଭିମୁଖ୍ୟ । ଦେଶ ସ୍ୱାଧୀନର ପଞ୍ଚସ୍ତରୀ ବର୍ଷ ଅତିକ୍ରାନ୍ତ କରିଥିବାବେଳେ ରାଜ୍ୟ ସରକାର ଦପ୍ତରରେ ଏବେମଧ୍ୟ ଓଡ଼ିଆ ଭାଷା ସମ୍ପୂର୍ଣ୍ଣ ଉପଯୋଗୀ ହୋଇପାରିନାହିଁ । ଅନ୍ୟ ଏକ ବିଡମ୍ବନା ର ବିଷୟ, ଏବେବି ଅନେକ ଓଡ଼ିଆ ଭାଷାଭାଷୀ ଅଞ୍ଚଳ ପଡୋଶୀ ରାଜ୍ୟ ଆନ୍ଧ୍ରପ୍ରଦେଶରେ, ଛତିଶଗଡ଼, ଝାଡଖଣ୍ଡ, ପଶ୍ଚିମ ବଙ୍ଗ କବଳରୁ ମଧ୍ୟ ମୁକ୍ତ ହୋଇପାରିନାହିଁ ଯାହା ଭରତ ଭଳି ସଂଘୀୟ ରାଷ୍ଟ୍ରରେ ଆଦୌ ଶୋଭା ପାଏନାହିଁ । କେନ୍ଦ୍ର ସରକାର ବା ଦେଶ ର ସର୍ବୋଚ୍ଚ ନ୍ୟାୟାଳୟ ଏଥିରେ ହସ୍ତକ୍ଷେପ କରି ରାଜ୍ୟ ମାନଙ୍କ ସୀମା ନିର୍ଦ୍ଧାରଣ ପାଇଁ ଏକ ଜରୁରୀ ପଦକ୍ଷେପ ନେଲେ ଏହା ଅନେକ ଦିନର ସମସ୍ୟା ଟାଳିବାରେ ସହାୟକ ହୋଇପାରିବ। ଏବେ ସମୟ ଆସିଛି, ଓଡ଼ିଆ ଭାଷା ପ୍ରତି ଆମର ମାନସିକତା ପରିବର୍ତ୍ତନ କରିବା ସହ ଏ ଦିଗରେ ଅନେକ କିଛି କରିପାରିଲେ ତାହାହିଁ ହେବ "ନବ ଉତ୍କଳ" ଗଢିବାର ଏକ ସୁନିଶ୍ଚିତ ପ୍ରୟାସ। ବନ୍ଦେ ଉତ୍କଳ ଜନନୀ।

# ଉତ୍କଳ ଦିବସ



କାଳି ଦାସ
ବ୍ରହ୍ମପୁର, ଖୋଡ଼ାସିଙ୍ଗ କଳିଙ୍ଗନଗର,
ମୋ–୭୨୦୫୧୦୦୮୩୯

ଉତ୍କଳ ଦିବସ ଓଡ଼ିଶା ରାଜ୍ୟର ପ୍ରତିଷ୍ଠା ଦିବସ । ପୁରା ରାଜ୍ୟରେ ୧ ଅପ୍ରେଲକୁ ଉତ୍କଳ ଦିବସ ରୂପେ ପାଳନ କରାଯାଇଥାଏ । ଉତ୍କଳ ଦିବସ ପାଳନ କରିବାର ମୂଳ ଉଦ୍ଦେଶ୍ୟ ହେଲା ଓଡ଼ିଆ ଭାଷା ଏବଂ ସଂସ୍କୃତିର ପ୍ରତିଷ୍ଠାକୁ ମନେ ପକେଇବା । ସ୍ୱତନ୍ତ୍ର ହୋଇଥିବା ଓଡ଼ିଶା ରାଜ୍ୟ ଏବଂ ତାର ସଂଘର୍ଷର କାହାଣିକୁ ଆମେ ଏହି ଦିନ ମନେପକାଉ। ଉତ୍କଳ ଦିବସ ପାଳନ କଲାବେଳେ ଆମେ ଓଡ଼ିଆ ଜାତିର ବୀର ଗାଥାକୁ ରୋମନ୍ଥନ କରୁ । ୧ ଏପ୍ରେଲ ୨୦୨୧ ଗୁରବାର ଦିନ ପୁରା ଦେଶ ଏବଂ ବିଦେଶରେ ଓଡ଼ିଆ ଲୋକଙ୍କ ଦ୍ୱାରା ଉତ୍କଳ ଦିବାସ ମହାସମାରୋହରେ ପାଳନ କରାଯାଇଥିଲା । ଏହି ଦିନ "ଓଡ଼ିଶା ଓ ଓଡ଼ିଆ" କୁ କେନ୍ଦ୍ର ସରକାରଙ୍କ ଦ୍ୱାରା ମାନ୍ୟତା ଦିଆଗଲା ।

୧ ଅପ୍ରେଲ ୧୯୩୬ ଓଡ଼ିଶା ରାଜ୍ୟକୁ ଅଲଗା ରାଜ୍ୟ ରୂପେ ଘୋଷଣା କରାଯାଇଥିଲା । ଏଥିପାଇଁ ଅନେକ ଓଡ଼ିଆ ପ୍ରେମୀଙ୍କୁ ଅନେକ ସଂଘର୍ଷ କରିବାକୁ ପଡିଥିଲା । ଓଡ଼ିଶା ରାଜ୍ୟର ନିର୍ମାଣ ପାଇଁ ଉତ୍କଳ ଗୌରବ ମଧୁସୂଦନ ଦାସ, ଉତ୍କଳ ମଣି ପଣ୍ଡିତ ଗୋପବନ୍ଧୁ ଦାସ, ପଣ୍ଡିତ ଗୋଦାବରୀଶ ମିଶ୍ର ମହାରାଜା କୃଷ୍ଣ ଚନ୍ଦ୍ର ଭଞ୍ଜଦେବ ଏହି ପରି ଅନେକ ଲୋକଙ୍କ ମହତ୍ତ୍ୱପୂର୍ଣ୍ଣ ଯୋଗଦାନ ଅଛି। ଉତ୍କଳ ମଣି ଗୋପବନ୍ଧୁ ଦାସଙ୍କ ଓଡିଶା ଦେଶ ପ୍ରୀତି ଦେଖିଲେ ଆଖିରେ ଲୁହ ଜମିଯାଏ । "ମିଶୁ ମୋର ଦେହ ଏ ଦେଶ ମାଟିରେ....ଦେଶବାସୀ ଚାଲିଯାଆନ୍ତୁ ପିଠିରେ । ଦେଶର ସ୍ୱରାଜ୍ୟ ପଥେ ଯେତେ ଗାଡ଼ ପୁରୁ ତହିଁ ପଡ଼ି ମୋର ମାଂସ ହାଡ଼"। ୨୦୧୧ ରେ ଓରିଶା ରାଜ୍ୟର ନାମ ସମ୍ବିଧାନରେ ସଂଶୋଧନ କରି ଓଡ଼ିଶା ରାଜ୍ୟ ରୂପେ ନାମକରଣ କରାଯାଇଥିଲା । ଉତ୍କଳ ଗୌରବ ମଧୁସୂଦନ ଦାସ, ଉତ୍କଳମଣି ଗୋପବନ୍ଧୁ ଦାସ, ମହାରାଜା ଶ୍ରୀ ରାମଚନ୍ଦ୍ର ଭଞ୍ଜଦିଓ, ମହାରାଜା ଶ୍ରୀ କୃଷ୍ଣଚନ୍ଦ୍ର ଗଜପତି, ଫକିର ମୋହନ ସେନାପତି ଏବଂ ଗଙ୍ଗାଧର ମେହେର, ଗୌରୀଶଙ୍କରଙ୍କ ଅଗ୍ରଣୀ ପ୍ରୟାସ ଯୋଗୁ ଓଡ଼ିଶା ଏକ ଅଲଗା ସୁନ୍ଦର ଭାଷା ଓ ପାରମ୍ପରିକ ରାଜ୍ୟ ହୋଇଗଲା। ଆଜି ବିଶ୍ୱ ଆଗରେ ଓଡ଼ିଆ ଜାତି ମୁଣ୍ଡ ଉଠାଇ ଠିଆ ହୋଇଛି । ଓଡ଼ିଆ ସଂସ୍କୃତି , ଓଡିଆର ଗୌରବମୟ ଇତିହାସ ସମୟର ଝଡ଼ରେ ହଜିଯାଇନି । ଉତ୍କଳର ଆଉ ଗୋଟିଏ ନାମ କଳିଙ୍ଗ ଅନେକ ସ୍ଥାନରେ ଏହି ନାମ ଦେଖିବାକୁ ମିଳିଛି। ଅଶୋକଙ୍କ କଳିଙ୍ଗ ଯୁଦ୍ଧ ତା ସହିତ ଅନେକ ଶିଳାଲିପି ଓଡ଼ିଶାର ପ୍ରତିଷ୍ଠା ଓ ସ୍ଥିତିକୁ ଦର୍ଶାଇଛି । ଖାରାବେଳଙ୍କର ଶିଳାଲିପି ମଧ୍ୟ ଓଡ଼ିଶାର ଗୌରବମୟ ଇତିହାସର ଏକ ଉଦାହାରଣ । ଦିନଥିଲା ଓଡ଼ିଆ ବୀର ମାନେ ଗଙ୍ଗାଠାରୁ ଗୋଦାବରି ଯାଏଁ ଭୂମଣ୍ଡଳ ଉପରେ ବିଜୟର ପତାକା ଉଡ଼ାଇଥିଲେ । ମହାଭାରତର ପୃଷ୍ଠାରେ କଳିଙ୍ଗର ନାମ ମଧ୍ୟ ଉଲ୍ଲେଖ କରାଯାଇଛି । ଦୁର୍ଯ୍ୟୋଧନର ନିମନ୍ତ୍ରଣ ପାଇ କଳିଙ୍ଗ ରାଜା ମହାଭାରତ ଯୁଦ୍ଧରେ ଯୋଗ ଦେଇଥିଲେ ଏବଂ ଯୁଦ୍ଧ କରି ମୃତ୍ୟୁବରଣ କରିଥିଲେ । ଉତ୍କଳ ଦିବସ କେବଳ ଭାରତରେ ନୁହେ ବରଂ ଅନ୍ୟ ଦେଶରେ ମଧ୍ୟ ପାଳନ କରାଯାଏ । ଉତ୍କଳ ଦିବସ ଅନ୍ୟ ଦେଶରେ ବାସ କରୁଥିବା ଓଡ଼ିଆ ଲୋକଙ୍କ ଦ୍ୱାରା ପାଳନ କରାଯାଇଥାଏ। ଏହି ଦିବସର ମହତ୍ତ୍ୱ ଦର୍ଶାଇବା ପାଇଁ ରାଜ୍ୟର ବଡ଼ ଏବଂ ଛୋଟ ସହରରେ ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥାଏ । ଉତ୍କଳ ଦିବସକୁ ଓଡ଼ିଶା ସରକାରଙ୍କ ଦ୍ୱାରା ରାଜ୍ୟ ବ୍ୟାପୀ ଛୁଟି ଘୋଷଣା କରାଯାଇଥାଏ। ସ୍କୁଲ, କଲେଜ, ଅଫିସ ଓ ବ୍ୟାଙ୍କ ଗୁଡିକ ବନ୍ଦ ହୋଇଥାଏ । ଉତ୍କଳ ଦିବସରେ ବିଭିନ୍ନ ସ୍ଥାନରେ ସାଂସ୍କୃତିକ କାର୍ଯ୍ୟକ୍ରମ ଦେଖିବାକୁ ମିଳିଥାଏ। ପିଲାଙ୍କ ଠାରୁ ବଡ଼ ଯାଏଁ ସମସ୍ତେ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥାନ୍ତି । ରାତି ସମୟରେ ନାଚ ଗୀତ ଏବଂ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ଦେଖିବାକୁ ମିଳିଥାଏ। ଉତ୍କଳ ଦିବସକୁ ଧରି କବିତା ପାଠ, ବକ୍ତୃତା ପ୍ରତିଯୋଗିତା, ଭାଷଣ ପ୍ରତିଯୋଗିତା ଅନେକ ସ୍ଥାନରେ ଅନୁଷ୍ଠିତ ହୋଇଥାଏ । ଏହାର ମୂଳ ଉଦ୍ଦେଶ୍ୟ ହେଲା ନୂଆ ପିଢ଼ିଙ୍କୁ ଓଡ଼ିଆ ଭାଷା ଓ ଓଡ଼ିଶା ସଂସ୍କୃତି ସହିତ ପରିଚୟ କରାଇବା । ନିଜକୁ ଓଡ଼ିଆ ଭାବି ଗୌରବାନ୍ୱିତ ହେବା । ମାର୍ଚ୍ଚ ୧୧, ୨୦୧୪ ରେ ଓଡ଼ିଆ ଭାଷାକୁ କ୍ଲାସିକଲ ଭାଷା ରୂପେ ଘୋଷଣା କରାଗଲା । ଏହା ହେଉଛି ଷଷ୍ଠ ତମ ଶାସ୍ତ୍ରୀୟ ଭାଷା । ଏହା ପୂର୍ବରୁ ସଂସ୍କୃତ, ତାମିଲ , ତେଲଗୁ , କାନାଡ଼ା ଏବଂ ମାଲୟାଲମକୁ ଶାସ୍ତ୍ରୀୟ ଭାଷା ରୂପେ ମାନ୍ୟତା ମିଳିଥିଲା ।

*Printed & Published by* **Basanti Roy** on behalf of **Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.**
Editor : **Jayasish Roy**
**E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022**
ସମ୍ପାଦକ : **ଜୟାଶୀଷ ରାୟ**





# ବିଜେପିରେ ଯୋଗ ଦେଲେ ସୁରେଶ ଚନ୍ଦ୍ର ପାତ୍ର

**ବ୍ରହ୍ମପୁର, ନ୍ୟୁଜ୍ ବ୍ୟୁରୋ**




ଗୁରୁବାର ଦିନ ବିଜେପି ଗୋପାଳପୁର ନିର୍ବାଚନ ମଣ୍ଡଳୀ ତରଫରୁ ଦଳୀୟ କାର୍ଯ୍ୟାଳୟରେ ଏକ ସଭାର ଆୟୋଜନ କରାଯାଇଥିଲା । ଉକ୍ତ ସଭାରେ ବ୍ରହ୍ମପୁର ଲୋକସଭା ବିଜେପି ପ୍ରାର୍ଥୀ ଡଃ ପ୍ରଦୀପ କୁମାର ପାଣିଗ୍ରାହୀ, ପୂର୍ବତନ ବିଜେପି ପାର୍ଟି ଜିଲ୍ଲା ସଭାପତି ବିଭୁତି ଭୁଷଣ ଜେନା, ରାଜ୍ୟ ବିଜେପି ସାଧାରଣ ସମ୍ପାଦକ ଶରତ ଭାଇ, ପୂର୍ବତନ ଛତ୍ରପୁର ବିଧାୟକ ପ୍ରାର୍ଥୀ ବନମାଳୀ ସେଠୀ ଏବଂ ଜିଲ୍ଲାର ବହୁ ବରିଷ୍ଠ ବିଜେପି ନେତାଙ୍କ ଉପସ୍ଥିତରେ ଛତ୍ରପୁର ସ୍ଥିତ ଭାରତୀୟ ବିରଳ ମୃତ୍ତିକାର ଅବସରପ୍ରାପ୍ତ ଉପ ପ୍ରବନ୍ଧକ ସୁରେଶ ଚନ୍ଦ୍ର ପାତ୍ର ଆନୁଷ୍ଠାନିକ ଭାବେ ବିଜେପି ପାର୍ଟିରେ ଯୋଗଦାନ କରିଥିଲେ । ରାଜ୍ୟ ବିଜେପି ସାଧାରଣ ସମ୍ପାଦକ ଶରତ ଭାଇଙ୍କ ଦ୍ୱାରା ବିଜେପି ପାର୍ଟି ତରଫରୁ ସୁରେଶ ଚନ୍ଦ୍ର ପାତ୍ରଙ୍କୁ ପାର୍ଟି ତରଫରୁ ଉତ୍ତରୀୟ ପ୍ରଦାନ କରି ପାର୍ଟିରେ ଗ୍ରହଣ କରାଯାଇଥିଲା । ସୁରେଶ ଚନ୍ଦ୍ର ପାତ୍ର ଛାତ୍ର ଜୀବନରୁ ଖଲ୍ଲିକୋଟ କଲେଜ ଓ ଲିଙ୍ଗରାଜ ଆଇନ୍ ମହାବିଦ୍ୟାଳୟରେ ଛାତ୍ର ସଂଗଠନର ଛାତ୍ର ନେତା ଭାବେ ବହୁ ପଦବୀରେ ଥିଲେ ଓ ପରେ ଚାକିରୀ ସମୟରେ ଦୀର୍ଘ ବର୍ଷଧରି ଭାରତୀୟ ବିରଳ ମୃତ୍ତିକାର ଶ୍ରମିକ ସଂଗଠନ ଓ ଅଫିସର ଆସୋସିଏସନ୍‌ରେ ପଦ ପଦବୀରେ ଥିଲେ ଓ ନେତୃତ୍ୱ ନେଇଥିଲେ । ଉପ ପ୍ରବନ୍ଧକ (ପ୍ରଶାସନ) ଓ ଜନସମ୍ପର୍କ ବିଭାଗରେ କାର୍ଯ୍ୟରତ ସମୟରେ ଛତ୍ରପୁର ଅଞ୍ଚଳରେ ଜନସମ୍ପର୍କ ସ୍ଥାପିତ ଓ ସି.ଏସ.ଆର ମାଧ୍ୟମରେ ବହୁ ଜନହିତକର କାର୍ଯ୍ୟକୁ ଆଗେଇ ନେଇଥିଲେ । ସୁରେଶ ଚନ୍ଦ୍ର ପାତ୍ର ତାଙ୍କର ଛାତ୍ର ସଂଗଠନ, ଶ୍ରମିକ ସଂଗଠନ ଓ ସାମାଜିକ ସଂଗଠନର ଦକ୍ଷତା ଏବଂ ଅଭିଜ୍ଞତାକୁ ବିଜେପି ପାର୍ଟି ସକାଶେ ସମର୍ପିତ କରିବା ସକାଶେ ପ୍ରତିଶ୍ରୁତି ବଦ୍ଧ ବୋଲି ଘୋଷଣା କରିଥିଲେ ।

# ଅଦିନିଆ ଝଡ଼ ବର୍ଷାରେ ଡାଲିଜାତୀୟ ଓ ପନିପରିବା ଫସଲ ନଷ୍ଟ:ଚିନ୍ତାରେ ଚାଷୀ

**ବୌଦ୍ଧ, ନ୍ୟୁଜ୍ ବ୍ୟୁରୋ**



ଅଦିନିଆ ଝଡ଼ ବର୍ଷା ରବି ଫସଲ ପାଇଁ କାଳ ସାଜିଲା । ଜିଲ୍ଲାର ବିଭିନ୍ନ ସ୍ଥାନରେ ପ୍ରବଳ ଝଡ଼ ତୋଫାନ ସହିତ ଝିପିଝିପି ବର୍ଷା ଲାଗି ରହିଥିଲା। ଯାହାଫଳରେ ଏହାର ସିଧାସଳଖ ପ୍ରଭାବ ଚାଷୀଙ୍କ ଉପରେ ପଡ଼ିଛି । ଅନେକ ସ୍ଥାନରେ ପନିପରିବା ଚାଷ ପ୍ରଭାବିତ ହୋଇଥିବା ଦେଖିବାକୁ ମିଳିଛି । ବିଶେଷ ଭାବରେ ରବି ଫସଲରେ ବ୍ୟାପକ କ୍ଷୟକ୍ଷତି ହୋଇଥିବା ଜଣାପଡିଛି । ଏହି ବର୍ଷା କାରଣରୁ ବୌଦ୍ଧ ବ୍ଲକରେ ୨୩ ଟି ପଞ୍ଚାୟତର ଅନେକ ଚାଷୀ କ୍ଷତିଗ୍ରସ୍ତ ହୋଇଥିବା ଦେଖିବାକୁ ମିଳିଛି । ଧାନ ଫସଲ ପରେ ଚାଷୀ ଡାଲି ଜାତୀୟ ତଥା ପନିପରିବା ଚାଷ କରି ନିଜର ଆର୍ଥିକ ମାନଦଣ୍ଡ ସୁଦୃଢ଼ କରିଥାଏ। ତେବେ ତିନିଦିନ ଧରି ଜିଲ୍ଲାର ବିଭିନ୍ନ ସ୍ଥାନରେ ପ୍ରବଳ ଝଡ଼ ତୋଫାନ ସହିତ ଝିପିଝିପି ବର୍ଷା ଯୋଗୁଁ ଏହାର ସିଧାସଳଖ ପ୍ରଭାବ ଚାଷୀ କୂଳ ଉପରେ ପଡ଼ିଛି । ବୌଦ୍ଧ ବ୍ଲକ ଅନ୍ତର୍ଗତ ମୁଣ୍ଡାପଡ଼ା, ପଦ୍ମନପୁର, ମୁଣ୍ଡିପଦର, ତେଲିବନ୍ଧ, ଖୁଣ୍ଟବନ୍ଧ, ଲକ୍ଷ୍ମୀପ୍ରସାଦ ପଞ୍ଚାୟତ ସମେତ ଜିଲ୍ଲାର ଅନ୍ୟାନ୍ୟ ଅଞ୍ଚଳରେ ପନିପରିବା ଚାଷ ସହିତ ତରଭୁଜ ଚାଷ ତଥା ବୌଦ୍ଧ ଜିଲ୍ଲାର ସ୍ୱତନ୍ତ୍ର ପରିଚୟ ଥିବା ମୁଗ, ହରଡ, କୋଳଥ, ଚଣା, ଝୁଡୁଙ୍ଗ ଭଳି ରବି ଫସଲ ଉପରେ ଏହାର ଗଭୀର ପ୍ରଭାବ ପଡିଛି । ଅମଳ ହେବାକୁଥିବା ହରଡ ଓ ମାଣ୍ଡିଆ ଏଥିରେ ବିଶେଷ ଭାବେ ପ୍ରଭାବିତ ହୋଇଛି । ଏହା ସହିତ କୋବି, ବାଇଗଣ, ଟମାଟୋ ଆଦି ପନିପରିବା ବ୍ୟାପକ ନଷ୍ଟ ହୋଇଛି । କୃଷିବିଭାଗ କ୍ଷୟକ୍ଷତିର ତଦନ୍ତକରି ଆବଶ୍ୟକ କ୍ଷତିପୂରଣ ଯୋଗାଇ ଦେବାକୁ ଚାଷୀ ମହଲରୁ ଦାବି ହେଉଛି ।

# ସୂଚନା ଓ ଲୋକସମ୍ପର୍କ ବିଭାଗ ଉତ୍ତରାଞ୍ଚଳ ଉପ-ନିର୍ଦ୍ଦେଶକଙ୍କ କେନ୍ଦୁଝର ଗସ୍ତ



**କେନ୍ଦୁଝର, ନ୍ୟୁଜ୍**

ସୂଚନା ଓ ଲୋକସମ୍ପର୍କ ବିଭାଗ (ଉତ୍ତରାଞ୍ଚଳ) ଉପ-ନିର୍ଦ୍ଦେଶକ କଲ୍ୟାଣୀ ଦାଶ କେନ୍ଦୁଝର ଜିଲ୍ଲା ଗସ୍ତରେ ଆସି ଜିଲ୍ଲା ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟ ଏବଂ ସୂଚନା କେନ୍ଦ୍ର ତଥା ପାଠାଗାର ନିରୀକ୍ଷଣ କରିଛନ୍ତି । ଏଥିସହିତ ଜିଲ୍ଲା ସଦର ମହକୁମା ଠାରେ ଥିବା ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀଙ୍କ କାର୍ଯ୍ୟାଳୟରେ ଥିବା ସମସ୍ତ କାର୍ଯ୍ୟ ପ୍ରକ୍ରିୟା ବିଷୟରେ ପଚାରି ବୁଝିବା ସହିତ କର୍ମଚାରୀ ମାନଙ୍କ ସହ ଆଗାମୀ କାର୍ଯ୍ୟ ପ୍ରଣାଳୀକୁ ତ୍ୱରାନ୍ୱିତ କରିବା ପାଇଁ ଏକ ବୈଠକ କରିଥିଲେ । ସମସ୍ତ କାର୍ଯ୍ୟ ତନଖି କରିବା ପରେ ଶ୍ରୀମତୀ ଦାଶ ସନ୍ତୋଷ ବ୍ୟକ୍ତ କରିଥିଲେ । ଏହି ଅବସରରେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସାର୍ଥକ ରାୟ, ବରିଷ୍ଠ ରାଜସ୍ୱ ସହାୟକ ପୀତବାସ ମହାନ୍ତ ଓ କାର୍ଯ୍ୟାଳୟର ଅନ୍ୟାନ୍ୟ କର୍ମଚାରୀ ଉପସ୍ଥିତ ରହିଥିଲେ ।




# ବିଜେଡ଼ିରୁ ସତୀଶ ବିଶ୍ୱାଳଙ୍କ ଇସ୍ତଫା

**ଧର୍ମଶାଳା, ନ୍ୟୁଜ୍ ବ୍ୟୁରୋ**

ବିଜେଡ଼ି ପ୍ରାର୍ଥୀ ଚୂଡାନ୍ତ ପରେ ଧର୍ମଶାଳା ନିର୍ବାଚନ ମଣ୍ଡଳୀର ଜଣେ ଟିକେଟ ଦାବିଦାର ଥିବା ତଥା ବିଜେଡ଼ିର ବରିଷ୍ଠ ସଂଗଠକ ସାମ୍ବାଦିକ ସତୀଶ ବିଶ୍ୱାଳ ବିଜେଡ଼ି ଦଳ ତ୍ୟାଗ କରି ସ୍ୱାଧୀନପ୍ରାର୍ଥୀ ଭାବେ ଆସନ୍ତା ନିର୍ବାଚନରେ ଲୋକଙ୍କ ପାଖକୁ ଯିବେ । ଗୁରୁବାର ପୂର୍ବାହ୍ନରେ ଜାରକା ପ୍ରୟାଗ ମଣ୍ଡପ ଠାରେ ଆହୁତ ସାମ୍ବାଦିକ ସମ୍ମିଳନୀରେ ସେ ଏ ସମ୍ପର୍କରେ ଘୋଷଣା କରିଛନ୍ତି । ସେ ଭାବବିହ୍ୱଳ ହୋଇ ବାଷ୍ପରୁଦ୍ଧ କଣ୍ଠରେ କହିଲେ ଯେ ବିଜେଡ଼ି ଦଳରୁ ଦୀର୍ଘ ବର୍ଷର ସମ୍ପର୍କ ମୁଁ ଆଜି ଛିନ୍ନ କରୁଛି । ଆସନ୍ତା ନିର୍ବାଚନରେ ସ୍ୱାଧୀନ ପ୍ରାର୍ଥୀ ଭାବେ ଲୋକଙ୍କ ପାଖକୁ ଯିବି । ଏହି ସାମ୍ବାଦିକ ସମ୍ମିଳନୀରେ ଅଶୋକ ସାମଲ, ସୁବାସ ଚନ୍ଦ୍ର ସାହୁ, ଅଭୟ ସାମଲ, କାର୍ତ୍ତିକ ସ୍ୱାଇଁ ଓ ଗୟାଧର ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।




# ଶ୍ରୀ ଶ୍ରୀ ସିଦ୍ଧ ଖଇଫୁଟା ଠାରେ ବିଶ୍ୱ ଶାନ୍ତି ମହାଯଜ୍ଞ ଉଦ୍‌ଯାପିତ

**ତିର୍ତ୍ତୋଲ, ନ୍ୟୁଜ୍ ବ୍ୟୁରୋ**

ତିର୍ତ୍ତୋଲ ବ୍ଲକ ଗୋପାଳପୁର (ଶଙ୍ଖେଶ୍ୱର) ପଞ୍ଚାୟତ ଡେରକଣା ଠାରେ ଆଞ୍ଚଳିକ ଜନକଲ୍ୟାଣ ସମିତି ଆନୁକୂଲ୍ୟରେ ତ୍ରୟୋଦଶ ତମ ବାର୍ଷିକ ବିଶ୍ୱଶାନ୍ତି ମହାଯଜ୍ଞ ଉଦ୍‌ଯାପିତ ହୋଇଯାଇଛି । ଯଜ୍ଞର ପ୍ରଧାନଚାର୍ଯ୍ୟ ପଣ୍ଡିତ ନିରଞ୍ଜନ ଦାଶଙ୍କ ମାର୍ଗଦର୍ଶନରେ ସ୍ଥାନୀୟ ଅଞ୍ଚଳର ବହୁ ବିଦ୍ୱାନ ପଣ୍ଡିତ ମାନଙ୍କ ଦ୍ୱାରା ଦୀର୍ଘ ୧୩ ବର୍ଷ ଧରି ଚାଲିଆସୁଛି । ଚଳିତ ବର୍ଷ ଏହି ଆଧାତ୍ମିକ ଯଜ୍ଞ ଉତ୍ସବରେ ବିଭିନ୍ନ ଦିବସର ସନ୍ଧ୍ୟାରେ ଇଂ ପ୍ରାର୍ଥ ସାରଥୀ ମହାନ୍ତି ପ୍ରାର୍ଥନାର ବକ୍ତା ଓ ଶିଶୁ ଅନନ୍ତ ଆଶ୍ରମର ପ୍ରତିଷ୍ଠାତା ପୂଜ୍ୟ ପଦ୍ମଶ୍ରୀ ବାବା ବଳିଆଙ୍କ ଅନୁଷ୍ଠାନର ବରିଷ୍ଠ ଶିଷ୍ୟ ଶ୍ରୀବତ୍ସ ଦାସଙ୍କ ସମେତ ଆଶ୍ରମର ବହୁ ସନ୍ୟାସୀ ଉପସ୍ଥିତ ରହିଥିଲେ । ବିଶ୍ୱ ଶାନ୍ତି ଯଜ୍ଞରେ କର୍ତ୍ତାଭାବେ ବିଜୟ କୁମାର ବିଶ୍ୱାଳ ଓ କର୍ତ୍ତୀଭାବେ ଧରିତ୍ରୀ ବିଶ୍ୱାଳ କାର୍ଯ୍ୟଭାର ତୁଲାଇଥିଲେ । ଆଞ୍ଚଳିକ ଜନକଲ୍ୟାଣ ସମିତି ତରଫରୁ ପୂର୍ଣ୍ଣାହୁତି ସନ୍ଧ୍ୟାରେ ନିଳୋତ୍କଳ ପ୍ରବକ୍ତା ପରିଷଦ ସଭ୍ୟ ତଥା ଧର୍ମ ଜାଗରଣ ମଞ୍ଚ ଜିଲ୍ଲା ସଂଯୋଜକ ରାମାୟଣୀ ପଣ୍ଡିତ ଅଭୟ ଦାଶଙ୍କ ପୌରୋହିତ୍ୟ କରିଥିଲେ । ଏହି କାର୍ଯ୍ୟକ୍ରମକୁ ବରିଷ୍ଠ ସଭ୍ୟ ବଟକୃଷ୍ଣ ସାହୁ, ଅଜୟ କୁମାର ସାହୁ, ଉତ୍ତମ ସାହୁ, ଶରତ ସାହୁ, ଅନାମ ମହାନ୍ତି, ସୁବାଷ ମହାପାତ୍ର (ଖୋକନ), ନୟନ ମହାପାତ୍ର, ନିରଞ୍ଜନ ଜେନା, ଅଞ୍ଜନ ସାହୁ, ଅଶୋକ ମହାପାତ୍ର, ମୀନକେତନ ଦାସ, ଟୁକୁନା ସାହୁ, ବିରାଜ ମୋହନ ମହାପାତ୍ର, ଅରବିନ୍ଦ ମହାପାତ୍ର, ପ୍ରଦୀପ ମହାପାତ୍ର, ପ୍ରଦୀପ୍ତ ପଟ୍ଟନାୟକ, ରବୀନ୍ଦ୍ର ଖୁଣ୍ଟିଆ, ସନ୍ତୋଷ ପଟ୍ଟନାୟକ, କୃତିବାସ ବାରିକ, ମୀନକେତନ ଦାସ, ଅଞ୍ଜନ ସାହୁ, ଅର୍ଜୁନ ପୃଷ୍ଟି, ସୁକାନ୍ତ ମହାପାତ୍ର, ଶିବପ୍ରସାଦ ଦାସ, ସତ୍ୟାନନ୍ଦ ବେହେରା, ମାଧବ ଦାସ, କାହ୍ନୁରା ପରିଜାଙ୍କ ସମେତ ସମସ୍ତ ସଦସ୍ୟ ପରିଚାଳନା କରିଥିଲେ । ଏହି କାର୍ଯ୍ୟକ୍ରମରେ ଆଖପାଖ ଅଞ୍ଚଳର ସମସ୍ତ ଭକ୍ତ ଜନସାଧାରଣ ଯୋଗଦେଇ ପ୍ରଭୁଙ୍କ ଆଶୀର୍ବାଦ କୃପା ଲାଭ କରିଥିଲେ ।

# ରକ୍ତଦାନ ମାଧ୍ୟମରେ ଦୋଳ ଓ ହୋଲି ଉତ୍ସବ ପାଳିତ

**ରମ୍ଭା, ନ୍ୟୁଜ୍ ବ୍ୟୁରୋ**

ଗଞ୍ଜାମ ବ୍ଲକ ଅନ୍ତର୍ଗତ ସାନ ରାମଚନ୍ଦ୍ର ପଞ୍ଚାୟତର ମଧୁରଚୁଆ ଠାରେ ଶାସ୍ତ୍ରୀଜୀ ଯୁବ ପରିଷଦ, ଗାୟତ୍ରୀ ପରିବାର ବିଶ୍ୱ ମଙ୍ଗଳ ଗୋ କଲ୍ୟାଣ ସମିତିର ମିଳିତ ସହଯୋଗରେ ପ୍ରତିବର୍ଷ ପରି ଏ ବର୍ଷ ମଧ ପବିତ୍ର ଦୋଳ ପୂର୍ଣ୍ଣିମା ଓ ହୋଲି ଉତ୍ସବରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ରମ୍ଭା ଗାୟତ୍ରୀ ଶକ୍ତିପୀଠର ଟ୍ରଷ୍ଟି ଉମାକାନ୍ତ ସାହୁଙ୍କ ବେଦମନ୍ତ୍ର ଧ୍ୱନୀରେ ଆରମ୍ଭ ହୋଇଥିବା ଏହି ଶିବିରରେ ମୁଖ୍ୟ ଅତିଥି ଭାବେ ସାନ ରାମଚନ୍ଦ୍ରପୁର ପଞ୍ଚାୟତର ପ୍ରାକ୍ତନ ସରପଞ୍ଚ ମାନସ ରଞ୍ଜନ ନାହାକ, ସମ୍ମାନୀତ ଅତିଥି ଭାବେ ଗୋ କଲ୍ୟାଣ ସମିତି ମଧୁର ଚୁଆ ଶାଖା ସଂଯୋଜକ ଶିକ୍ଷକ ଅମର ପ୍ରସାଦ ନାୟକ, ରମ୍ଭା ସାହିତ୍ୟ ଘର ସମ୍ପାଦକ ଶେଷଦେବ ବେହେରା, ଗ୍ରୀନ୍ ପିସ୍ ଭିଲେଜ୍ ଫାଉଣ୍ଡେସନ୍‌ର ସଭାପତି ତଥା ସମାଜସେବୀ ପ୍ରକାଶ ଚନ୍ଦ୍ର ନାୟକ ଯୋଗଦେଇ ଗ୍ରୀଷ୍ମ ଋତୁରେ ରକ୍ତଭଣ୍ଡାରକୁ ରକ୍ତଶୂନ୍ୟ ନକରିବା ଏବଂ ରକ୍ତ ଅଭାବରୁ କାହାରିକୁ ମରିବାକୁ ଦିଆଯିବନାହିଁ ସଙ୍କଳ୍ପରେ ଶାସ୍ତ୍ରୀଜୀ ଯୁବକ ସଂଘର ଏଭଳି ଦୁଃସାହସିକ ଉଦ୍ୟମକୁ ଭୂରିଭୂରି ପ୍ରଶଂସା କରିଥିଲେ ।

# ବାରଙ୍ଗ ଜଗନ୍ନାଥ ମନ୍ଦିର ନିକଟରୁ ଅସହାୟ ବୃଦ୍ଧା ଉଦ୍ଧାର

**ଜଗତସିଂହପୁର, ନ୍ୟୁଜ୍ ବ୍ୟୁରୋ**



ଜଗତସିଂହପୁର ପୁନଙ୍ଗସ୍ଥିତ ବାରଙ୍ଗ ଜଗନ୍ନାଥ ମନ୍ଦିର ନିକଟରୁ ଜଣେ ବୟସ୍କା ବୃଦ୍ଧାଙ୍କୁ ଉଦ୍ଧାର କରାଯାଇଛି । ନିଜର କିଛି ସାମଗ୍ରୀ ସହ ବାରଙ୍ଗ ବଜାରରେ ଏକ ଦୋକାନରେ ବସି ରହିଥିଲେ ବୃଦ୍ଧା ଜଣକ । ଏହି ବୃଦ୍ଧାଙ୍କ ଖବର ଜାଣିବା ପରେ ଆଶୀର୍ବାଦ ସେବା ସଂଗଠନର ସଭାପତି ଜଗନ୍ନାଥ ବେହେରା ଘଟଣା ସ୍ଥଳକୁ ଛୁଟିଯାଇଥିଲେ । ଅସହାୟ ବୃଦ୍ଧାଙ୍କ ଘର ତିର୍ତ୍ତୋଲ ଥାନା ଅର୍ନ୍ତଗତ ମୂଳୁ ସିଂ ପଞ୍ଚାୟତ ମୂଳିସିଂ ଗ୍ରାମରେ । ଆଶୀର୍ବାଦ ସେବା ସଂଗଠନ ସଭାପତି ଜଗନ୍ନାଥ ବେହେରା ପୋଲିସକୁ ଜଣାଇଥିଲେ । ପୋଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ କରିବା ପରେ ବୃଦ୍ଧାଙ୍କ ନାମ ଆୟୁସା ଖାତୁନ୍ ବିବି ଓ ତାଙ୍କ ଘର ତିର୍ତ୍ତୋଲ ଥାନା ଅନ୍ତର୍ଗତ ମୂଳିସିଂ ପଞ୍ଚାୟତ ମୂଳିସିଂ ଗ୍ରାମରେ ବୋଲି ଜାଣିବାକୁ ପାଇଥିଲା । ପୋଲିସ ପକ୍ଷରୁ ମୂଳିସିଂ ସରପଞ୍ଚ ସଫି ଆଜାମଙ୍କୁ ଯୋଗାଯୋଗ କରାଯାଇ ତାଙ୍କ ମାଧ୍ୟମରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିଲା । ଏ ସମ୍ପର୍କରେ ସରପଞ୍ଚ ସଫି ଆଜମଙ୍କୁ ପଚାରିବାରୁ କହିଥିଲେ ଯେ ବୃଦ୍ଧାଙ୍କ ଘର ମୂଳିସିଂ ହୋଇଥିଲେ ମଧ୍ୟ ପାଳିତ ପୁଅ ଜଗତସିଂହପୁର ଅଞ୍ଚଳରେ ବସବାସ କରନ୍ତି । ପୂର୍ବରୁ କେତେଥର ବୃଦ୍ଧା ଜଗତସିଂହପୁର ଯାଇଥାନ୍ତି । ବୃଦ୍ଧା ହୋଇଯିବାରୁ ମୁଣ୍ଡ ସାମାନ୍ୟତମ କାମ କରୁନି ଯାହାଫଳରେ ଭୁଲିଯାଇ ଅନ୍ୟ ଆଡେ ଚାଲିଯାନ୍ତି । ମୂଳିସିଂରେ କେହି ତାଙ୍କର ରହନ୍ତି ନାହିଁ । ପରିବାର ଲୋକେ ଜଗତସିଂହପୁରରେ ରୁହନ୍ତି । ସେହି ଦୃଷ୍ଟିରୁ ସେ ଜଗତସିଂହପୁର ଚାଲିଯାନ୍ତି ବୋଲି କହିଥିଲେ ।

# ସାମ୍ବାଦିକ ସଂଘର ନିଆରା ହୋଲି ପର୍ବ ପାଳନ

**ବୌଦ୍ଧ, ନ୍ୟୁଜ୍ ବ୍ୟୁରୋ**

ରଙ୍ଗ ତଥା ଭାଇଚାରାର ପବିତ୍ର ପର୍ବ ହୋଲି । ଏହି ହୋଲି ଉତ୍ସବରେ ସାରା ବୌଦ୍ଧ ଜିଲ୍ଲା ଉତ୍ସବ ମୁଖର ହୋଇଉଠିଛି । ସମସ୍ତେ ନିଜ ସାଙ୍ଗସାଥି ବନ୍ଧୁ ପରିଜନଙ୍କ ସହ ଆଧୁନିକ ସଭ୍ୟତାରେ ହୋଲି ପର୍ବ ପାଳନ କରୁଥିବା ବେଳେ ଜର୍ଣ୍ଣାଲିଷ୍ଟ ଆସୋସିଏସନ୍ ହରଭଙ୍ଗା ବ୍ଲକ ପକ୍ଷରୁ ନିଆରା ଢଙ୍ଗରେ ଏହି ହୋଲିକୁ ପାଳନ କରାଯାଇଛି । ଆସୋସିଏସନ୍‌ର ସଦସ୍ୟମାନେ ଚାରିଛକ ସ୍ଥିତ ବନଦୁର୍ଗା ଜରାଶ୍ରମରେ ପହଞ୍ଚି ସେଠାରେ ରହୁଥିବା ଅସହାୟ ବୃଦ୍ଧବୃଦ୍ଧାଙ୍କ ଚରଣରେ ପୁଷ୍ପ ଓ ଅବିର ଦେଇ ଆଶୀର୍ବାଦ ଭିକ୍ଷା କରିଛନ୍ତି । ଜରାଶ୍ରମର ଅନ୍ତେବାସୀଙ୍କୁ ମିଠା ଓ ଫଳ ଏବଂ ବସ୍ତ୍ର ଦାନ କରି ତାଙ୍କ ମୁହଁରେ ହସ ଫୁଟାଇବା ପାଇଁ ଏକ ଛୋଟ ପ୍ରୟାସ କରିଛନ୍ତି । ତତ୍ ପରେ ଆସୋସିଏସନ୍‌ର ଉପଦେଷ୍ଟା, ସୁକାନ୍ତ ପଟ୍ଟନାୟକଙ୍କ ସମେତ ଉପ ସଭାପତି ଶାଶ୍ୱତ ଦାସ, ସମ୍ପାଦକ ଭାଗବତ ମେହେର, ସହ ସମ୍ପାଦକ ସିମୁନ ନାଏକ, କୋଷାଧ୍ୟକ୍ଷ ବାସୁଦେବ ସାହୁ, କାର୍ଯ୍ୟକାରିଣୀ ସଦସ୍ୟ ବିଭୁଦତ୍ତ ବୋଷ, ସୁଶାନ୍ତ କୁମାର ବେହେରା, ଧିରେନ ପ୍ରଧାନ, କୁମୁଦ ଚନ୍ଦ୍ର ସାହୁ, ପ୍ରଭାତ ନାଏକ, ଅକ୍ଷୟ ମହାକୁଡ଼ ଜରାଶ୍ରମ ଠାରେ ନିଜ ନିଜ ଭିତରେ ରଙ୍ଗ ଅବିର ଲଗାଇ ଭାଇଚାରାକୁ ବଜାୟ ରଖିବା ପାଇଁ ଇଷ୍ଟଦେବୀ ମା' ଭୈରବୀଙ୍କ ପାଖରେ ପ୍ରାର୍ଥନା କରିଥିଲେ ।

# ଜମଧର କୃଷି ସମବାୟ ସମିତିରେ ଋଣ ଆଦାୟ ମେଳା

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ଜମଧର କୃଷି ସମବାୟ ସମିତିରେ ଋଣ ଆଦାୟ ମେଳା ଅନୁଷ୍ଠିତ ହୋଇଯାଇଛି । ସମିତିର ସଭାପତି ଧରଣୀଧର ଦାସଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ମେଳାରେ ସମ୍ପାଦକ ବୈରାଗୀ ଚରଣ ସାହୁ, ଉପ ସଭାପତି ମମତା ପ୍ରଧାନଙ୍କ ସହିତ ସମସ୍ତ ନିର୍ଦ୍ଦେଶକ ଉପସ୍ଥିତ ରହି ୩୫୪୭ ଜଣ ଚାଷୀଙ୍କୁ ୧୭ କୋଟି ୫୦ ଲକ୍ଷ ଟଙ୍କା ଦିଆଯାଇଥିବା ଋଣ ବାବଦକୁ ଚାଷୀ ମାନଙ୍କ ଠାରୁ ପ୍ରାୟ ୩୦ ଲକ୍ଷ ଟଙ୍କା ଆଦାୟ କରାଯାଇଛି । ଆୟୋଜିତ ଏହି କାର୍ଯ୍ୟକ୍ରମରେ ସମିତିର ନିର୍ଦ୍ଦେଶକ ଓ ସ୍ଥାନୀୟ ଅଞ୍ଚଳର ଚାଷୀମାନେ ସହଯୋଗ କରିଥିଲେ ।

# ଆପ୍ ପକ୍ଷରୁ ପୁରୀଘାଟ ଥାନା ଆଗରେ ଅନଶନ ଓ ଧାରଣା

**କଟକ, ନ୍ୟୁଜ୍ ବ୍ୟୁରୋ**



ଭାରତ ବର୍ଷରେ ମୋଦି ସରକାର ସମ୍ବିଧାନ ଏବଂ ଗଣତାନ୍ତ୍ରିକ ବିଧି ବ୍ୟବସ୍ଥାକୁ ଧୂଳିସାତ୍ କରି ବିରୋଧୀ ଦଳର ନେତାଙ୍କୁ ମିଥ୍ୟା କେସ୍‌ରେ ଇଡି, ସିବିଆଇ ଏବଂ ଆଇଟି ସଂସ୍ଥା ଗୁଡିକ ଦ୍ୱାରା ଜେଲ୍ ପଠାଇ ନିରଙ୍କୁଶ ଭାବରେ ଶାଶନ କରିବାକୁ ଚାହୁଁଛି । ବିଜେପି ଶାସିତ ରାଜ୍ୟ, ବିଜେପିର ମିତ୍ରଦଳ ଦ୍ୱାରା ଶାସିତ ରାଜ୍ୟ ଏବଂ କେନ୍ଦ୍ରର ମୋଦି ସରକାର ବ୍ୟାପକ ଦୁର୍ନୀତି ଏବଂ ଅନ୍ୟାୟରେ ଲିପ୍ତ ଥିବାର ପ୍ରମାଣ ଥିଲେ ମଧ କେନ୍ଦ୍ରୀୟ ତଦନ୍ତକାରୀ ସଂସ୍ଥା ଆଖି ବନ୍ଦ କରିଦେଉଛନ୍ତି । ମାତ୍ର ବିରୋଧୀ ଦଳ ଶାସିତ ରାଜ୍ୟ ଏବଂ ବିରୋଧୀ ଦଳ ନେତା ମାନଙ୍କ ଉପରେ ମୋଦି ସରକାର ଆଇନ୍‌ର ଦୁରୁପଯୋଗ କରି ଆତଙ୍କରାଜ ଚଳାଇଛନ୍ତି । ସବୁଠାରୁ ବଡ଼ ବିରୋଧୀ ଦଳ କଂଗ୍ରେସର ନିର୍ବାଚନ ସମୟରେ ବ୍ୟାଙ୍କ ଖାତାକୁ ଜବତ କରିବା, ଝାଡଖଣ୍ଡର ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନ୍ ଏବଂ ଦିଲ୍ଲୀର ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲଙ୍କୁ ନିର୍ବାଚନରେ ପ୍ରଚାର କରିବାରୁ ବଞ୍ଚିତ କରିବା ପାଇଁ ମିଥ୍ୟା ଅଭିଯୋଗରେ ଜେଲ୍ ପଠାଇବା, ଆମ୍ ଆଦମୀ ପାର୍ଟିର ବରିଷ୍ଠ ନେତା ସଞ୍ଜୟ ସିଂ, ଉପମୁଖ୍ୟମନ୍ତ୍ରୀ ମନିଷ ଶିସୋଡ଼ିଆ ଏବଂ ସ୍ୱାସ୍ଥ୍ୟ ମନ୍ତ୍ରୀ ସତ୍ୟେନ୍ଦ୍ରର ଜୈନଙ୍କୁ ଇଡି ମାଧ୍ୟମରେ ଗିରଫ କରିବା, ରାଜ୍ୟପାଳଙ୍କ ମାଧ୍ୟମରେ ପଞ୍ଜାବ, ତାମିଲନାଡୁ, କେରଳ ଏବଂ କର୍ଣ୍ଣାଟକରେ ନିର୍ବାଚିତ ସରକାର ଦ୍ୱାରା ପାରିତ ବିଲ୍ ଗୁଡିକୁ ସ୍ୱୀକୃତି ନଦେବା, ନିର୍ବାଚନ ଆୟୋଗ ନିଯୁକ୍ତି ପ୍ରକ୍ରିୟାକୁ ସରକାରଙ୍କ ଅଧୀନରେ ରଖିବା ଏବଂ ଏହାକୁ ନିରପେକ୍ଷ ହବାରୁ ବଞ୍ଚିତ କରିବା, ଦିଲ୍ଲୀ ଏବଂ ଚଣ୍ଡିଗଡ଼ ମେୟର ନିର୍ବାଚନରେ ଖୋଲାଖୋଲି ଭାବରେ ବିଜେପିକୁ ଜିତେଇବା ପାଇଁ ପ୍ରଶାସନିକ ଷଡ଼ଯନ୍ତ୍ର କରିବା ଏବଂ ସର୍ବୋପରି ଇଲେକ୍ଟୋରାଲ ବଣ୍ଡ ମାଧ୍ୟମରେ ଚାନ୍ଦା ଆଦାୟ କରିବା ଆଦି ଉଭୟ ସମ୍ବିଧାନ ଏବଂ ଗଣତନ୍ତ୍ର ପାଇଁ ବିପଦ ସୃଷ୍ଟି କରିଛି । ତେଣୁ ସମ୍ବିଧାନର ସୁରକ୍ଷା ପାଇଁ, ଗଣତନ୍ତ୍ରକୁ ବଞ୍ଚାଇବା ପାଇଁ ଏବଂ ଅରବିନ୍ଦ କେଜ୍ରିୱାଲଙ୍କୁ ମିଥ୍ୟା ମାମଲାରେ ଜେଲ୍ ପଠାଇବାକୁ ବିରୋଧ କରି ଆମ୍ ଆଦମୀ ପାର୍ଟିର ସଦସ୍ୟ, ସମର୍ଥକ ଏବଂ ଗଣତନ୍ତ୍ରପ୍ରେମୀ ଜନସାଧାରଣ ଏହି ଉପବାସ ପ୍ରତିବାଦ କାର୍ଯ୍ୟକ୍ରମରେ ସାମିଲ ହେବା ପାଇଁ ଅନୁରୋଧ କରୁଛୁ । ଏହି କାର୍ଯ୍ୟକ୍ରମରେ ଜିଲ୍ଲା ସଭାପତି ଦୁର୍ଗା ପ୍ରସାଦ ପରିଡା, ନଗର ସଭାପତି ସଂଜୀବ ପରିଡା, ଜିଲ୍ଲା ଉପସଭାପତି ସନ୍ତୋଷ ବେହେରା, ଜିଲ୍ଲା ସମ୍ପାଦକ ଅମିତ ମହାପାତ୍ର, ଜିଲ୍ଲା ମହିଳା ନେତ୍ରୀ ବିଜୟଲକ୍ଷ୍ମୀ ମହାପାତ୍ର, ନଗର ମହିଳା ନେତ୍ରୀ ଡଲି ଜେନା, ଆଶୁତୋଷ ପରିଡା, ସନାତନ ମଲ୍ଲିକ, ଦିଲ୍ଲୀପ କର ସମେତ କଟକର ଅନେକ କର୍ମୀ ଯୋଗ ଦେଇଥିଲେ ।

# ଶ୍ରୀଶ୍ରୀ ନୀଳକଣ୍ଠେଶ୍ୱର ମନ୍ଦିର ପ୍ରାଙ୍ଗଣରେ ଦୋଳ ଉତ୍ସବ ଓ ସମ୍ବର୍ଦ୍ଧନା ସମାରୋହ

**ମାହାଙ୍ଗା, ନ୍ୟୁଜ୍**

କଟକ ଜିଲ୍ଲା ମାହାଙ୍ଗା ନିର୍ବାଚନ ମଣ୍ଡଳୀର ଧର୍ମଦାସପୁର ଗ୍ରାମର ଆରାଧ୍ୟ ଦେବତା ଶ୍ରୀ ଶ୍ରୀ ନୀଳକଣ୍ଠେଶ୍ୱର ମନ୍ଦିର ପ୍ରାଙ୍ଗଣରେ ଚଳିତ ବର୍ଷର ଦୋଳ ମହୋତ୍ସବ ମହା ସମାରୋହରେ ଅନୁଷ୍ଠିତ ହୋଇଯାଇଛି । ବିଶିଷ୍ଟ ଶିଶୁ ସାହିତ୍ୟିକ କବି ଶଶୀଭୂଷଣ ମିଶ୍ରଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ବର୍ଣ୍ଣାଢ୍ୟ ଉତ୍ସବରେ ବହୁ ବିଶିଷ୍ଟ ବ୍ୟକ୍ତିମାନେ ଯୋଗଦେଇ ଦୋଳପର୍ବର ଗୌରବୋଜ୍ଜ୍ୱଳ ଗରିମାମୟ ପରମ୍ପରା ସମ୍ପର୍କରେ ଆଲୋଚନା କରିଥିଲେ । ଆଖପାଖ ଅଞ୍ଚଳରୁ ୮ ଗୋଟି ସୁସଜ୍ଜିତ ବିମାନରେ ପ୍ରଭୁ ଶ୍ରୀରାଧା ଏବଂ ଶ୍ରୀକୃଷ୍ଣଙ୍କୁ ନଗର ଭ୍ରମଣ ପରେ, ଶ୍ରୀ ଶ୍ରୀ ନୀଳକଣ୍ଠେଶ୍ୱର ମନ୍ଦିର ବେଢାକୁ ପାଛୋଟି ନିଆଯାଇଥିଲା । ଭଜନ କୀର୍ତ୍ତନ ସହିତ ନୃତ୍ୟର ତାଳେ ତାଳେ, ରାଧା-କୃଷ୍ଣଙ୍କ ପ୍ରେମଲୀଳା ଉପରେ ଆଧାରିତ ସଂଗୀତ ପରିବେଷଣ କରାଯାଇଥିଲା । ଦୋଳ ମହୋତ୍ସବ କମିଟି ପକ୍ଷରୁ ଅନୁଷ୍ଠିତ ସମ୍ବର୍ଦ୍ଧନା ସମାରୋହକୁ ପ୍ରଫେସର ବିବେକାନନ୍ଦ ମିଶ୍ର ଉଦ୍‌ଘାଟନ କରିଥିଲେ । ବସନ୍ତ ମିଶ୍ରଙ୍କ ପୌରୋହିତ୍ୟରେ ଆୟୋଜିତ ଉତ୍ସବରେ ପଣ୍ଡିତ ପ୍ରଭାତ କୁମାର କର ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ । ମୁଖ୍ୟବକ୍ତା ଭାବେ ସାହିତ୍ୟିକ ତଥା ସାମ୍ବାଦିକ ଅଳେଖ ମହାନ୍ତି ଯୋଗଦେଇ ଦୋଳଯାତ୍ରାର ଐତିହ୍ୟ ଉପରେ ଆଲୋକପାତ କରିଥିଲେ । ଏହି ଅବସରରେ ସାମ୍ବାଦିକତା ପାଇଁ ଅଳେଖ ମହାନ୍ତି, ସଂଗୀତ ପାଇଁ ପ୍ରଦୀପ୍ତ ନାୟକ, ବିଳାସ ଚନ୍ଦ୍ର ପଲେଇ, ସନ୍ତୋଷ କୁମାର କର, ପ୍ରଦୀପ୍ତ କୁମାର ରାଉତରାୟ, ସୃଷ୍ଟିଧର ମିଶ୍ର ଏବଂ କୈଳାଶ ଚନ୍ଦ୍ର ସାହୁଙ୍କୁ ପୁଷ୍ପଗୁଚ୍ଛ ଉତ୍ତରୀୟ ଏବଂ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । ମନୋରଞ୍ଜନ ମିଶ୍ର, ଅମିତ କୁମାର ମିଶ୍ର, ପର୍ଶୁରାମ ମିଶ୍ର, ଜଗନ୍ନାଥ ମିଶ୍ର, ଅନନ୍ତ ବେହେରା, ମହେଶ୍ୱର ପାତ୍ର ପ୍ରମୁଖ ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ । ଏହି ଦୋଳ ମହୋତ୍ସବରେ ବହୁ ସଂସ୍କୃତି ପ୍ରେମୀ ଯୋଗଦେଇଥିଲେ ।

# ପାଣି ଟାଙ୍କି ଥାଇ ମଧ ଆନନ୍ଦପୁରରେ ଜଳ ସଙ୍କଟ

**ଧାମନଗର, ନ୍ୟୁଜ୍ ବ୍ୟୁରୋ**



ଗ୍ରୀଷ୍ମ ଆରମ୍ଭରୁ ଧାମନଗର ଅଞ୍ଚଳରେ ଜଳ ସଙ୍କଟ ଦେଖାଦେଲାଣି । ବ୍ଲକର ଅଧିକାଂଶ ପାଇପ୍ ଜଳ ଯୋଗାଣ ପ୍ରକଳ୍ପ ଅକାମି ହୋଇ ପଡିଥିବାରୁ ଆଉ କିଛି ଦିନ ପରେ ଏହା ଉତ୍କଟ ରୂପ ଧାରଣ କରିବା ସମ୍ଭାବନା ରହିଛି । ଧାମନଗର ବ୍ଲକ ଦେହୁଡି ଆନନ୍ଦପୁର ପଞ୍ଚାୟତର ବିଭିନ୍ନ ଗାଁରେ ପାନୀୟ ଜଳ ସଂକଟ ଦେଖାଦେଇଛି । ଆନନ୍ଦପୁର, ଚମ୍ପାବାଗ, ଗୁଆବାଡ଼ି, ସେଠୀସାହି, ବାଲିପାଟଣା, ସପୁଆସାହି, ଚାନ୍ଦପାଟଣା, ମାନଲାପୁର, ଉତ୍ତେଇପୁର, ଆକୁଳି ମିଶ୍ର (ଦାସ ସାହି) ଓ ସଠଗାଁରେ ଲୋକେ ହନ୍ତସନ୍ତ ହେଉଛନ୍ତି । ଅଧିକାଂଶ ଲୋକଙ୍କ ବାଡ଼ିରେ ଥିବା କୂଅ ଓ ନଳକୂପ ଶୁଖିଗଲାଣି ଅଧିକାଂଶ ନଳକୂପରେ ପାଣି ଲେୟାର ସମସ୍ୟା ଦେଖାଦେଲାଣି । ପ୍ରାୟ ନଳକୂଅରୁ ବାଲତିଏ ପାଣି ବାହାରିବାକୁ ବହୁ ସମୟ ଲାଗୁଛି । ବିଶେଷ କରି ୭ ନମ୍ବର ଓ୍ୱାର୍ଡରେ ପାଣି ସମସ୍ୟା ବେଶୀ ହେଲାଣି । ସାହୁସାହି ଓ ପୋଷ୍ଟ ଅଫିସ ପାଖ ନଳକୂଅକୁ ଛାଡ଼ିଦେଲେ ଆଉ ସବୁ ନଳକୂଅରୁ ପାଣି ବାହାରିବା ମୁସ୍କିଲ୍ । ଗାଁ କଡ଼ରେ ଯାଇଥିବା ବୈତରଣୀ ନଦୀରେ ପାଣି ନଥିବାରୁ ଗାଁ ଗୁଡ଼ିକର ନଳକୂଅ ଓ କୂଅରେ ପାଣି ଶୁଖିଗଲାଣି । ଏସବୁ ଗାଁକୁ ପିଇବା ପାଣି ଯୋଗାଇଦେବା ଲାଗି ମହାନ୍ତି ସାହି ନାରାୟଣ ମନ୍ଦିର ପାଖରେ ୧ ଲକ୍ଷ ଲିଟର କ୍ଷମତା ସମ୍ପନ୍ନ ପାଣି ଟାଙ୍କି କରାଯାଇଛି । ପ୍ରାୟ ୬୫୦ ଘରକୁ ପାଇପ୍ ବିଛାଯାଇ ଷ୍ଟାଣ୍ଡ ପୋଷ୍ଟ କରାଯାଇଛି ବୋଲି ଜଲ୍ ଜୀବନ ମିଶନ- ହର ଘର ଜଲ୍ ପୋର୍ଟାଲ୍‌ରୁ ଜଣାପଡିଛି । ସେହିପରି ଲୋକମାନେ କିପରି ଭଲରେ ପାଣି ପାଇପାରିବେ, ସେଥିଲାଗି ପାଣି ସମିତି ହୋଇଛି । ଏହା ହେଉଛି ସରକାରୀ ତଥ୍ୟ । ହେଲେ ବାସ୍ତବ ସ୍ଥିତି ସମ୍ପୂର୍ଣ୍ଣ ଅଲଗା । ଏ ସବୁ ଜନବସତିକୁ ପାଇପ୍ ବିଛା ସରିଛି । ହେଲେ ସବୁ ଲୋକଙ୍କ ଘର ଦୁଆରେ ଷ୍ଟାଣ୍ଡ ପୋଷ୍ଟ ହୋଇନାହିଁ କି ମୁଖ୍ୟ ପାଇପ୍‌ରୁ କନେକ୍ସନ୍ ଦିଆଯାଇନାହିଁ । ବାବୁସାହି ଅଞ୍ଚଳରେ ଅଧିକାଂଶ ଘରକୁ ପାଣି ଆସୁନାହିଁ । ଗାଁ ଲୋକଙ୍କ କହିବା ଅନୁସାରେ, ପାଣି ପମ୍ପ ଚଲାଇବା ଲାଗି କାହାକୁ ନିଯୁକ୍ତି ଦିଆଯାଇନାହିଁ । ସେହିପରି ପାଣି ଟାଙ୍କିର ପମ୍ପ ହାଉସ୍‌ରେ ଡିଜି ସେଟ୍ ମଧ ନାହିଁ । ଏଣୁ କରେଣ୍ଟ ନଥିଲେ ମୋଟର ଚାଲି ପାରୁନାହିଁ । ସ୍ଥାନୀୟ ଅଞ୍ଚଳର ଜଣେ ବ୍ୟକ୍ତିଙ୍କୁ ନିର୍ମାଣକାରୀ ଠିକାଦାର ପମ୍ପ ଚଲାଇବା ପାଇଁ କାଳେ ଦାୟିତ୍ୱ ଦେଇଛନ୍ତି । ଏଣୁ ସଂପୃକ୍ତ ବ୍ୟକ୍ତି ତାଙ୍କର ଆବଶ୍ୟକ ଅନୁସାରେ ମୋଟର ଚଲାଉଥିବା କୁହାଯାଉଛି । ସକାଳ କିମ୍ବା ସନ୍ଧ୍ୟାରେ ମୋଟର ନ ଚଲାଇ ନିଜ ଇଚ୍ଛାରେ ମୋଟର ଚଳାଉଥିବା ଅଭିଯୋଗ ହୋଇଛି । ସେହିପରି ଅଧିକାଂଶ ଜନବସତିରେ ମୁଖ୍ୟ ପାଇପ୍‌ରୁ ଯାଇଥିବା ଡେଲିଭରି ପାଇପ୍ ଫାଟିଗଲାଣି । ରାସ୍ତାର ମାତ୍ର ଦେଢ଼ ଇଞ୍ଚ ତଳେ ଏହିସବୁ ପାଇପ୍ ବିଛା ଯାଇଥିବାରୁ ଭାରୀଯାନ ଚଳାଚଳ ଫଳରେ ପାଇପ୍ ଗୁଡ଼ିକ ଫାଟିଗଲାଣି । ଯାହାଫଳରେ ପାଣି ଆସିଲେ ରାସ୍ତାରେ କୃତ୍ରିମ ବନ୍ୟା ସୃଷ୍ଟି କରୁଛି । ସେପଟେ ଲୋକେ ପିଇବାକୁ ପାଣି ପାଉନାହାନ୍ତି । ଯେଉଁ ଗାଁରେ ପାଇପ୍ ବିଛା ଯାଇନାହିଁ ଓ ଯେଉଁଠି ପାଇପ୍ ଫାଟିଛି ସେସବୁ ତୁରନ୍ତ ମରାମତି କରି କାର୍ଯ୍ୟକ୍ଷମ କରିବା ପାଇଁ ପୂର୍ବତନ ସରପଞ୍ଚ ବିଜୟ କୁମାର ଦାସଙ୍କ ସମେତ ଅଞ୍ଚଳବାସୀ ଦାବି କରିଛନ୍ତି ।

# ପୂଜ୍ୟପୂଜା ସମିତି ପକ୍ଷରୁ ଲକ୍ଷ୍ମଣ ନାୟକ ଶହୀଦ ଦିବସ ପାଳିତ



**ବ୍ରହ୍ମପୁର, ନ୍ୟୁଜ୍ ବ୍ୟୁରୋ**

ସହରର ଅଗ୍ରଣୀ ସାଂସ୍କୃତିକ ଅନୁଷ୍ଠାନ ପୂଜ୍ୟ ପୂଜା ସମିତି ପକ୍ଷରୁ ଯଥା ମର୍ଯ୍ୟାଦାର ସହ ବୀର ଶହୀଦ ଲକ୍ଷ୍ମଣ ନାୟକଙ୍କ ଫାଶୀ ଦିବସ ପାଳନ ହୋଇଯାଇଛି । ସକାଳୁ ସମିତିର ସମସ୍ତ କର୍ମକର୍ତ୍ତା ଲକ୍ଷ୍ମଣ ନାୟକଙ୍କ ଫୋଟ ଚିତ୍ରରେ ମାଲ୍ୟାର୍ପଣ କରିବା ସହ ତାଙ୍କ ଜୟ ଗାନ କରି ସହର ପରିକ୍ରମା କରିଥିଲେ । ଶହୀଦ ଲକ୍ଷ୍ମଣ ନାୟକ ସ୍ମୃତି ଉଚ୍ଚ ବିଦ୍ୟାଳୟ ପ୍ରାଙ୍ଗଣରେ ଥିବା ତାଙ୍କ ପ୍ରତିମୂର୍ତ୍ତି ଠାରେ ପହଞ୍ଚି ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ମାନବ ଅଧିକାର ସୁରକ୍ଷା ମଞ୍ଚ ଆବାହକ ଅବନୀ ଗୟାଙ୍କ ଅଧ୍ୟକ୍ଷତାରେ ଏକ ସ୍ମରଣ ସଭା ଆୟୋଜିତ ହୋଇଥିଲା । କୋରାପୁଟର ନିପଟ ମଫସଲି ଗାଁ ତେନ୍ତୁଳିଗୁମ୍ମାରେ ଜନ୍ମଗ୍ରହଣ କରି ସୁଦ୍ଧା ନିଜର ଶାନ୍ତପ୍ରିୟ ତଥା ଦକ୍ଷ, କର୍ମଠ ଓ ଶକ୍ତିଶାଳୀ କର୍ମୀର ସମସ୍ତ ଗୁଣ ଯୋଗୁଁ କୋରାପୁଟର ଗାନ୍ଧୀ ଭାବେ ସମସ୍ତଙ୍କ ଠାରେ ପରିଚିତ ଥିଲେ ଲକ୍ଷ୍ମଣ ନାୟକ । ଆଦିବାସୀଙ୍କ ମଧ୍ୟରେ ଶିକ୍ଷାର ପ୍ରସାର କରିବା ସହ ମଦ ଓ ମାଦକ ଦ୍ରବ୍ୟ ବିରୋଧରେ ପ୍ରଚାର କରୁଥିଲେ । ଗାନ୍ଧିଜୀଙ୍କ ଡାକରାରେ ଭାରତ ଛାଡ଼ ଆନ୍ଦୋଳନରେ ଝାସ ଦେଇ ଦେଶପ୍ରେମ ଗୀତ ଗାଇ ଆଦିବାସୀ ଯୁବକ ଯୁବତୀ ମାନେ ସମ୍ପୂର୍ଣ୍ଣ ଅହିଂସା ମାର୍ଗରେ ବିକ୍ଷୋଭ କରୁଥିଲେ । ଏହିପରି ସତ୍ୟ ଓ ଅହିଂସା ମାର୍ଗରେ ଆନ୍ଦୋଳନ ଚାଲିଥିବା ବେଳେ ଏକ ମିଥ୍ୟା ହତ୍ୟା ଅପରାଧରେ ଲକ୍ଷ୍ମଣ ନାୟକଙ୍କୁ ଗିରଫ କରି ଅତ୍ୟନ୍ତ ଅମାନବୀୟ ଭାବେ ବ୍ରହ୍ମପୁର ଜେଲ୍‌ରେ ଫାଶୀ ଦେଇ ହତ୍ୟା କରିଥିଲା । ଆଜି ସେହିପରି ବ୍ରିଟିଶ ନଥିଲେ ବି ରାଷ୍ଟ୍ରୀୟ ଓ ଅନ୍ତଃରାଷ୍ଟ୍ରୀୟ କମ୍ପାନୀ ମାନଙ୍କ ସମ୍ରାଜ୍ୟବାଦୀ ନୀତି ଫଳରେ ଲୋକ ଆଜି କର୍ମହରା ହୋଇପଡିବା ସହ ଏକଦା ଲୋକଙ୍କ ରାଜସ୍ୱରେ ଗଢି ଉଠିଥିବା ରାଷ୍ଟ୍ରୀୟ ସମ୍ପଦ ଗୁଡିକ ଘରୋଇ ମାଲିକାନା ହାତକୁ ଚାଲିଯାଉଛି । ବ୍ରିଟିଶ ପରେ ପୁଣି ଆଜି ସେହି ସମ୍ରାଜ୍ୟବାଦୀ ଔପନିବେଶିକ ଶାସନ ବ୍ୟବସ୍ଥା ନିୟନ୍ତ୍ରଣକୁ ଆମ ଦେଶର ବ୍ୟବସ୍ଥା ଚାଲିଯାଉଛି । ଶହୀଦ ଲକ୍ଷ୍ମଣ ନାୟକଙ୍କ ସେହି ଶୋଷଣ ବିହୀନ ରାଷ୍ଟ୍ର ନିର୍ମାଣ ପାଇଁ ଆଜି ଛାତ୍ର ଯୁବକମାନେ ସଚେତନ ନାଗରିକ ଭାବେ ଆଗକୁ ଆସିବା ଦରକାର ବୋଲି ସଭାରେ ମତବ୍ୟକ୍ତ ପାଇଛି । ପ୍ରଭାତଫେରୀରେ ମାନବବାଦୀ ହେତୁବାଦୀ ସଂଗଠନର କେ. ନନ୍ଦେସୁ ସେନାପତି, ମାନବ ଅଧିକାର ସୁରକ୍ଷା ମଞ୍ଚର ସଭାପତି ଗଗନ ଚନ୍ଦ୍ର ମଲ୍ଲିକ, ଗଞ୍ଜାମ ଜିଲ୍ଲା ବିକାଶ ମଞ୍ଚର ସଭାପତି ରାଜେନ୍ଦ୍ର ପଣ୍ଡା, ଜନ ଜାଗରଣ ମଞ୍ଚର ସଭାପତି ଦୁର୍ଗା ପ୍ରସାଦ ମିଶ୍ର, ବରିଷ୍ଠ ସାମ୍ବାଦିକ ରବି ରଥ, ପ୍ରଧାନ ଶିକ୍ଷକ ସନାତନ ଜାଲି, ସୁବାଷ ଚନ୍ଦ୍ର ମିଶ୍ର, ମନୋଜ କୁମାର ତରାଇ, ଶ୍ୟାମ ସୁନ୍ଦର ଖାଡ଼ଙ୍ଗା, ଜେ.କେ. ନାୟକ, ସାଧୁଚରଣ ବେହେରା, ପ୍ରଶାନ୍ତ କୁମାର ପଣ୍ଡା, କାହ୍ନୁଚରଣ ପାତ୍ର, ଅଶୋକ ଦଳାଇ, ରମେଶ ପ୍ରସାଦ ଦାଶ, ପି.ଏନ.ରାଓ, ପୂର୍ଣ୍ଣଚନ୍ଦ୍ର ମହାରଣା, କେ. ଶ୍ରୀନିବାସ ରାଓ, କେଦାରନାଥ ଚୌଧୁରୀ, ସାଲ୍ଲୁ କେଶବ ଲିଙ୍ଗମ, ରତ୍ନପୂର୍ଣ୍ଣ ପ୍ରଧାନ, ରଂଜିତ କୁମାର ସାମନ୍ତରାୟ, ଭଗବାନ ବିଶ୍ୱାଳ, ବିରେନ କୁମାର ବେହେରା, ଭାସ୍କରାଚାର୍ଯ୍ୟ ଚୌଧୁରୀ ପ୍ରମୁଖ ଅଂଶ ଗ୍ରହଣ କରିଥିଲେ ।
















# ଜୀବନ ଐଶ୍ୱର୍ଯ୍ୟଶାଳୀ-ଆନନ୍ଦମୟ ଏକ ଉପବନ

ମନୁଷ୍ୟର ଜୀବନ ଦିବ୍ୟ-ମହିମାମୟ-ଐଶ୍ୱର୍ଯ୍ୟଶାଳୀର ସୁନ୍ଦର ଉପବନ। ସେ ପ୍ରଜ୍ଞାବାନ ନୁହେଁ ବୋଲି ଅନେକ ଦୁଃଖ ଭୋଗେ। ସାଂସାରିକ ତେଲ ଲୁଣର ଘନଘଟାରେ ସେ ଆକ୍ତାମାକ୍ତା ହୁଏ, ଏହା କ'ଣ ସତ ? ମାତ୍ର ଅକ୍ଷେ ଖାଇ ମହାର୍ଘ ଚେତନାରେ ଉବୁଟୁବୁ ହେଉଥିବା ବୁଦ୍ଧିବାଦୀଏଁ ସଦା ହସହସ ଚିତ୍ତଚଞ୍ଚଳ ମହିମାମୟ। ଈଶ୍ୱର-ପ୍ରକୃତି-ଜୀବନର ରହସ୍ୟ ଭେଦ କରିଥିବା ମଣିଷ ସଦାକାଳେ ସଚେତନ, କାରଣ ନିଶ୍ଚିତ ମୃତ୍ୟୁକୁ ଭେଟିବା ପୂର୍ବରୁ ଜୀବନକୁ ଆନନ୍ଦମୟ-ସାରଲ୍ୟ ଉପଭୋଗର ରାସ୍ତାଟିଏ ସେ ଦେଖାଇ ଦେବାରେ ସମର୍ଥ ହୋଇ ପାରିଥାଏ।

ଏଇ ଜୀବନରେ ଜଡ଼ତାର ସ୍ଥାନ ନାହିଁ। ଯଦି ପ୍ରକୃତି ଗହ ଗହ ନଦୀ-ସାଗର ଉଚ୍ଛଳ-ପକ୍ଷୀଏ ଆନନ୍ଦ ମୁଖର ତେବେ ମଣିଷ ଏତେ ହିନୀମାନ କିଆଁ ? କେବଳ ନିଜ ବିଷୟରେ (ସୋଅହମ) ଅଜ୍ଞାତ !!

ଆଜି ସେଇ ମହାର୍ଘ ଜୀବନ ଛନ୍ଦରେ ପ୍ରକୃତିର ଲାବଣ୍ୟମୟ ରୂପର ସନ୍ଦର୍ଶନ। ଫଗୁଣର ମଧୁରାସ। ଶ୍ରୀ ରାଧାକୃଷ୍ଣଙ୍କ ଭାବ ବିଭୋର ମହାରାସ। ସେଥିରେ-'କଥାକଳିକା'ର ଜନ୍ମଦିନ। ଆହାଃ କି ମହିମାମୟ ସଂଯୋଗ !!

ସେଇ ଦିନର ସର୍ଜନା ମୁଖର ମଧ୍ୟାହ୍ନରେ ଆନନ୍ଦ ମୁଖର ପରିବେଶ। 'ସମ୍ବାଦ କଳିକା'ର ପୃଷ୍ଠା ସେଇ ଅସରନ୍ତି କଉତୁକର ଛବି ଫଟୋରେ ଫଟୋରେ...































# ବିଜେଡିରୁ ଇସ୍ତଫା ଦେଲେ କେନ୍ଦ୍ରାପଡ଼ା ସାଂସଦ ଅନୁଭବ ମହାନ୍ତି

**କଟକ : ନ୍ୟୁଜ୍ ବ୍ୟୁରୋ**

ସାଧାରଣ ନିର୍ବାଚନ ପୂର୍ବରୁ ଦଳକୁ ଆଉ ଏକ ଝଟକା । ଦଳ ଛାଡୁଛନ୍ତି ଜଣଙ୍କ ପରେ ଜଣେ ସାଂସଦ । କଟକ ସାଂସଦ ଭର୍ତ୍ତୃହରି ମହତାବ ବିଜେଡି ଛାଡ଼ିବା ପରେ ଆଜି ଦଳ ଛାଡିଛନ୍ତି କେନ୍ଦ୍ରାପଡ଼ା ସାଂସଦ ଅନୁଭବ ମହାନ୍ତି । ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ପାଖକୁ ସେ ଶନିବାର ଇସ୍ତଫା ପତ୍ର ପଠାଇଛନ୍ତି । ୨୦୧୯ ଲୋକସଭା ନିର୍ବାଚନରେ ବିଜେଡି ଟିକେଟରେ ସେ କେନ୍ଦ୍ରାପଡା ଆସନରୁ ବିଜୟୀ ହୋଇଥିଲେ । ବିଜେଡି ଛାଡିବା ପରେ ଅନୁଭବ ବିଜେପିରେ ସାମିଲ ହୋଇପାରନ୍ତି ବୋଲି ଚର୍ଚ୍ଚା ହେଉଛି । କିଛି ମାସ ହେବ ଅନୁଭବ ବିଜେଡି ଛାଡିବା ନେଇ ଚର୍ଚ୍ଚା ହେଉଥିଲା । ଆଜି ସେ ବିଜେଡିର ପ୍ରାଥମିକ ସଭ୍ୟ ପଦରୁ ଇସ୍ତଫା ଦେଇଛନ୍ତି । ଓଲିଉଡ ସୁପରଷ୍ଟାର ଅନୁଭବ ମହାନ୍ତି ଇସ୍ତଫା ପତ୍ର ବିଜେଡି ସୁପ୍ରିମୋଙ୍କ ନିକଟକୁ ପଠାଇ ଦେଇଛନ୍ତି । ୨୦୧୪ରେ ବିଜେଡି ଟିକେଟରେ ଅନୁଭବ ରାଜ୍ୟସଭା ଯାଇଥିଲେ । ଅନଙ୍ଗ ଉଦୟ ସିଂଦେଓଙ୍କ ବଦଳରେ ତାଙ୍କୁ ରାଜ୍ୟସଭା ପଠାଇଥିଲା ଦଳ । ପରବର୍ତ୍ତୀ ସମୟରେ ୨୦୧୯ ନିର୍ବାଚନରେ ଦଳ ତାଙ୍କୁ କେନ୍ଦ୍ରାପଡା ଆସନରୁ ଲଢ଼େଇଥିଲା । ବିଜେପିର ବୈଜୟନ୍ତ ପଣ୍ଡାଙ୍କୁ ବଡ଼



ବ୍ୟବଧାନରେ ଅନୁଭବ ହରାଇ ଲୋକସଭା ଯାଇଥିଲେ । ପରବର୍ତ୍ତୀ ସମୟରେ ସେ ପାରିବାରିକ ବିବାଦରେ ଛନ୍ଦି ହୋଇଥିଲେ । ବୈବାହିକ ମାମଲାରେ ବିବାଦୀୟ ହେବା ପରେ ଦଳ ତାଙ୍କୁ କୋଣଠେସା କରିଥିଲା । ଦୀର୍ଘ ବର୍ଷ ହେଲା ଦଳର କାର୍ଯ୍ୟକ୍ରମରେ ତାଙ୍କୁ ସାମିଲ କରାଯାଉନଥିଲା । ଦଳରେ ସେ ଏକପ୍ରକାର କୋଣଠେସା ହୋଇ ରହିଥିଲେ । ନିକଟରେ ଦଳ କେନ୍ଦ୍ରାପଡା ଆସନ ଲାଗି ଅଂଶୁମାନ ମହାନ୍ତିଙ୍କୁ ବିଜେଡି ପ୍ରାର୍ଥୀ ଘୋଷଣା କରିସାରିଛି । ଏହା ପରେ ଅନୁଭବ ବିଜେଡି ଛାଡିଛନ୍ତି । ସେ ଖୁବଶୀଘ୍ର ବିଜେପିରେ ସାମିଲ ହେବା ନେଇ ଚର୍ଚ୍ଚା ହେଉଛି । ୨୦୧୯ ମସିହାରେ ବିଜେଡି କେନ୍ଦ୍ରାପଡା ଆସନରୁ ଓଲିଉଡ ଷ୍ଟାର ଅନୁଭବ ମହାନ୍ତିଙ୍କୁ ବୈଜୟନ୍ତଙ୍କ ବିରୋଧରେ ଛିଡ଼ା କରିଥିଲା । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନିଜେ କେନ୍ଦ୍ରାପଡାକୁ ଘନଘନ ଗସ୍ତ କରିବା ସହ ଅନୁଭବଙ୍କ ସପକ୍ଷରେ ନିଜେ ମୈଦାନକୁ ଓହ୍ଲାଇଥିଲେ । ଫଳରେ ୫୦.୮୭ ପ୍ରତିଶତ ଭୋଟ ପାଇ ବୈଜୟନ୍ତ ପଣ୍ଡାଙ୍କୁ ଦେଢ଼ ଲକ୍ଷରୁ ଊର୍ଦ୍ଧ୍ୱ ଭୋଟରେ ପରାସ୍ତ କରିଥିଲେ ଅନୁଭବ । କିନ୍ତୁ ବିଜୟୀ ହେବା ପରେ ନିର୍ବାଚନ ମଣ୍ଡଳୀ କଥା କମ ପାରିବାରିକ ବିବାଦରେ ଛନ୍ଦି ହେଲେ ଅନୁଭବ । ଲୋକଙ୍କ ସୁଖଦୁଃଖ ବୁଝିବା ପରିବର୍ତ୍ତେ ନିଜେ ସାମାଜିକ ଗଣମାଧ୍ୟମରେ ନିଜର ଦୁଃଖ ବଖାଣିବା କେନ୍ଦ୍ରାପଡାର ଭୋଟରଙ୍କୁ ଆଘାତ ଦେଇଥିଲା । ବିକାଶ ମୂଳକ କାମ ଏକପ୍ରକାର ଠପ ହୋଇଯାଇଥିଲା । ବିଜେଡିର କୌଣସି କାର୍ଯ୍ୟକ୍ରମରେ ମଧ୍ୟ ତାଙ୍କୁ ଦେଖିବାକୁ ମିଳିନଥିଲା । ୨୦୧୯ ଲୋକସଭା ନିର୍ବାଚନରେ ଅନୁଭବ ମହାନ୍ତି ୬,୨୮,୯୩୯ ଭୋଟ ପାଇଥିଲେ । ସେହିପରି ବିଜେପି ପ୍ରାର୍ଥୀ ବୈଜୟନ୍ତ ପଣ୍ଡାଙ୍କୁ ୪,୪୭,୪୫୬ ଭୋଟ ମିଳିଥିଲା ଓ କଂଗ୍ରେସ ପ୍ରାର୍ଥୀ ଧରଣୀଧର ନାୟକଙ୍କୁ ୧,୧୩,୮୪୧ ଭୋଟ ମିଳିଥିଲା ।

## ସୁବର୍ଣ୍ଣପୁରରେ ତାପମାତ୍ରା ବୃଦ୍ଧି

**ସୁବର୍ଣ୍ଣପୁର : ନ୍ୟୁଜ୍ ବ୍ୟୁରୋ**

ଦୁଇଦିନ ହେଲା ଗରମ ସାଙ୍ଗକୁ ଗୁଳୁଗୁଳି ମଧ୍ୟ ଅନୁଭୂତ ହେଲାଣି । ଶନିବାର ସହରର ତାପମାତ୍ରା ୪୦ ଡିଗ୍ରୀ ଉପରେ ଟପିଛି । ଆଗକୁ ଏହା ବୃଦ୍ଧି ପାଇବ ବୋଲି ପାଣିପାଗ ବିଭାଗ ପକ୍ଷରୁ ସୂଚନା ଦିଆଯାଉଛି । ସକାଳ ୮ଟାରୁ ଗରମ ଅନୁଭବ ହେଉଥିଲା ବେଳେ ଅପରାହ୍ନ ୧୨ପରେ ଟାଣୁଆ ଖରା ଜନଜୀବନକୁ ଅସ୍ତବ୍ୟସ୍ତ କରି ପକାଉଛି । ଅପରାହ୍ନରେ ଘରୁ ବାହାରକୁ ବାହାରିବା କଷ୍ଟକର ହୋଇପଡୁଛି । ତାତି ସାଙ୍ଗକୁ ଅସହ୍ୟ ଗୁଳୁଗୁଳି ଲୋକଙ୍କୁ କଷ୍ଟ ଦେଉଛି । ସାଧାରଣ ଜୀବନଯାପନରେ ସମସ୍ୟା ହେଉଛି । ଏହାସହ ବୁଲା ଗୋରୁଗାଈ, ପଶୁପକ୍ଷୀ ପାଣି ଟୋପାଏ ପାଇଁ ଡହଳବିକଳ ହେଉଛନ୍ତି । ଗତବର୍ଷ ଗୁଡ଼ିକରେ ଯେଭଳି ସୁବିଧା କରା ଯାଉଥଲା ଆଜି ପର୍ଯ୍ୟନ୍ତ ପ୍ରଶାସନ ଓ ସାମାଜିକ ଅନୁଷ୍ଠାନ ପକ୍ଷରୁ କରାଯାଇ ନାହିଁ । ତେଣୁ ରାସ୍ତାକଡ଼ରେ ବୁନ୍ଦାଏ ପାଣି ମିଳୁନାହିଁ । କୌଣସି ସ୍ଥାନରେ ଜଳଛତ୍ର ବ୍ୟବସ୍ଥା କରାଯାଇ ନାହିଁ । ଜନସ୍ୱାସ୍ଥ୍ୟ ବିଭାଗ ଓ ଜଳ ପରିମଳ ବିଭାଗ କିପରି ସୁରକ୍ଷିତ ରହିପାରିବ ସେ ନେଇ କୌଣସି ସୂଚନା ଜାରି କରାଯାଇ ନାହିଁ । ଯାହାଫଳରେ ଖରାରେ ଯାତ୍ରୀ ଡହଳବିକଳ ହେଉଛନ୍ତି । ସେପଟେ ଏସଏମସି ପକ୍ଷରୁ କୌଣସି ଏସଓପି ଜାରି ନ ହେବାରୁ ନିର୍ମାଣ ଶ୍ରମିକଙ୍କ କାର୍ଯ୍ୟ ସମୟ ପରିବର୍ତ୍ତନ ହୋଇନାହିଁ ।

# ପୂର୍ବ ଶତ୍ରୁତାରୁ ଦୋକାନୀଙ୍କୁ ମରଣାନ୍ତକ ଆକ୍ରମଣ

**କଟକ : ନ୍ୟୁଜ୍ ବ୍ୟୁରୋ**

ପୂର୍ବ ଶତ୍ରୁତାରୁ ମରଣାନ୍ତକ ଆକ୍ରମଣ । କଟକ ଯୋବ୍ରାରେ ସ୍ଥାନୀୟ ଯୁବକ ଖେଳାଇଛନ୍ତି ଆତଙ୍କରାଜ । ମାଟିଆ ମଙ୍ଗଳା ସାହି ଛକ ଉପରେ କିଛି ଯୁବକ ହାତରେ ଏକ ଖଣ୍ଡା ଓ ବାଡି ଧରି ସ୍ଥାନୀୟ ଦୋକାନୀଙ୍କୁ ଆକ୍ରମଣ କରିବା ସହ ଦୋକାନରେ ବ୍ୟାପକ ଭଙ୍ଗା ରୁଜା କରିଛନ୍ତି । ସମସ୍ତ ଘଟଣା ସିସିଟିଭିରେ କଏଦ ହୋଇଥିବା ବେଳେ କଟକ ମାଲଗୋଦାମ ଥାନା ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି । ହାତରେ ଖଣ୍ଡା ଓ ବାଡି ଧରି ଆତଙ୍କ ଖେଳାଇଲେ କିଛି ଯୁବକ । କଟକ ଯୋବ୍ରା ମାଟିଆ ମଙ୍ଗଳା ସାହିରେ ଶୁକ୍ରବାର ରାତିରେ ଏଭଳି ଦୌରାତ୍ମ୍ୟ ଦେଖିବାକୁ ମିଳିଛି । ମାଟିଆ ମଙ୍ଗଳା ସାହି ଛକ ନିକଟରେ ଥିବା ଏକ ଦୋକାନରେ ପଶି ଦୋକାନରେ ବସିଥିବା ଦୁଇ ଭାଇଙ୍କୁ ଆକ୍ରମଣ କରିବା ସହ ଦୋକାନରେ ବ୍ୟାପକ ଭଙ୍ଗାରୁଜା କରି ଟଙ୍କା ଲୁଟ କରିଥିବା ଅଭିଯୋଗ ହୋଇଛି । ସମସ୍ତ ଘଟଣା ଦୋକାନରେ ଲାଗିଥିବା ସିସିଟିଭି କ୍ୟାମେରାରେ କଏଦ ହୋଇଛି । ଆକ୍ରମଣ କରିଥିବା ଯୁବକ ସ୍ଥାନୀୟ ଅଞ୍ଚଳ ଓ ପାଖ ସାହିର ହୋଇଥିବା ଜଣାପଡିଛି । ତେବେ



ପୂର୍ବ ଶତ୍ରୁତାରୁ ଦୁର୍ବୃତ୍ତମାନେ ଏଭଳି କାଣ୍ଡ ଘଟାଇଥିବା ନେଇ ଥାନାରେ ଅଭିଯୋଗ ହୋଇଛି । ସେପଟେ ଏଭିଳି ଅଭିଯୋଗ ପରେ ମାଲଗୋଦାମ ଥାନା ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି । ତେବେ ଗତ ବର୍ଷ ଏହି ଯୁବକମାନେ ଅଭିଯୋଗକାରୀଙ୍କୁ ଆକ୍ରମଣ କରିବା ସହ ଖଣ୍ଡା ବୁଲାଇଥିଲେ, ଯାହାକୁ ନେଇ ଥାନାରେ ଅଭିଯୋଗ ପରେ ଅଭିଯୁକ୍ତମାନେ ଆକ୍ରୋଶ ମୂଳକ ଭାବେ ସଂଘ ବଦ୍ଧ ହୋଇ ଆକ୍ରମଣ କରିଥିବା ପୋଲିସ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଛି । ତେବେ ଏଭଳି କାଣ୍ଡ ଘଟାଇଥିବା ଅଭିଯୁକ୍ତମାନଙ୍କ ଉପରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି ଜୋନ ୧ ଏସିପି । ତେବେ ଅପରାଧ ମୁକ୍ତ ନିର୍ବାଚନ ପାଇଁ କମିଶନରେଟ ପୋଲିସ ପ୍ରସ୍ତୁତି ଜାରି ରଖିଥିଲା ବେଳେ ସହରରେ ବେଧଡ଼କ ଖଣ୍ଡା ବୁଲିବା ପୋଲିସ ପାଇଁ ଏକ ବଡ଼ ଚ୍ୟାଲେଞ୍ଜ ସୃଷ୍ଟି ହୋଇଛି ।

# ଉତ୍ସାହ ଉଦ୍ଦୀପନାର ସହ ଶେଷ ହେଲା କେନ୍ଦ୍ରାପଡାର ପଞ୍ଚୁଦୋଳ

**କେନ୍ଦ୍ରାପଡା : ନ୍ୟୁଜ୍ ବ୍ୟୁରୋ**

ପାରମ୍ପରିକ ଉତ୍ସାହ ଓ ଉଦ୍ଦୀପନାର ସହ କେନ୍ଦ୍ରାପଡାର ଠାକୁର ହୋରୀ ଓ ଛାମୁ ମେଲଣ ଶାନ୍ତି ଶୃଙ୍ଖଳାର ସହ ସମାପ୍ତ ହୋଇଛି । ଦୋଳ ପୂର୍ଣ୍ଣିମାର ପଞ୍ଚମ ଦିନରେ ଅନୁଷ୍ଠିତ ହେଉଥିବାରୁ ଏହାକୁ ପଞ୍ଚୁଦୋଳ ମଧ୍ୟ କୁହାଯାଏ। ଶୁକ୍ରବାର ବିଳମ୍ବିତ ରାତିରେ ପୁରୁଣା ବସଷ୍ଟାଣ୍ଡର ଦୋଳ ମେଲଣ ସମାପ୍ତ ହେବାପରେ ବାଲିପାଟଣା ମୌଜାରୁ ଆସିଥିବା ପ୍ରସିଦ୍ଧ ଲଛମନଜୀଉଙ୍କ ଦୋଳ ମେଲଣକୁ ସହରର ବିଭିନ୍ନ ସ୍ଥାନରେ ସ୍ୱାଗତ ସମ୍ବର୍ଦ୍ଧନା ଜଣାଯିବା ସହ ଭୋଗ ଆଳତୀ ସମର୍ପଣ କରାଯାଇ ଥିଲା । ପୁରୁଣା ବସଷ୍ଟାଣ୍ଡର ମେଲଣ ପଡିଆରେ ପାହାଡପୁର, ନାନକାର, ବିନୋଦ ବିହାରୀ, ରାଧା ଗୋବିନ୍ଦଜୀଉ, ବୁଢା ଗୋସେଇଁ, ବାରଙ୍ଗର ଚୂଳିସାହି ବିମାନ, କପିଳଜୀଉ ଓ ଲଛମନଜୀଉଙ୍କ ବିମାନ



ସମେତ ୧୪ଟି ବିମାନ ଏକତ୍ରିତ ହେବାପରେ ଧୂପ, ଦୀପ, ନୈବେଦ ପ୍ରଭୃତି ଦିଅଁ ମାନଙ୍କୁ ସମର୍ପଣ କରାଯାଇ ଥିଲା । ସକାଳ ପ୍ରାୟ ୬ଟା ସମୟରେ ଏହି ସବୁ ବିମାନ ମାନଙ୍କର ପ୍ରସ୍ଥାନ ପର୍ବ ଆରମ୍ଭ ହୋଇଥିଲା । ଏହି ବିମାନ ଗୁଡିକ ସେଠାରୁ ଇଛାପୁର ସ୍ଥିତ ଶ୍ରୀ ବଳଦେବଜୀଉଙ୍କ ମନ୍ଦିର ସମ୍ମୁଖକୁ ଶୋଭାଯାତ୍ରାରେ ପ୍ରସ୍ଥାନ କରିଥିଲେ । ସେମାନଙ୍କ ମଧ୍ୟରୁ ଶ୍ରୀ ଲଛମନଜୀଉ, କପିଳଜୀଉ, ରାଧା ଗୋବିନ୍ଦଜୀଉ ଓ ରଘୁନାଥଜୀଉଙ୍କ ବିମାନ ଶ୍ରୀ ବଳଦେବଜୀଉଙ୍କ ଚକଡା ଉପରେ ଆସ୍ଥାନ ଗ୍ରହଣ କରିବା ପରେ ମନ୍ଦିର ତରଫରୁ ପାରମ୍ପରିକ ନୀତିରେ ଦିଅଁ ମାନଙ୍କୁ ଗନ୍ଧ, ପୁଷ୍ପ, ଦୀପ, ଧୂପ, ନୈବେଦ୍ୟ ସମର୍ପଣ କରାଯାଇ ଥିଲା । ଏହା ସହିତ ସହରର ବିଭିନ୍ନ ସ୍ଥାନରେ ରଙ୍ଗ ଖେଳ ବା ହୋଲି ମହା ଆଡମ୍ବର ସହକାରେ ପାଳନ କରାଯାଇଛି । ବିଭିନ୍ନ ବର୍ଗର ଜନ ସାଧାରଣ ଭାଇଚାରର ନିଦର୍ଶନ ସହିତ ସ୍ୱରୂପ ପରସ୍ପରକୁ ଅଭିର ଓ ରଙ୍ଗ ମାରି ବର୍ଷକର ଏହି ପର୍ବକୁ ପାଳନ କରିଥିଲେ । ଶାନ୍ତି ଶୃଙ୍ଖଳା ରକ୍ଷା କରିବା ପାଇଁ ଟାଉନ ଥାନା ପକ୍ଷରୁ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ମାନଙ୍କରେ ପୋଲିସ ମୁତୟନ ରହିବା ସହ ପେଟ୍ରୋଲିଂ ଗାଡି ସହର ସାରା ପଇଁତରା ମାରି ପରିସ୍ଥିତି ଉପରେ ନଜର ରଖିଥିବା ଜଣାପଡିଛି ।

# ୬୭ତମ ଅଲ ଇଣ୍ଡିଆ ରେଲୱେ ଟି -୨୦ ପୁରୁଷ କ୍ରିକେଟ ଚାମ୍ପିଅନସିପ ଉଦଘାଟିତ

**ଭୁବନେଶ୍ୱର : ନ୍ୟୁଜ୍ ବ୍ୟୁରୋ**

ଇଷ୍ଟକୋଷ୍ଟ ରେଲୱେ ସ୍ପୋର୍ଟସ ଆସୋସିଏସନ, ଖୋର୍ଦ୍ଧା ରୋଡ଼ ଦ୍ୱାରା ଆୟୋଜିତ ୬୭ ତମ ଅଲ ଇଣ୍ଡିଆ ରେଲୱେ ଟି -୨୦ ପୁରୁଷ କ୍ରିକେଟ ଚାମ୍ପିୟନସିପ (ଏଲିଟ ପୁଲ୍-ଏ) ୨୦୨୩-୨୪, ରେଲୱେ ଷ୍ଟାଡିୟମରେ ଉଦ୍‌ଘାଟିତ ହୋଇଯାଇଛି । ଖୋର୍ଦ୍ଧା ରୋଡ଼ର ମଣ୍ଡଳ ରେଳ ପ୍ରବନ୍ଧକ ଏଚ ଏସ ବାଜ୍ୱା ଏହି ଟୁର୍ଣ୍ଣାମେଣ୍ଟକୁ ଉଦ୍‌ଘାଟନ କରିଛନ୍ତି । ଖୋର୍ଦ୍ଧା ରୋଡ଼ ମହିଳା କଲ୍ୟାଣ ସଂଗଠନର ସଭାନେତ୍ରୀ, ଗୁର ସିମ୍ରନ କୌର, ପୂର୍ବ ତଟ ରେଳ କ୍ରୀଡ଼ା ସଙ୍ଗଠନ, ଭୁବନେଶ୍ୱରର ସାଧାରଣ ସମ୍ପାଦକ, ଅଜୟ କୁମାର ସାମଲ, ଅତିରିକ୍ତ ମଣ୍ଡଳ ରେଳ ପ୍ରବନ୍ଧକ (ଇନଫ୍ରା), ସୁଭ୍ରା ଜ୍ୟୋତି ମଣ୍ଡଳ, କ୍ରୀଡା ଅଧିକାରୀ ତଥା ବରିଷ୍ଠ ମଣ୍ଡଳ ବିତ୍ତ ପ୍ରବନ୍ଧକ, ଖୋର୍ଦ୍ଧା ରୋଡ଼, ହିମାଦ୍ରି ଭୂଷଣ ବିଶ୍ୱାଳ, ଶାଖା ଅଧିକାରୀ ଏବଂ ଖୋର୍ଦ୍ଧା ରୋଡ଼ ମହିଳା କଲ୍ୟାଣ ସଂଗଠନ ର ସଦସ୍ୟ ମାନେ ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ ।




ମୋଟ ୬ ଟି ରେଲୱେ ଜୋନ ଯଥା ଦକ୍ଷିଣ ପୂର୍ବ ରେଲୱେ, ପୂର୍ବ ତଟ ରେଲୱେ, ଉତ୍ତର ପୂର୍ବ ରେଲୱେ, ନର୍ଥ ଫ୍ରଣ୍ଟିୟର ରେଲୱେ, ଦକ୍ଷିଣ ପୂର୍ବ କେନ୍ଦ୍ରୀୟ ରେଳବାଇ ଏବଂ ମେଟ୍ରୋ ରେଳ / କୋଲକାତା, ଏହି ଏଲିଟ ପୁଲ୍-ଏ ଲିଗ ମ୍ୟାଚ ରେ ଅଂଶଗ୍ରହଣ କରୁଛନ୍ତି । ୩୦.୦୩.୨୦୨୪ ରୁ ୦୪.୦୪.୨୦୨୪ ପର୍ଯ୍ୟନ୍ତ ୬ ଟି ଜୋନ ମଧ୍ୟରେ ମୋଟ ୧୫ ଟି ଲିଗ ମ୍ୟାଚ ଅନୁଷ୍ଠିତ ହେବ । କିଛି ଲିଗ ମ୍ୟାଚ ଖୋର୍ଦ୍ଧା ରୋଡ଼ ରେଲୱେ ଷ୍ଟାଡିୟମରେ ଏବଂ କେତେକ ଲିଗ ମ୍ୟାଚ ସେଞ୍ଚୁରିଅନ ବିଶ୍ୱବିଦ୍ୟାଳୟ ଗ୍ରାଉଣ୍ଡରେ ଅନୁଷ୍ଠିତ ହେବ ।

ଏହି ଅବସରରେ ଯୋଗ ଦେଇ ଏଚ ଏସ ବାଜ୍ୱା ସେମାନଙ୍କର ସୁସ୍ଥ ଅଂଶଗ୍ରହଣ ପାଇଁ ସମସ୍ତ ଦଳକୁ, ତାଙ୍କର ଶୁଭେଚ୍ଛା ଜଣାଇଛନ୍ତି । ସେ କହିଛନ୍ତି ଯେ ଖେଳାଳିଙ୍କ ସୁବିଧା ପାଇଁ ଡିଭିଜନ ବିସ୍ତୃତ ବ୍ୟବସ୍ଥା କରିଛି । ଆଗାମୀ ଦିନରେ ଅନୁଷ୍ଠିତ ହେବାକୁ ଥିବା ଟୁର୍ଣ୍ଣାମେଣ୍ଟ ପାଇଁ ଖେଳାଳି ଏବଂ ଦର୍ଶକଙ୍କ ପାଇଁ ଅଧିକ ସୁବିଧା ଯୋଗାଇବା ପାଇଁ ଷ୍ଟାଡିୟମରେ ବିକାଶମୂଳକ କାର୍ଯ୍ୟ ଚାଲିଛି ।

ଭାରତୀୟ ରେଳବାଇ, ବିଭିନ୍ନ ଜୋନର ୨୭ ଟି ଦଳ ପାଇଁ ୪ ଟି ବିଭିନ୍ନ ସ୍ଥାନରେ ଯଥା, ଖୋର୍ଦ୍ଧା ରୋଡ଼ରେ ପୁଲ୍-ଏ, ପ୍ରୟାଗ ରାଜରେ ପୁଲ୍-ବି, କପୁରତଲାରେ ପୁଲ୍-ସି ଏବଂ ଖଡଗପୁରରେ ପୁଲ ପାଇଁ ବିଭିନ୍ନ ଲିଗ ମ୍ୟାଚ ଆୟୋଜନ କରୁଛି ।

ଆଜିର ପ୍ରଥମ ଲିଗ ମ୍ୟାଚ ପୂର୍ବ ତଟ ରେଲୱେ ଏବଂ ଦକ୍ଷିଣ ପୂର୍ବ ରେଲୱେ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ପୂର୍ବ ତଟ ରେଲୱେ ଏହି ମ୍ୟାଚକୁ ୧୨ ରନରେ ଜିତିଥିଲା । ଇଷ୍ଟକୋଷ୍ଟ ରେଳବାଇର ଗିରିଜା ପି ରାଉତ, ମ୍ୟାନ ଅଫ ଦି ମ୍ୟାଚ ହୋଇଥିଲେ । ଖୋର୍ଦ୍ଧା ରୋଡ ମଣ୍ଡଳର ବରିଷ୍ଠ ମଣ୍ଡଳ ବାଣିଜ୍ୟ ପ୍ରବନ୍ଧକ, ଅନିଲ କୁମାର ଏସ୍, ମ୍ୟାନ ଅଫ ଦି ମ୍ୟାଚ ଟ୍ରଫିକୁ ପ୍ରଦାନ କରିଥିଲେ । ଟୁର୍ଣ୍ଣାମେଣ୍ଟର ସମସ୍ତ ମ୍ୟାଚ କ୍ରୀଡା ସଚିବ ଏମ ଜାକିରୁଦ୍ଦିନ ତଥା ଇଷ୍ଟକୋଷ୍ଟ ରେଳ ସ୍ପୋର୍ଟସ ଆସୋସିଏସନର ସଦସ୍ୟ ମାନଙ୍କ ଦ୍ୱାରା ଅନୁଷ୍ଠିତ ହେଉଛି ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ଅସହ୍ୟ ହେଲାଣି ...

ବାହାରୁ ଥିଲେ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରିବା ପାଇଁ ପାଣିପାଗ କେନ୍ଦ୍ର ପରାମର୍ଶ ଦେଇଛି ।

ପାଣିପାଗ ବିଶେଷଜ୍ଞ ପ୍ରଫେସର ସୁରେନ୍ଦ୍ରନାଥ ପଶୁପାଳକ କହିଛନ୍ତି ଯେ ସାରା ରାଜ୍ୟରେ ତାତି ଆହୁରି ବଢ଼ିବ । ଭୁବନେଶ୍ୱର ସମେତ ସମଗ୍ର ଉପକୂଳରେ ତାପମାତ୍ରା ବଢ଼ିବ । ସମ୍ଭବତଃ ଏପ୍ରିଲ ୧ ତାରିଖରେ ଭୁବନେଶ୍ୱରରେ ତାପମାତ୍ରା ୪୦ ଡିଗ୍ରୀ ଅତିକ୍ରମ କରିପାରେ । ଉତ୍ତର ଉପକୂଳ, ଉତ୍ତର ଆଭ୍ୟନ୍ତରୀଣ ଓ କେନ୍ଦ୍ରୀୟ ଓଡ଼ିଶାର ଅନେକ ସ୍ଥାନରେ ତାପମାତ୍ରା ୪୦ ଡିଗ୍ରୀ ଅତିକ୍ରମ କରିବାର ମଧ୍ୟ ସମ୍ଭାବନା ରହିଛି । ଆସନ୍ତା ୩ ଦିନ ଭିତରେ ଆଉ ୧ ଡିଗ୍ରୀ ସେଲସିୟସ ତାପମାତ୍ରା ବଢ଼ିପାରେ । ତେବେ ସପ୍ତାହେ ପର୍ଯ୍ୟନ୍ତ ତାତି କମିବାର ସମ୍ଭାବନା ନ ଥିବା ବେଳେ ଏପ୍ରିଲ ୨ ତାରିଖରେ ଭୁବନେଶ୍ୱର ରାଜ୍ୟର ସବୁଠାରୁ ଉତ୍ତପ୍ତ ସହର ହୋଇପାରେ ଏବଂ ରାଜ୍ୟର ଅଧିକାଂଶ ସ୍ଥାନରେ ତାପମାତ୍ରା ୩୯ ଡିଗ୍ରୀ ଅତିକ୍ରମ କରିପାରେ ବୋଲି ପ୍ରଫେସର ପଶୁପାଳକ କହିଛନ୍ତି ।

## ବୈଠକ ଡାକିଲେ ...

ସରକାରଙ୍କ ବିଭିନ୍ନ ବିଭାଗର ବହୁ ବରିଷ୍ଠ ଅଧିକାରୀମାନେ ଯୋଗଦେଇଥିଲେ ।

ସ୍ୱତନ୍ତ୍ର ରିଲିଫ କମିଶନରଙ୍କ କାର୍ଯ୍ୟାଳୟରୁ ଅତିରିକ୍ତ ଏସ୍ଆରସି ପଦ୍ମନାଭ ବେହେରା ଏନେଇ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ, ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ, ମହିଳା ଓ ଶିଶୁ ବିକାଶ ବିଭାଗ, ଏମ୍ଏସ୍ଏମ୍ଇ, ଏସ୍ଏସ୍ପିଇଡି, ଶିଳ୍ପ, ବାଣିଜ୍ୟ ଓ ପରିବହନ ବିଭାଗ ଓ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗର ପ୍ରମୁଖ ସଚିବ ଏବଂ ସ୍ୱାସ୍ଥ୍ୟ ବିଭାଗ, କ୍ରୀଡ଼ା ବିଭାଗ, ଉଚ୍ଚ ଶିକ୍ଷା, ଗଣଶିକ୍ଷା ଓ ଶ୍ରମ ବିଭାଗର ସଚିବଙ୍କୁ ପତ୍ର ଲେଖିଥିଲେ । ଶନିବାର ସାଢ଼େ ୩ ଟାରେ ଭର୍ଚ୍ୟୁଆଲ ମୋଡ୍‌ରେ ଏହି ବୈଠକ ଅନୁଷ୍ଠିତ ହୋଇଥିଲା ।

## ୨୦୧୯ରେ ଓଡ଼ିଶାର ...

ସର୍ବାଧିକ ୪୪,୫୮୨ ଭୋଟ ମିଳିଥିଲା । ବିଜେଡିର ରମେଶ ଚନ୍ଦ୍ର ମାଝୀ କଂଗ୍ରେସର ପ୍ରଦୀପ ମାଝୀଙ୍କୁ ୪୧,୬୩୪ ଭୋଟ ବ୍ୟବଧାନରେ ପରାସ୍ତ କରିଥିବା ବେଳେ ଏଠାରେ ଏହାଠାରୁ ଅଧିକ ଭୋଟ ନୋଟାରେ ପଡ଼ିଥିଲା । କୋରାପୁଟ ସଂସଦୀୟ କ୍ଷେତ୍ରରେ କଂଗ୍ରେସ ପ୍ରାର୍ଥୀ ସପ୍ତଗିରି ଉଲାକା ବିଜେଡି ପ୍ରାର୍ଥୀ କୌଶଲ୍ୟା ହିକକାଙ୍କୁ ୩,୬୧୩ ଭୋଟ ବ୍ୟବଧାନରେ ପରାସ୍ତ କରିଥିବାବେଳେ ନୋଟାକୁ ମିଳିଥିଲା ୩୬,୫୬୧ ଭୋଟ । ସେହିଭଳି ସମ୍ବଲପୁର ଲୋକସଭା କ୍ଷେତ୍ରରେ ବିଜେପି ପ୍ରାର୍ଥୀ ନୀତେଶ ଗଙ୍ଗଦେବ ବିଜେଡିର ନଳୀନିକାନ୍ତ ପ୍ରଧାନଙ୍କୁ ୯,୧୬୨ ଭୋଟରେ ପରାସ୍ତ କରିଥିବା ବେଳେ ନୋଟାକୁ ମିଳିଥିଲା ୧୩,୪୫୬ ଭୋଟ୍ ।

## କୋଟିଆ ଲୋକଙ୍କୁ ...

ଅନୁପ୍ରବେଶ କରି କୋଟିଆ ଲୋକଙ୍କୁ ନିଜ ସପକ୍ଷରେ ନେବାକୁ ଉଦ୍ୟମ ଚଲାଇଛି ଆନ୍ଧ୍ର ।

ଆନ୍ଧ୍ର କୋଟିଆ ପଞ୍ଚାୟତକୁ ପାଞ୍ଚଟି ପଞ୍ଚାୟତରେ ବିଭକ୍ତ କରିଛି । ପାଟୁସିନେରୁ, ଫଗୁଣସିନେରୁ, ଗଞ୍ଜାଇଭାଦରା, ସାରିକି ଓ କୁରୁକୁଟି ପଞ୍ଚାୟତ ଭାବେ ବିଭାଜନ କରିଛି । ଉକ୍ତ ପଞ୍ଚାୟତ ଗୁଡ଼ିକରେ ମୋଟ ୨୫୫୪ ଭୋଟର ସେମାନଙ୍କର ମତଦାନ ସାବ୍ୟସ୍ତ କରିବେ । କୋଟିଆ ବିବାଦକୁ ନେଇ ସୁପ୍ରିମକୋର୍ଟରେ ମକଦ୍ଦମା ଲାଗି ରହିଥିବା ବେଳେ ସୁପ୍ରିମକୋର୍ଟ ଉଭୟ ଓଡ଼ିଶା ଓ ଆନ୍ଧ୍ରକୁ ସ୍ଥିତାବସ୍ଥା ଜାରି ରଖିବାକୁ ନିର୍ଦ୍ଦେଶ ଦେଇଛନ୍ତି । ଏପରି ସ୍ଥଳେ ଆନ୍ଧ୍ର ସପକ୍ଷରେ କୋଟିଆବାସୀ ଅଛନ୍ତି ବୋଲି ପ୍ରମାଣିତ କରିବାକୁ ହୀନ ଚକ୍ରାନ୍ତ ଚଲାଇଛି, ହେଲେ ଏହି ଚକ୍ରାନ୍ତକୁ ଫେଲ କରିଛନ୍ତି କୋରାପୁଟ ପ୍ରଶାସନ ଓ ସ୍ଥାନୀୟ ଜନପ୍ରତିନିଧି । ଲୋକଙ୍କୁ ସଚେତନ କରିବା ସହିତ ଓଡ଼ିଶାର ନିର୍ବାଚନରେ ସାମିଲ ହେବାକୁ ଲୋକଙ୍କୁ ଅପିଲ କରିଛନ୍ତି ।

ଓଡ଼ିଶା ପକ୍ଷରୁ କୋଟିଆ ପଞ୍ଚାୟତରେ ସମୁଦାୟ ୫,୫୦୨ ଜଣ ଭୋଟର ମତଦାନ ସାବ୍ୟସ୍ତ କରିବେ । ପୁରୁଷ ଭୋଟରଙ୍କ ସଂଖ୍ୟା ୨୫୮୯ ରହିଥିବା ବେଳେ ମହିଳା ଭୋଟରଙ୍କ ସଂଖ୍ୟା ୨୯୧୩ ରହିଛି । କୋଟିଆ ପଞ୍ଚାୟତର ଲୋକେ ସୁବିଧାରେ ଭୋଟ ଦେବା ପାଇଁ କୋରାପୁଟ ପ୍ରଶାସନ ପକ୍ଷରୁ ୯ଟି ମତଦାନ କେନ୍ଦ୍ର କରାଯାଇଛି । ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ ଭି କୀର୍ତ୍ତି ଭାଷନ କୋଟିଆ ଗ୍ରାମପୁଞ୍ଜକୁ ଗସ୍ତକରି ଭୋଟଦେବାକୁ ଭୋଟରଙ୍କୁ ସଚେତନ କରୁଛନ୍ତି । କୋଟିଆର ଜନସାଧାରଣ ମଧ୍ୟ ଓଡ଼ିଶା ଲୋକସଭା ଓ ବିଧାନସଭା ନିର୍ବାଚନରେ ଭାଗ ନେବାକୁ ଆଗ୍ରହ ପ୍ରକାଶ କରିଛନ୍ତି । କୋଟିଆରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୧୫୦ କୋଟି ଟଙ୍କାର ବିକାଶ ମୂଳକ କାର୍ଯ୍ୟ କରିଛନ୍ତି । କୋଟିଆରେ ସ୍କୁଲ , ରାସ୍ତାଘାଟ ଠାରୁ ଆରମ୍ଭ କରି ସ୍ୱାସ୍ଥ୍ୟ କେନ୍ଦ୍ର ନିର୍ମାଣ ହୋଇଛି । ତେଣୁ କୋଟିଆବାସୀ ଓଡ଼ିଶାର ନିର୍ବାଚନ ପ୍ରକ୍ରିୟାରେ ଭାଗ ନେଇ ଭୋଟ ଦେବାକୁ ଆଗ୍ରହ ଦେଖାଇଛନ୍ତି ।

## ଏପ୍ରିଲ ୨ରୁ ...

ତାପମାତ୍ରା ୪୦ଡ଼ିଗ୍ରୀ ଅତିକ୍ରମ କରିଛି । ମାଲକାନଗିରିରେ ଶନିବାର ଦିନ ତାପମାତ୍ରା ସର୍ବାଧିକ ୪୧ଡ଼ିଗ୍ରୀ ଛୁଇଁଛି । ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ଏହି ସୂଚନା ଦିଆଯାଇଛି । ପାଣିପାଗ ବିଭାଗ ପକ୍ଷରୁ କୁହାଯାଇଛି ଯେ, ଶନିବାର ବୌଦ୍ଧ ଏବଂ ଟିଟିଲାଗଡ଼ରେ ୪୦.୫, ବଲାଙ୍ଗୀରରେ ୪୦.୨, ନୟାଗଡ଼ରେ ୪୦, ଭୁବନେଶ୍ୱରରେ ୩୭ ଏବଂ କଟକରେ ୩୭.୬ ଡ଼ିଗ୍ରୀ ଦିନର ତାପମାତ୍ରା ରେକର୍ଡ ହୋଇଛି ।

## ସବୁ ନେତା ଅପରାଧ...

ଜଣଙ୍କ ବିରୋଧରେ ରହିଛି ଜଘନ୍ୟ ଅପରାଧ । ହତ୍ୟା, ହତ୍ୟା ଉଦ୍ୟମ, ସାମ୍ପ୍ରଦାୟିକ ହିଂସା, ଅପହରଣ ଓ ମହିଳା ବିରୋଧୀ ହିଂସାରେ ସଂଶ୍ଲିଷ୍ଟ । ୯ ଜଣଙ୍କ ନାମରେ କେବଳ ହତ୍ୟା, ମହିଳାଙ୍କ ବିରୋଧରେ ଅପରାଧ କରିଥିବା ୧୬ ଜଣ ସାଂସଦଙ୍କ ଭିତରୁ ୩ ଜଣଙ୍କ ବିରୋଧରେ ଦୁଷ୍କର୍ମ ମାମଲାରେ ଦୋଷୀ ସାବ୍ୟସ୍ତ ହୋଇଛନ୍ତି । ରାଜନୈତିକ ଶତ୍ରୁତା ଯୋଗୁ କେତେକଙ୍କ ବିରୋଧରେ ଅପରାଧୀକ ରେକର୍ଡ ଗଢ଼ୁଛି । କିନ୍ତୁ ମହିଳା ଦୁଷ୍କର୍ମ, ହତ୍ୟା ଭଳି ମାମଲାରେ କେତେକ ନେତା ନିଜ ଆଚରଣ ଯୋଗୁ ଏଭଳି କଳାକାରନାମାରେ ଲିପ୍ତ ରହିଛନ୍ତି ।

ଅପରାଧିକ ରେକର୍ଡ ଥିବା ନେତାଙ୍କ ସଂଖ୍ୟା ଦିନକୁ ଦିନ ବଢୁଛି । ଆଉ ଅପରାଧିକ ରେକର୍ଡ ଥିବା ନେତାଙ୍କ ପ୍ରଥମ ପସନ୍ଦ ଶାସକ ଦଳ ବୋଲି ଅଭିଯୋଗ ହୋଇଛି । ଶାସକ ଦଳରେ ଯୋଗ ଦେଇ ଟିକେଟ ହାତେଇଲେ ସେମାନଙ୍କ କଳା କାରନାମାକୁ ସହଜରେ ଘଷ୍ଟ ଘୋଡ଼ା ଯାଇପାରୁଛି । ନିର୍ବାଚନକୁ ଅବାଧ ଓ ସ୍ୱଚ୍ଛ କରିବାକୁ ଭାରତୀୟ ନିର୍ବାଚନ କମିଶନ ବି ବଡ଼ ପଦକ୍ଷେପ ନେଉଛନ୍ତି । ଅପରାଧିକ ପୃଷ୍ଠଭୂମି ଥିବା ନେତାଙ୍କୁ ପ୍ରାର୍ଥୀ କରାଗଲେ ସଂପୃକ୍ତ ପ୍ରାର୍ଥୀଙ୍କ ପାଇଁ ଦଳ ପକ୍ଷରୁ ନିର୍ବାଚନ କମିଶନଙ୍କୁ ସ୍ପଷ୍ଟୀକରଣ ଦେବାକୁ ପଡ଼ିବ । ଏତେସବୁ ପଦକ୍ଷେପ ପରେ ଅପରାଧିକ ରେକର୍ଡ ଥିବା ବ୍ୟକ୍ତି ନିର୍ବାଚନରେ ଭାଗ ନେଉଛନ୍ତି । ଶାସକ ଦଳରେ ସେମାନେ ଯୋଗଦେଇ ଦୁରାଚାରୀରୁ ସଦାଚାରୀ ହେଉଥିବା ଅଭିଯୋଗ ହୋଇଛି ।

## ତରଳୁଛି ମେରୁ ...

ସ୍ଥାନରେ ପରିବର୍ତ୍ତନ ହୁଏ । ଫଳରେ ଏହି ପରିବର୍ତ୍ତନ ଗ୍ରହର କୋଣୀୟ ବେଗକୁ ପ୍ରଭାବିତ କରିଥାଏ । ଯେହେତୁ ମେରୁ ବରଫ ତରଳୁଛି, ତେଣୁ ପୃଥିବୀର ବିଷୁବ ରେଖା ଚାରିପଟେ ବିସ୍ତୃତ ବୃଦ୍ଧି ପାଉଛି, ଯାହା ଗ୍ରହର ଘୂର୍ଣ୍ଣନକୁ ପ୍ରଭାବିତ କରୁଛି । ମାସାଚୁସେଟ୍ସ ଇନଷ୍ଟିଚ୍ୟୁଟ ଅଫ ଟେକ୍ନୋଲୋଜିର ଜିଓଫିଜିକ୍ସ ପ୍ରଫେସର ଟମାସ ହେରିଙ୍ଗ କହିଛନ୍ତି ଯେ ମେରୁ ବରଫ ତରଳିବା ପରେ ସେହି ପାଣି ବିଷୁବରେଖା ଆଡ଼କୁ ପ୍ରବାହିତ ହେଉଛି । ଫଳରେ ମେରୁ ଅଞ୍ଚଳରେ ପୃଥିବୀର ବସ୍ତୁତ୍ୱ ହ୍ରାସ ପାଇ ବିଷୁବବୃତ୍ତ ଅଞ୍ଚଳରେ ବୃଦ୍ଧି ପାଉଛି ଏବଂ ପୃଥିବୀର ଗତିକୁ ଏହା ପ୍ରଭାବିତ କରୁଛି । ସୂଚନାଯୋଗ୍ୟ ଯେ ଲକ୍ଷ ଲକ୍ଷ ବର୍ଷ ଧରି ପୃଥିବୀର ଘୂର୍ଣ୍ଣନ ମନ୍ଥର ହୋଇଚାଲିଛି । ପାଖାପାଖି ୭୦ ନିୟୁତ ବର୍ଷ ପୂର୍ବେ ଦିନଗୁଡ଼ିକ ଛୋଟ ଥିଲା (୨୩.୫ ଘଣ୍ଟା ପର୍ଯ୍ୟନ୍ତ ଥିଲା) ବୋଲି ପାଲିଓସେନୋଗ୍ରାଫି ଏବଂ ପାଲିଓକ୍ଲାଇମେଟୋଲୋଜିରେ ହୋଇଥିବା ଏକ ଅଧ୍ୟୟନରୁ ଜଣାପଡ଼ିଛି ।

## ଏପ୍ରିଲ ପହିଲାରୁ ...

ଏହା ପ୍ରଶାସନିକ ପ୍ରକ୍ରିୟାକୁ ସରଳ କରି ବ୍ୟବହାରକାରୀଙ୍କ ପାଇଁ ସମସ୍ତ ଅସୁବିଧାକୁ ମଧ୍ୟ ହ୍ରାସ କରିଥାଏ ।

ସେହିପରି ଏପ୍ରିଲ ପହିଲାରୁ କାର୍ଯ୍ୟକାରୀ ହେଉଥିବା ଫାଷ୍ଟଟ୍ୟାଗ ଉପଭୋକ୍ତାମାନେ କାରବାରରେ ସମ୍ଭାବ୍ୟ ବ୍ୟାହତକୁ ଏଡ଼ାଇବା ପାଇଁ ୩୧ମାର୍ଚ୍ଚ ୨୦୨୪ ସୁଦ୍ଧା ସେମାନଙ୍କର କେୱାଇସି ଅପଡେଟ ହୋଇଛି କି ନାହିଁ ତାହା ଜଣାଇବାକୁ ପଡ଼ିବ । ଏହି ଆଦେଶକୁ ପାଳନ ନ କଲେ ଟୋଲ ପେମେଣ୍ଟରେ ବାଧା ଉପୁଜିବ ।

ପାନ ଆଧାର କାର୍ଡ ସହିତ ଲିଙ୍କ କରିବାର ଶେଷ ତାରିଖ ୩୧ ମାର୍ଚ୍ଚ ୨୦୨୪ ରହିଛି । ଲିଙ୍କ ନ କଲେ ପାନ ନମ୍ବର ବାତିଲ ହୋଇପାରେ । ୧ ଏପ୍ରିଲ ୨୦୨୪ ପରେ ପାନ-ଆଧାର ଲିଙ୍କରେ ବିଳମ୍ବ ପାଇଁ ୧୦୦୦ ଟଙ୍କା ଜରିମାନା ଦେବାକୁ ପଡ଼ିବ ।

## ଶ୍ରୀମନ୍ଦିରରେ ପଶିବାକୁ ...

ତାଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିବା ଜଣାପଡ଼ିଛି ।

ଖବର ଅନୁଯାୟୀ, ଉକ୍ତ ବିଦେଶୀ ପର୍ଯ୍ୟଟକ ଜଣଙ୍କ ସ୍ୱର୍ଗଦ୍ୱାର ବେଳାଭୂମିରେ ନିଶା ସେବନ କରି ଉତ୍ପାତ କରିଥିଲେ । ସ୍ଥାନୀୟ ଲୋକଙ୍କ ଅଭିଯୋଗ କ୍ରମେ ସମୁଦ୍ର କୂଳ ଥାନା ପୋଲିସ୍ ତାଙ୍କୁ ଉଦ୍ଧାର କରି ଥାନାରେ ବସାଇଥିଲେ । ସେ ପୁରୀର ଏକ ଆଶ୍ରମର ବାସିନ୍ଦା । ତେବେ ଆଶ୍ରମରେ ଥିବା ତାଙ୍କ ସମ୍ପର୍କୀୟ ଥାନାରେ ଅଣ୍ଡରଟେକିଂ ଲେଖାଇଥିଲେ ।

# ସୋଆରେ ପଞ୍ଚମ ସ୍ୱାମୀନାଥନ ସ୍ମାରକୀ ବକ୍ତୃତାମାଳା

**ଭୁବନେଶ୍ୱର : ନ୍ୟୁଜ୍ ବ୍ୟୁରୋ**

ଶିକ୍ଷା ଓ ଅନୁସନ୍ଧାନ ବିଶ୍ୱବିଦ୍ୟାଳୟ (ସୋଆ) ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଏଗ୍ରିକଲଚରାଲ ସାଇନସେସ୍ (ଆଇଏଏସ୍) ପକ୍ଷରୁ ଶୁକ୍ରବାର ଦିନ ପଞ୍ଚମ ସ୍ୱାମୀନାଥନ ସ୍ମାରକୀ ବକ୍ତୃତାମାଳା ଅନୁଷ୍ଠିତ ହୋଇଯାଇଛି ।

ଏଥିରେ ଫଳ ବିଜ୍ଞାନ ବିଭାଗର ସହକାରୀ ପ୍ରାଧ୍ୟାପିକା ଡକ୍ଟର ଶୁଭ୍ରାଜ୍ୟୋତି ମିଶ୍ର ବକ୍ତା ଭାବେ ଯୋଗ ଦେଇ କୃଷି ଭିତ୍ତିକ ତଥା ଉଦ୍ୟାନ କୃଷି ଭିତ୍ତିକ ବର୍ଜ୍ୟବସ୍ତୁର ସୁବିନିଯୋଗ ଓ ପରିଚାଳନାର ଆଧୁନିକ ଦିଗ ସମ୍ବନ୍ଧରେ ସବିଶେଷ ଆଲୋଚନା କରିଥିଲେ ।




ଏହି ବକ୍ତୃତାମାଳାର ଆବାହକ ପ୍ରଫେସର ସରୋଜ କୁମାର ମହାନ୍ତି ସ୍ୱାଗତ ଭାଷଣ ଦେଇଥିଲେ । ଆଇଏଏସ୍‌ର ଭାରପ୍ରାପ୍ତ ଅଧକ୍ଷ ପ୍ରଫେସର ବିଜୟ କୁମାର ମିଶ୍ର ଏଭଳି ପ୍ରୟାସକୁ ସାଧୁବାଦ ଦେବା ସହ ନିଜ ଅଭିଭାଷଣରେ ବକ୍ତା ଡକ୍ଟର ଶୁଭ୍ରାଜ୍ୟୋତି ମିଶ୍ରଙ୍କ ଉଦ୍ୟମକୁ ପ୍ରଶଂସା କରିଥିଲେ ।

ପ୍ରଫେସର ଜଗମୋହନ ଲାଲ ଗୁଲାଟି ଏହି ବକ୍ତୃତାମାଳାର ଉଦ୍ଦେଶ୍ୟ ବିଷୟରେ କହିଥିଲେ । ଅଧ୍ୟାପକ ରାଜୀବ କୁମାର ବେହେରା ଧନ୍ୟବାଦ ଦେଇଥିବା ବେଳେ ଏହି କାର୍ଯ୍ୟକ୍ରମରେ ସବୁ ବିଭାଗର ବିଭାଗୀୟ ମୁଖ୍ୟ, ପ୍ରାଧ୍ୟାପକ, ପ୍ରାଧ୍ୟାପିକା ଓ ଗବେଷଣାରତ ଛାତ୍ରଛାତ୍ରୀମାନେ ଉପସ୍ଥିତ ଥିଲେ ।

# ଧାମନଗର ନିର୍ବାଚନମଣ୍ଡଳୀରେ ଡା. ସଞ୍ଜୟ ଦାସ ବିଜେଡି ପ୍ରାର୍ଥୀ ହେବା ପରେ ରାଜନୈତିକ ଚର୍ଚ୍ଚା ଆରମ୍ଭ

**ଧାମନଗର : ନ୍ୟୁଜ୍ ବ୍ୟୁରୋ**

ଭଦ୍ରକ ଜିଲ୍ଲା ଧାମନଗର ନିର୍ବାଚନ ମଣ୍ଡଳୀ ପାଇଁ ଡାକ୍ତର ସଞ୍ଜୟ ଦାସଙ୍କୁ ବିଜେଡି ପ୍ରାର୍ଥୀ କରିବା ପରେ ରାଜନୈତିକ ଚର୍ଚ୍ଚା ଆରମ୍ଭ ହୋଇଯାଇଛି । ବିଜେପି କବଜାରେ ଥିବା ଏ ନିର୍ବାଚନ ମଣ୍ଡଳୀରେ ଲଢ଼େଇ କିପରି ହେବ, ସେନେଇ ଲୋକଙ୍କ ମଧ୍ୟରେ ଅନେକ ଉତ୍ସୁକତା ଦେଖିବାକୁ ମିଳିଛି । ସଞ୍ଜୟ ୨୦୨୩ ଜାନୁଆରୀ ମକର ସଂକ୍ରାନ୍ତି ଦିନଠାରୁ ଧାମନଗରରେ ବୁଲାବୁଲି କରୁଛନ୍ତି । ଲୋକଙ୍କ ସହ ମିଶୁଛନ୍ତି । ସେମାନଙ୍କ କାର୍ଯ୍ୟକ୍ରମରେ ସାମିଲ ହେଉଛନ୍ତି । ବିଜେଡି ସଙ୍ଗଠନ କର୍ମକର୍ତ୍ତାଙ୍କ ସହ ମିଶି କାମ କରୁଛନ୍ତି । ଡାକ୍ତରୀ ଚାକିରୀ ଛାଡ଼ି ଆସିଥିବା ସଞ୍ଜୟଙ୍କର ଏହା ଭିତରେ ଲୋକପ୍ରିୟତା ବଢ଼ିଛି । ଗ୍ରହଣୀୟତା ବି ରହିଛି । ଏବେ ବିଜୁ ଜନତା ଦଳ ପକ୍ଷରୁ ପ୍ରାର୍ଥୀ ତାଲିକା ପ୍ରକାଶ ପାଇବା ପରେ ଧାମନଗର ପାଇଁ ତାଙ୍କ ନାଁ ପ୍ରାର୍ଥୀ ଭାବେ ଥିବାରୁ ସେ ଦଳ ସୁପ୍ରିମୋ ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ସାଂଗଠନିକ ସଂପାଦକ ପ୍ରଣବ ପ୍ରକାଶ ଦାସ ଓ ବିଜେଡି ନେତା ଭି. କେ. ପାଣ୍ଡିଆନଙ୍କୁ କୃତଜ୍ଞତା ଜଣାଇଛନ୍ତି । ଗତ ୨ଟି ନିର୍ବାଚନରେ ବିଜେଡି ଏଠାରୁ ପରାଜିତ ହୋଇଛି । ୨୦୧୯ ବିଧାନସଭା ନିର୍ବାଚନରେ ବିଜେପିର ବିଷ୍ଣୁ ଚରଣ ସେଠୀ ୪୮.୪୭% ବା ୮୦ ହଜାର ୧୧୧ ଖଣ୍ଡ ଭୋଟ ପାଇ ବିଜୟୀ ହୋଇଥିଲେ । ବିଜେଡିର ରାଜେନ୍ଦ୍ର ଦାସ ୪୫.୬୭% ବା ୭୫ ହଜାର ୫୩୮ ଖଣ୍ଡ ଭୋଟ ପାଇ ଦ୍ୱିତୀୟ ସ୍ଥାନରେ ରହିଥିଲେ । ତେବେ ସେତେବେଳେ ବିଜେଡିର ଖରାପ ପ୍ରଦର୍ଶନ ଓ ପରାଜୟ ପାଇଁ ରାଜେନ୍ଦ୍ର ଦାସ ଦଳୀୟ କନ୍ଦଳ ଏବଂ କିଛି କୁଚକ୍ରୀ ଗୋଷ୍ଠୀଙ୍କ ଷଡ଼ଯନ୍ତ୍ରକୁ ଦାୟୀ କରିଥିଲେ । ପରେ ଏ ନେଇ ଏକ ଅଡିଓ ଭାଇରାଲ ମଧ୍ୟ ହୋଇଥିଲା । ଦୁର୍ଭାଗ୍ୟକୁ ୨୦୨୨ରେ ଧାମନଗର ବିଧାୟକ ତଥା ବିଜେପି ନେତା ବିଷ୍ଣୁଚରଣ ସେଠୀଙ୍କ ପରଲୋକ ପରେ ଉପନିର୍ବାଚନ ହୋଇଥିଲା । ଏହି ଉପନିର୍ବାଚନରେ ବିଜେପି ପ୍ରାର୍ଥୀ ତଥା ଦିବଂଗତ ବିଧାୟକ ବିଷ୍ଣୁ ଚରଣ ସେଠୀଙ୍କ ପୁଅ ସୂର୍ଯ୍ୟବଂଶୀ ସୂରଜ ୪୯.୦୯% ବା ୮୦୩୫୧ ଖଣ୍ଡ ଭୋଟ ପାଇ ବିଜୟୀ ହୋଇଥିଲେ । ପ୍ରତିଦ୍ୱନ୍ଦୀ ପ୍ରାର୍ଥୀ ବିଜେଡିର ଅବନ୍ତୀ ଦାସ ୪୩.୦୫% ବା ୭୦୪୭୦ ଖଣ୍ଡ ଭୋଟ ପାଇ ଦ୍ୱିତୀୟ ସ୍ଥାନରେ ରହିଥିଲେ । ତେବେ ବିଜେଡିରୁ ପୁଣିଥରେ ଟିକେଟ ପାଇବାକୁ ଆଶା ରଖିଥିବା ରାଜୁ ଦାସଙ୍କୁ ଦଳ ଶେଷ ମୁହୂର୍ତ୍ତରେ ଟିକେଟ ଦେଇନଥିଲା ।

ଭୁବନେଶ୍ୱର
୩୧ ମାର୍ଚ୍ଚ
ରବିବାର, ୨୦୨୪

RNI Regd. No. : 52640/94
Postal Regd. No. :
BN/60/22-24

# ରୁକୁଣାରଥ ନିର୍ମାଣ କାର୍ଯ୍ୟ ଆରମ୍ଭ



**ଭୁବନେଶ୍ୱର, ୩୦/୦୩ ନ୍ୟୁଜ ବ୍ୟୁରୋ**
ଚୈତ୍ରମାସ ଶୁକ୍ଳପକ୍ଷ ଅଷ୍ଟମୀ ବା 'ଅଶୋକାଷ୍ଟମୀ'ରେ ହେବ ପ୍ରଭୁ ଲିଙ୍ଗରାଜଙ୍କ ରଥଯାତ୍ରା। ଏକାମ୍ର କ୍ଷେତ୍ରାଧିପତିଙ୍କ ପ୍ରସିଦ୍ଧ ଏହି ଯାତ୍ରାକୁ ଚାତକ ପରି ଚାହିଁ ରହିଛନ୍ତି ପୁରୁଣା ଭୁବନେଶ୍ୱରବାସୀ। ରଥକାଠ ଅନୁକୂଳ ପରେ ରଥଖଳାରେ ଚାଲିଛି ରଥ ନିର୍ମାଣ କାର୍ଯ୍ୟ। ରୁକୁଣା ରଥଯାତ୍ରାକୁ ଆଉ ମାତ୍ର ୧୮ ଦିନ ଥିବା ବେଳେ ଚଳଚଞ୍ଚଳ ହୋଇଛି ରଥ ଖଳା। ଅନୁକୂଳ ହୋଇଥିବା ଆମ୍ବଗଛ କଟାଗଣ୍ଡିକୁ କାଟି ଶନିବାର ରଥରେ ଲାଗିବାକୁ ଥିବା ୪ଟି ଚକର ମଝି ଅଂଶ 'ଗୋଟା' ତିଆରି ଶେଷ ହୋଇଛି। ରବିବାର 'ପହି ଭଦଳିଆ' ତିଆରି ହେବ। ମହାରଣା ସେବାୟତ ଓ ମନ୍ଦିର ପ୍ରଶାସନ ମଧ୍ୟରେ ହୋଇଥିବା ଆଲୋଚନା ଅନୁସାରେ ରଥଯାତ୍ରାର ୨ ଦିନ ପୂର୍ବରୁ ଅର୍ଥାତ ଏପ୍ରିଲ ୧୪ ତାରିଖ ସନ୍ଧ୍ୟାରେ ରଥ ସମ୍ପୂର୍ଣ୍ଣ ହେବ। ଏହି ଲକ୍ଷ୍ୟରେ ମହାରଣା ସେବାୟତ କାମ ଆରମ୍ଭ କରିଛନ୍ତି। ତେବେ ପ୍ରଥମ ଦୁଇ ଦିନ ସ'ମିଲ୍‌ରୁ କାଠ ପହଞ୍ଚି ନଥିବାରୁ ସମ୍ପୂର୍ଣ୍ଣ ସେବାୟତ କାମ କରିବାକୁ ଆସିନଥିଲେ। ଏଥି ମଧ୍ୟରେ କଟକ ଖପୁରିଆ ସ'ମିଲ୍‌ରୁ ଚିରଟ ହୋଇ ପହଞ୍ଚିଛି ଅବଶିଷ୍ଟ ରଥ କାଠ। ଠିକଣା ସମୟରେ କାମ ଶେଷ କରିବାକୁ ରବିବାର ଠାରୁ ଦିନ ରାତି ରଥ ଖଳାରେ ଚାଲିବ ରଥ ନିର୍ମାଣ କାମ। ମହାରଣା ସେବାୟତ ବଟକୃଷ୍ଣ ମହାରଣା (ମୁଖ୍ୟ ମହରଣା)ଙ୍କ ନେତୃତ୍ୱରେ ଏବଂ ୫ ଜଣ ପାଳିଆ ସେବାୟତ ସୋମନାଥ ମହାରଣା, କେଦାରନାଥ ମହାରଣା, ବାସୁଦେବ ମହାରଣା, ମହେଶ ମହାରଣା, ପ୍ରିୟ ରଂଜନ ମହାରଣାଙ୍କ ତତ୍ତ୍ୱାବଧାନରେ ରଥ ନିର୍ମାଣ ହେଉଛି। ରଥ ନିର୍ମାଣରେ ୧୫ ଜଣ ଗାଁ ମହାରଣା, ୧୦ ଜଣ କମାର, ୧୨ ଜଣ ବେହେରାଙ୍କ ସମେତ ମୋଟ ୬୫ ଜଣ ରଥ ନିର୍ମାଣ କରିବେ। ସମ୍ପୂର୍ଣ୍ଣ କାଠ ଆସି ନଥିବାରୁ ପ୍ରାୟ ୨୦ ଜଣ ମହାରଣା ଓ ବେହେରା ସେବାୟତ ରଥ ଖଳାରେ କାମ କରୁଛନ୍ତି। ମହାରଣା ସେବାୟତ କୁରାଢ଼ିରେ ହାଣି ହାଣି 'ଗୋଟା' ତିଆରି କରିଥିଲେ ଏବଂ ବେହେରା ସେବାୟତ ସହଯୋଗ କରିଥିଲେ। ସୋମନାଥ ମହାରଣାଙ୍କ ସୂଚନା ଅନୁସାରେ ରଥର ଚଉଡ଼ା ୨୭ ଫୁଟ, ଲମ୍ବା ୨୭ ଫୁଟ ଏବଂ ଉଚ୍ଚତା ୪୫ ଫୁଟ ରଖାଯିବ। ହାତରେ ସମୟ କମ୍ ଥିବାରୁ ୨୪ ଘଣ୍ଟା କାମ ଚାଲିବ ବୋଲି ସେ ସୂଚନା ଦେଇଛନ୍ତି।

# ବିଜେପି ଓ କଂଗ୍ରେସ ଛାଡ଼ି ବିଜେଡିରେ ମିଶିଲେ ବହୁ କର୍ମୀ ଓ ନେତା



**ଭୁବନେଶ୍ୱର, ୩୦/୦୩ ନ୍ୟୁଜ ବ୍ୟୁରୋ**
ବଢୁଛି ବିଜେଡିର ଲୋକପ୍ରିୟତା । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନୀତି ଆଦର୍ଶ କରୁଛି ଅନୁପ୍ରାଣିତ । ବିଜେପି ଛାଡ଼ି ବିଜେଡ଼ିରେ ମିଶିଲେ ନୟାଗଡ଼ ଜିଲ୍ଲା ଦଶପଲ୍ଲା ଏନଏସିର ୨ କାଉନସିଲର ଏବଂ ଜଣେ ବିଜେପି ଜିଲ୍ଲା ପରିଷଦ ପ୍ରାର୍ଥୀ । ଦଶପଲ୍ଲା ଏନଏସିର ବିଜେପି କାଉନସିଲର କିରଣ କୁମାର ସାହୁ ଓ ସ୍ୱାଧୀନ କାଉନସିଲର ମାନିନି ସେଠୀ ବିଜେଡିରେ ସାମିଲ ହୋଇଛନ୍ତି । ଏହାସହ ଗଣିଆ ବ୍ଲକର ବିଜେପି ଜିଲ୍ଲା ପରିଷଦ ପ୍ରାର୍ଥୀ ମନୋରଞ୍ଜନ ମହାପାତ୍ର ବିଜେଡିରେ ସାମିଲ ହୋଇଛନ୍ତି । ଶନିବାର ଶଙ୍ଖ ଭବନରେ ଅନୁଷ୍ଠିତ ଏହି ମିଶ୍ରଣ ପର୍ବରେ ରାଜ୍ୟସଭା ସାଂସଦ ସସ୍ମିତ ପାତ୍ର, ଦଶପଲ୍ଲା ବିଧାୟକ ରମେଶ ଚନ୍ଦ୍ର ବେହେରା ଓ ବିଜେଡି ମୁଖପାତ୍ର ପ୍ରିୟବ୍ରତ ମାଝି ଉପସ୍ଥିତ ରହିଥିଲେ । ସେହିପରି ବିଜେଡିରେ ମିଶିଲେ କେ. ସୁରିୟା ରାଓ। ସେ କଂଗ୍ରେସ ଟିକେଟରୁ ୨୦୧୪ରେ ପାରଳାଖେମୁଣ୍ଡି ବିଧାୟକ ହୋଇଥିଲେ । ତାଙ୍କୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ସଂଗଠନ ସମ୍ପାଦକ ପ୍ରଣବ ପ୍ରକାଶ ଦାସ, ବ୍ରହ୍ମପୁର ଲୋକସଭା ପର୍ଯ୍ୟବେକ୍ଷକ ମାନସ ରଞ୍ଜନ ମଙ୍ଗରାଜଙ୍କ ପକ୍ଷରୁ ଦଳକୁ ସ୍ୱାଗତ କରିଛନ୍ତି ସାଂସଦ ସସ୍ମିତ ପାତ୍ର ଓ ଗଜପତି ବିଜେଡି ପର୍ଯ୍ୟବେକ୍ଷକ ଅତନୁ ସବ୍ୟସାଚୀ ନାୟକ। ସସ୍ମିତ କହିଲେ କେ. ସୁରିୟା ରାଓ ଗଜପତି ଜିଲ୍ଲାର ଜଣେ ପ୍ରଭାବଶାଳୀ ନେତା । ତାଙ୍କ ସହ ଅନେକ ନେତା କଂଗ୍ରେସ ଛାଡି ବିଜେଡିରେ ମିଶିଲେ । କେ. ସୁରିୟାଙ୍କୁ ଉତ୍ତରୀୟ ଦେଇ ସ୍ୱାଗତ କଲେ ଅତନୁ ସବ୍ୟସାଚୀ ନାୟକ । ଅତନୁ କହିଛନ୍ତି ଯେ ସମସ୍ତଙ୍କୁ ସ୍ୱାଗତ। ନବୀନ ପଟ୍ଟନାୟକଙ୍କ ଆଦର୍ଶ ଓ କାର୍ଯ୍ୟଧାରାରେ ଅନୁପ୍ରାଣିତ ହୋଇ ସବୁ ମିଶିଛନ୍ତି । ପାରଳାଖେମୁଣ୍ଡି ଓ ଗଜପତି ବିଜେଡି ସଂଗଠନ ଆହୁରି ମଜବୁତ ହେବ । କେ. ସୁରିୟା ରାଓ କହିଲେ ଯେ ଆଜି ମୁଁ କଂଗ୍ରେସ ଛାଡି ବିଜେଡିରେ ମିଶିବାର କାରଣ ହେଉଛି ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟକ୍ରମ ଓ ଯୋଜନା। ମୁଁ ଦଳକୁ ଦୃଢ଼ କରିବି, କିଛି ଆଶା ନେଇ ମିଶିନି ଓ ଯାହା ଦାୟିତ୍ୱ ମିଳିବ ତାହା କରିବି ।

# ବିଶ୍ୱ ପ୍ରସିଦ୍ଧ ରଥଯାତ୍ରା ପାଇଁ ପ୍ରଥମ ପ୍ରସ୍ତୁତି ବୈଠକ

**ପୁରୀ, ୩୦/୩ ନ୍ୟୁଜ ବ୍ୟୁରୋ**
ବିଶ୍ୱ ପ୍ରସିଦ୍ଧ ରଥଯାତ୍ରା ପାଇଁ ପୁରୀ ଜିଲ୍ଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଶନିବାର ପ୍ରଥମ ପ୍ରସ୍ତୁତି ବୈଠକ ସର୍କିଟ ହାଉସ ସମ୍ମିଳନୀ କକ୍ଷରେ ବସିଥିଲା । ବୈଠକରେ ଅକ୍ଷୟ ତୃତୀୟାଠାରୁ ନୀଳାଦ୍ରି ବିଜେ ପର୍ଯ୍ୟନ୍ତ ନୀତି, ରଥକାଠ, ତୀର୍ଥ ପୁଷ୍କରିଣୀ ସଫେଇ, ରଥ ନିର୍ମାଣ, ସ୍ୱାସ୍ଥ୍ୟ ଓ ପରିମଳ, ପାନୀୟ ଜଳ ଯୋଗାଣ, ବିଦ୍ୟୁତ୍, ପରିବହନ ଓ ରେଳସେବା, ଡ୍ରେନେଜ ବ୍ୟବସ୍ଥା ସମ୍ପର୍କରେ ଆଲୋଚନା ହେଉଛି। ବିଶ୍ୱ ପ୍ରସିଦ୍ଧ ରଥଯାତ୍ରା ପାଇଁ ସବୁ ବିଭାଗ କିଭଳି ପ୍ରସ୍ତୁତି କରିଛନ୍ତି ଓ ଟାର୍ଗେଟ ସମୟ ମଧ୍ୟରେ କାର୍ଯ୍ୟ



କିଭଳି ଠିକ୍ ଭାବେ ସମ୍ପାଦନ କରିବେ, ସେ ସମ୍ପର୍କରେ ଆଲୋଚନା କରାଯାଇଛି।
ସେହିପରି ପୁରୀ ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ସାହିଯାତ ପ୍ରସ୍ତୁତି ବୈଠକ ସ୍ଥାନୀୟ ସ୍ୱତନ୍ତ୍ର ପ୍ରଦକ୍ଷଣ ଗୃହ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଛି । ଆସନ୍ତା ଏପ୍ରିଲ ୧୭ରୁ ମେ ୧ ତାରିଖ ପର୍ଯ୍ୟନ୍ତ ସାହିଯାତ ଅନୁଷ୍ଠିତ ହେବ । ଯାତ ପୂର୍ବରୁ ସଂପୃକ୍ତ ରାସ୍ତା ମରାମତି ଓ ଆଲୋକୀକରଣ ନିମନ୍ତେ ପୌରସଂସ୍ଥାକୁ ନିର୍ଦ୍ଦେଶ ଦିଆଯାଇଛି। ଆଇନଶୃଙ୍ଖଳା ନିମନ୍ତେ ସାହିପାଇଁ ଆବଶ୍ୟକୀୟ ପୋଲିସ ମୁତୟନ କରାଯିବ । ପାରସ୍ପରିକ ସହଯୋଗ ନିମନ୍ତେ ୮ ସାହି ଆଖଡାର ମୁରବିମାନଙ୍କୁ ନେଇ କମିଟି ଗଠନ କରାଯିବ । ସାହି ଯାତ ବୁଲିବା ପାଇଁ ରୁଟଚାର୍ଟ୍ ପ୍ରଦାନ କରାଯିବ । ମେଢ ବାହାର କରିବା ନିମନ୍ତେ ସମୟସୀମା ନିର୍ଘଣ୍ଟ କରାଯିବ ବୋଲି ଜିଲ୍ଲାପାଳ କହିଛନ୍ତି। ଉପ ଜିଲ୍ଲାପାଳ, ପୌରସଂସ୍ଥା ନିର୍ବାହୀ ଅଧିକାରୀ, ଜିଲ୍ଲା ସଂସ୍କୃତି ଅଧିକାରୀ, ପୋଲିସ ଅଧିକାରୀଙ୍କ ସହ ୮ ସାହି ଆଖଡା ମୁରବି ପ୍ରମୁଖ ଏହି ବୈଠକରେ ଉପସ୍ଥିତ ଥିଲେ ।

# ଶିମିଳିପାଳରୁ ୯ଶିକାରୀ ଗିରଫ

**ବାରିପଦା, ୩୦/୦୩ ନ୍ୟୁଜ ବ୍ୟୁରୋ**
ଶିମିଳିପାଳ ଅଭୟାରଣ୍ୟକୁ ଶିକାର ଉଦ୍ଦେଶ୍ୟରେ ପଶିଥିବା ୯ଜଣ ଶିକାରୀଙ୍କୁ ବନବିଭାଗ ପକ୍ଷରୁ ଗିରଫ କରାଯାଇଛି । ଏହା ସହିତ ସେମାନଙ୍କ ପାଖରୁ ସମ୍ବର ମାଂସ ଓ ୯ଟି ଦେଶୀବନ୍ଧୁକ ଜବତ କରାଯାଇଛି ବୋଲି ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର ଭାରପ୍ରାପ୍ତ କ୍ଷେତ୍ର ନିର୍ଦ୍ଦେଶକ ତଥା ମୁଖ୍ୟ ବନ ସଂରକ୍ଷକ ଡ. ପ୍ରକାଶ ଚାନ୍ଦ ଗୋଗିନେନୀ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି ।
ସୂଚନାରୁ ପ୍ରକାଶ ଯେ, ଶୁକ୍ରବାର ରାତିରେ ଶିମିଳିପାଳର ଜେନାବିଲ ରେଞ୍ଜ ଅଞ୍ଚଳରେ ଉଦଳା ଥାନାର ପାଟଶାଣୀପୁର ଓ କୁଣ୍ଡାବାଇ ପଞ୍ଚାୟତର ଉପରତଳଡିହା, ଜାମଡିହା, ଖାଳିଡିହି ଆଦି ଶିମିଳିପାଳ ସଂଲଗ୍ନ ଗ୍ରାମର



୪୦ରୁ ଉର୍ଦ୍ଧ୍ୱ ଶିକାରୀ ବହୁ ସଂଖ୍ୟକ ବନ୍ଧୁକ ସହିତ ଏକସଙ୍ଗେ ଶିମିଳିପାଳ ଅଭୟାରଣ୍ୟ ଭିତରକୁ ଅଖଣ୍ଡ ଶିକାର ଉଦ୍ଦେଶ୍ୟରେ ପଶିଥିଲେ । ତେବେ ଖବର ପାଇ ଡୁକୁରା ଓ ପୋଡାଡିହା ରେଞ୍ଜର କର୍ମଚାରୀ ସ୍ୱତନ୍ତ୍ର ବ୍ୟାଘ୍ର ସୁରକ୍ଷା ବଳ ସହିତ ମିଳିତ ଭାବେ ଚଢଉ କରିଥିଲେ । ୯ଜଣ ଶିକାରୀଙ୍କୁ ଗିରଫ କରିବା ସହିତ ସେମାନଙ୍କ ନିକଟରୁ ୯ଟି ଦେଶୀବନ୍ଧୁକ ଓ ଅନ୍ୟାନ୍ୟ ଶିକାର ସାମଗ୍ରୀ ଜବତ କରି ବନବିଭାଗ କାର୍ଯ୍ୟାଳୟକୁ ଆଣି ଅଧିକ ତଦନ୍ତ ପାଇଁ ପଚରାଉଚରା ଜାରି ରଖିଛନ୍ତି । ଖସିପଳାଇଥିବା ଅନ୍ୟ ଶିକାରୀମାନଙ୍କୁ ଗିରଫ ପାଇଁ ତନାଘନା ଜାରିରହିଛି ।

# ବିଜୁ ଯୁବ ଜନତା ଦଳର ପୁରୀ, ଖୋର୍ଦ୍ଧା, ନୟାଗଡ଼ର ନୂଆ କର୍ମକର୍ତ୍ତା

**ଭୁବନେଶ୍ୱର, ୩୦/୦୩ ନ୍ୟୁଜ ବ୍ୟୁରୋ**
ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶରେ ଭୁବନେଶ୍ୱର ଜୋନ ବିଜୁ ଯୁବ ଜନତା ଦଳର ସଭାପତି ବିଜୟ କେତନ ସାହୁଙ୍କ ଦ୍ୱାରା ଗଠିତ ଜୋନ କମିଟିକୁ, ବିଜୁ ଯୁବ ଜନତା ଦଳର ସଭାପତି ତଥା ଚାନ୍ଦବାଲି ବିଧାୟକ ବ୍ୟୋମକେଶ ରାୟଙ୍କ ଅନୁମୋଦନ କ୍ରମେ ବିଭିନ୍ନ ଜିଲ୍ଲାର ତଥା ପୁରୀ, ଖୋର୍ଦ୍ଧା ଓ ନୟାଗଡ଼ର ଯୁବକମାନଙ୍କୁ ବିଭିନ୍ନ ପଦ ପଦବୀରେ ନାମ ଘୋଷଣା କରାଯାଇଛି।
ବରିଷ୍ଠ ଉପସଭାପତି ରୂପେ କୁମାର ସଂଜିତ୍ ମହାନ୍ତି, ସୁଜନ କୁମାର ଜେନା, ନିଶିକାନ୍ତ ସାମନ୍ତରାୟ ଏବଂ ଉପସଭାପତି ରୂପେ ଜିତେନ୍ଦ୍ର ରାଓ, ଅନିଲ ବଳିଆରସିଂ, ବିରଜା ପ୍ରସାଦ ସାମନ୍ତରାୟ, ସୂର୍ଯ୍ୟକାନ୍ତ ପ୍ରଧାନ, ମନୋଜ କୁମାର ଦାସ, ଗୋପାଳ କୃଷ୍ଣ ପଣ୍ଡା, ରମାକାନ୍ତ ଜେନା, ରୋଜାଲିନ ରଥ, ରାଜେଶ ହୋତା, ଦିପ୍ତିରଞ୍ଜନ ସାହୁ, ଦୀପକ କୁମାର ରାଉତ, ପ୍ରତାପ କୁମାର ରାଉତ ମନୋନିତ ହୋଇଛନ୍ତି। ସାଧାରଣ ସମ୍ପାଦକ ରୂପେ ବିଜୟାନନ୍ଦ ବିଶ୍ୱାଳ, ଚନ୍ଦ୍ରଜିତ୍ ରାଉତରାୟ, ଦେବଦତ୍ତ ଗୋପାଳକୃଷ୍ଣ, ଶ୍ରୀକାନ୍ତ କୁମାର ତ୍ରିପାଠୀ, ମନୋରଞ୍ଜନ ରଥ, ଶିବ ପ୍ରସାଦ ପାତ୍ର, ଚିନ୍ତାମଣି ବରାଳ, ଅରବିନ୍ଦ କାନୁନଗୋ, ପ୍ରଶାନ୍ତ କୁମାର ସେଠୀ, ବିଟୁ ଜେନା, ଅମର ଜିତ୍ ପୁହାଣ, ଶକ୍ତିପ୍ରାସାଦ ଜି, ରାଘବ ବଳିଆରସିଂ, ସମୀର କୁମାର ରାଉତ, ସ୍ୱଦେଶ ରଞ୍ଜନ ସିଂ, ଅସିତ୍ କୁମାର ମେକାପ, ମୁକେଶ ସୁନ୍ଦରା, ଭବାନୀ ଶଙ୍କର ମହାରଣା, ପ୍ରତାପ କୁମାର ମାନସିଂହ, ରଞ୍ଜନ ଲେଙ୍କା ନିଯୁକ୍ତି ପାଇଛନ୍ତି । ସେହିପରି ସଂପାଦକ ରୂପେ
ପ୍ରଦୀପ କୁମାର ନାୟକ, ପ୍ରତୀକ ରଞ୍ଜନ ଦଳାଇ, ତ୍ରିଲୋଚନ ନାୟକ, ଅଭିଜିତ ସହା, ସିଦ୍ଧାର୍ଥ ବିଶୋଇ, ବଳରାମ ଝାଲି, ପ୍ରଶାନ୍ତ କୁମାର ପ୍ରଧାନ, ସ୍ୱାଗତ ମହାପାତ୍ର, ସୁଶାନ୍ତ ନାୟକ, ପୂଜା ପ୍ରିୟଦର୍ଶିନୀ, ଅମ୍ଳାନ ଦାସ, ଅନନ୍ୟା ରାଉତ ରାୟ, ପ୍ରଭୁପାଦ ଜେନା, ସୌମ୍ୟ ସାମନ୍ତ, ଅଭିଜିତ ମହାପାତ୍ର, ଅଜୟ କୁମାର ସ୍ୱାଇଁଙ୍କ ନାମ ଘୋଷଣା କରାଯାଇଅଛି।
କମିଟିର ସମସ୍ତ କର୍ମକର୍ତ୍ତାମାନେ ବିଜୁ ଜନତା ଦଳର ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ବିଜୁ ଜନତା ଦଳର ସାଙ୍ଗଠନିକ ସମ୍ପାଦକ ତଥା ବିଧାୟକ ପ୍ରଣବ ପ୍ରକାଶ ଦାସ, ବିଜୁ ଯୁବ, ଛାତ୍ର ବ୍ୟାପାର ଦାୟିତ୍ୱରେ ଥିବା ବିଧାୟକ ପ୍ରଣବ ବଳବନ୍ତରାୟ, ବିଜୁ ଯୁବ ଜନତା ଦଳର ସଭାପତି ତଥା ବିଧାୟକ ବ୍ୟୋମକେଶ ରାୟ ଏବଂ ବିଜୁ ଯୁବ ଜନତା ଦଳର ଭୁବନେଶ୍ୱର ଜୋନ ସଭାପତି ବିଜୟ କେତନ ସାହୁଙ୍କୁ ଧନ୍ୟବାଦ୍ ଦେବା ସହିତ କୃତଜ୍ଞତା ଜ୍ଞାପନ କରିଛନ୍ତି।

## ଟିଟିଲାଗଡ଼ ଜେଲ୍‌ରୁ ଫେରାର କଏଦୀ ଦିଲ୍ଲୀରୁ ଗିରଫ

**ବଲାଙ୍ଗିର, ୩୦/୦୩ ନ୍ୟୁଜ ବ୍ୟୁରୋ**
ଟିଟିଲାଗଡ଼ ଉପ-କାରାଗାରରୁ ଦୁଇ ଜଣ ବିଚାରାଧୀନ କଏଦୀ ଫେରାର ହୋଇଯାଇଥିବା ବେଳେ ସେମାନଙ୍କ ମଧ୍ୟରୁ ଜଣଙ୍କୁ ଗିରଫ କରିବାରେ ସଫଳ ହୋଇଛି ପୁଲିସ୍। ତା' ନାଁ ସୁମିତ ବିହାରୀ। ତାକୁ ଦିଲ୍ଲୀରୁ ଗିରଫ କରାଯାଇଛି। ଟିଟିଲାଗଡ ପୁଲିସ ଗିରଫ ସୁମିତ ବିହାରୀକୁ ଉପ-କାରାଗାରକୁ ନେଇ ସିନ୍ ରିକ୍ରେସନ କରାଇବା ସହିତ କୋର୍ଟ ଚାଲାଣ କରାଯାଇଥିବା ସୂଚନା ଦେଇଛନ୍ତି ବଲାଙ୍ଗୀର ଏସ୍‌ପି ଆର. ଖିଲାରି। ଗତ ୯ ତାରିଖରେ ସୁମିତ ବିହାରୀ ଓ ଶୋଭାବନ ରଣା ଜେଲ୍‌ରୁ ଫେରାର ହୋଇଯାଇଥିଲେ। ଏନେଇ ଜେଲ୍ କର୍ତ୍ତୃପକ୍ଷ ଟିଟିଲାଗଡ଼ ଥାନାରେ ଅଭିଯୋଗ କରିଥିଲେ। ଏହି ଘଟଣାର ତଦନ୍ତ ଖୋଦ୍ ଜେଲ ଡିଆଇଜି କୁଳମଣି ବେହେରା କରିବା ପରେ ଦୁଇ ଜଣ ଗାର୍ଡଙ୍କୁ ନିଲମ୍ବନ କରାଯାଇଥିଲା।

# ଆଦର୍ଶ ଆଚରଣ ବିଧି ସହ ପାଳନ ହେବ ଓଡ଼ିଶା ଦିବସ

**ଭୁବନେଶ୍ୱର, ୩୦/୦୩ ନ୍ୟୁଜ ବ୍ୟୁରୋ**
ଚଳିତବର୍ଷ ଓଡ଼ିଶା ଦିବସ ରାଜ୍ୟ, ଜିଲ୍ଲା ଓ ଉପଖଣ୍ଡସ୍ତରରେ ପାଳନ କରିବା ନିମନ୍ତେ ନିଷ୍ପତ୍ତି ଗ୍ରହଣ କରାଯାଇଛି। ଆଦର୍ଶ ଆଚରଣ ବିଧି ପାଳନ ପୂର୍ବକ ଏହି ଦିବସ ପାଳନ ନିମନ୍ତେ ସୂଚନା ଓ ଲୋକସମ୍ପର୍କ ବିଭାଗ ପ୍ରମୁଖ ଶାସନ ସଚିବ ସଞ୍ଜୟ କୁମାର ସିଂହଙ୍କ ଅଧ୍ୟକ୍ଷତାରେ ଆଭାସୀ ମାଧ୍ୟମରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ବିଭାଗୀୟ ନିର୍ଦ୍ଦେଶକ ସରୋଜ ସାମଲ, ନିର୍ଦ୍ଦେଶକ ସୁରେନ୍ଦ୍ର ନାଥ ପରିଡ଼ା, ଅତିରିକ୍ତ ନିର୍ଦ୍ଦେଶକ ସନ୍ତୋଷ କୁମାର ଦାସ, କ୍ଷେତ୍ର ଉପ ନିର୍ଦ୍ଦେଶକ ସୁଚେତା ପ୍ରିୟଦର୍ଶିନୀ, ତିନୋଟି ଆରଡିସି ଜୋନର ଉପନିର୍ଦ୍ଦେଶକ ଏବଂ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀମାନେ ଯୋଗ ଦେଇଥିଲେ।
ଚଳିତ ବର୍ଷ ସାଧାରଣ ନିର୍ବାଚନ-୨୦୨୪ ପରିପ୍ରେକ୍ଷୀରେ ଭାରତୀୟ ନିର୍ବାଚନ କମିଶନଙ୍କ ଦ୍ୱାରା ଲାଗୁ କରାଯାଇଥିବା ଆଦର୍ଶ ଆଚରଣ ବିଧି ମୁତାବକ ଓଡ଼ିଶା ଦିବସ ପାଳନର




ରୂପରେଖ ସମ୍ପର୍କରେ ବିଭାଗୀୟ ନିର୍ଦ୍ଦେଶକ ସରୋଜ କୁମାର ସାମଲ ପ୍ରାରମ୍ଭିକ ସୂଚନା ଦେଇଥିଲେ। ପ୍ରମୁଖ ଶାସନ ସଚିବ ନିର୍ବାଚନ ଆଚରଣ ବିଧି ପାଳନ ପୂର୍ବକ ଜିଲ୍ଲା ଓ ଉପଖଣ୍ଡସ୍ତରରେ ଓଡ଼ିଶା ଦିବସକୁ ସଠିକ୍ ମର୍ଯ୍ୟାଦାର ସହ ପାଳନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଓଡ଼ିଶା ଦିବସ ପାଳନ ଅବସରରେ ଜିଲ୍ଲାରେ ଥିବା ସମସ୍ତ ବରପୁତ୍ରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯିବ। ରେକର୍ଡ ମାଧ୍ୟମରେ କେବଳ ଓଡ଼ିଆ ଦେଶାତ୍ମବୋଧକ ସଙ୍ଗୀତ ପରିବେଷଣ କରାଯାଇ ପ୍ରାତଃ ସମୟରେ ପ୍ରଭାତ ଫେରି ଅନୁଷ୍ଠିତ ହେବ।
ଜିଲ୍ଲାପାଳଙ୍କ ସମେତ ଜିଲ୍ଲାର ବରିଷ୍ଠ ଅଧିକାରୀ, ଶିକ୍ଷାବିତ୍, ବୁଦ୍ଧିଜୀବୀ ଆଦିଙ୍କୁ ସାମିଲ କରି ଓଡ଼ିଶା ଦିବସ ପାଳନର ତାତ୍ପର୍ଯ୍ୟ ଏବଂ ବରପୁତ୍ରମାନଙ୍କର ଅବଦାନ ସମ୍ପର୍କରେ ଏକ ସାଧାରଣ ସଭା ଆୟୋଜନ କରାଯିବ। ସଭା ପ୍ରାରମ୍ଭରେ ସୂଚନା ଓ ଲୋକସମ୍ପର୍କ ବିଭାଗ ଦ୍ୱାରା ଅନୁମୋଦିତ ବନ୍ଦେ ଉତ୍କଳ ଜନନୀ ସଙ୍ଗୀତ ପରିବେଷଣ କରାଯିବ। ଏହି ସଭାକୁ ଅଠର ବର୍ଷରୁ କମ୍ ବୟସ ଛାତ୍ରଛାତ୍ରୀମାନଙ୍କୁ ଆମନ୍ତ୍ରଣ କରାଯିବ। ଏତଦ୍ ବ୍ୟତୀତ ବରପୁତ୍ରମାନଙ୍କ ରଚନାରୁ ଓଡ଼ିଆ ଦେଶାତ୍ମବୋଧକ ସଙ୍ଗୀତ ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଶିତ ହେବ। ଜିଲ୍ଲା ଓ ଉପଖଣ୍ଡର ପ୍ରମୁଖ ସରକାରୀ କୋଠାବାଡ଼ିଗୁଡ଼ିକରେ ଆଲୋକସଜ୍ଜା କରାଯିବା କାର୍ଯ୍ୟକ୍ରମକୁ କୌଣସି ରାଜନୈତିକ ବ୍ୟକ୍ତିବିଶେଷଙ୍କୁ ଆମନ୍ତ୍ରଣ କରାଯିବ ନାହିଁ କିମ୍ବା କୌଣସି ସରକାରୀ କାର୍ଯ୍ୟକ୍ରମର ପ୍ରଚାର, ପ୍ରସାର ଏବଂ ଦଳୀୟ ଲୋଗୋ ଆଦିର ବ୍ୟବହାର ମଧ୍ୟ କରାଯାଇପାରିବ ନାହିଁ। ଏହି ଅବସରରେ କୌଣସି ଶୋଭାଯାତ୍ରା, ରାଜନୈତିକ ଭାଷଣ ଏବଂ ପ୍ରଚାର ସହ କୌଣସି ପ୍ରକାର ଶୋଭାଯାତ୍ରା, ମାନପତ୍ର ଏବଂ ଫଳକ ଆଦି ପ୍ରଦାନ ନ କରିବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଛି। ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ମଧ୍ୟରେ ପ୍ରତିଯୋଗିତା କରାଯାଇ ପୁରସ୍କାର ଦିଆଯାଇ ପାରିବ ବୋଲି ନିଷ୍ପତ୍ତି ଗ୍ରହଣ କରାଯାଇଛି।

# ଅସ୍ତରଙ୍ଗ ସମୁଦ୍ର ନିଷିଦ୍ଧାଞ୍ଚଳରୁ ଦୁଇ ଟ୍ରଲର ଜବତ : ୨୦ ମତ୍ସ୍ୟଜୀବୀ ଅଟକ

**ନିମାପଡ଼ା, ୩୦/୦୩ ନ୍ୟୁଜ ବ୍ୟୁରୋ**
ବିପଦରେ ଅଲିଭ ରିଡ୍‌ଲେ । ପୁରୀ ଜିଲ୍ଲା ଅସ୍ତରଙ୍ଗ ସମୁଦ୍ରର ନିଷିଦ୍ଧାଞ୍ଚଳରୁ ଦୁଇଟି ଟ୍ରଲର ଜବତ ହୋଇଛି। ବେଆଇନ୍ ଭାବେ ମାଛ ମାରୁଥିବା ବେଳେ ବନ ବିଭାଗ ପକ୍ଷରୁ ଚଢ଼ଉ କରାଯାଇ ୨ଟି ଟ୍ରଲର ଜବତ ସହ ୨୦ ଜଣ ମତ୍ସ୍ୟଜୀବୀଙ୍କୁ ଅଟକ ରଖାଯାଇଛି । ତଟରକ୍ଷୀ ବାହିନୀ ଓ ସାମୁଦ୍ରିକ ମତ୍ସ୍ୟବିଭାଗ ମିଳିତ ଭାବରେ ଚଢ଼ଉ କରି ନୂଆଗଡ ଜେଟି ନିକଟରୁ ଏହି ଦୁଇଟି ଟ୍ରଲରକୁ ଅଣାଯାଇଛି । ତେବେ ସମସ୍ତ ଅଟକ ମତ୍ସ୍ୟଜୀବୀଙ୍କ ବିରୋଧରେ ଓଡ଼ିଶା ସାମୁଦ୍ରିକ ମତ୍ସ୍ୟ ଆଇନ ଅନୁଯାୟୀ ମାମଲା ରୁଜୁ କରାଯାଇଛି ।
ଜବତ ଟ୍ରଲର ମଧ୍ୟରେ ବାଲେଶ୍ୱର ଅଞ୍ଚଳର ଚିନ୍ମୟୀ ନାମକ ବ୍ୟକ୍ତିଙ୍କ ଟ୍ରଲର ହୋଇଥିବା ବେଳେ ପାରାଦ୍ୱୀପର ମା' ବୃନ୍ଦାବତୀ ନାମକ ଟ୍ରଲର ରହିଛି । ସମୁଦ୍ର ଉପକୂଳରେ ଅଲିଭ ରିଡ୍‌ଲେ କଇଁଛଙ୍କ ସୁରକ୍ଷିତ ଆଗମନ, ଅଣ୍ଡା ଦାନ ଏବଂ ପ୍ରଜନନ ପାଇଁ ସମୁଦ୍ର ଉପକୂଳରୁ ୫ କିଲୋମିଟର ପର୍ଯ୍ୟନ୍ତ ନିଷିଦ୍ଧାଞ୍ଚଳ ଘୋଷଣା କରାଯାଇଛି । ସେହିପରି ଦେବୀ ନଦୀ ମୁହାଣର ୧୦ କିଲୋମିଟର ମଧ୍ୟରେ ଯନ୍ତ୍ର ଚାଳିତ ଡଙ୍ଗାରେ ମାଛ ଧରିବା ଉପରେ କଟକଣା ଜାରି ହୋଇଛି । ଚଳିତ ବର୍ଷ ବନ ବିଭାଗ ୧୧ଟି ଟ୍ରଲର ଜବତ କରିଥିବା ସୂଚନା ମିଳିଛି ।
ସମୁଦ୍ରର ନିଷିଦ୍ଧାଞ୍ଚଳରେ ମାଲମାଲ ଟ୍ରଲର ଅବାଧରେ ଚଳପ୍ରଚଳ କରୁଥିବାରୁ ଟ୍ରଲର ମାଡ଼ରେ ଅଲିଭ ରିଡ୍‌ଲେ କଇଁଛଙ୍କ ମୃତ୍ୟୁ ହେଉଥିବା ନେଇ ଅଭିଯୋଗ କରିଛନ୍ତି ପରିବେଶବିତ୍ । ଅଲିଭ ରିଡ୍‌ଲେ କଇଁଛଙ୍କ ସୁରକ୍ଷା ପାଇଁ ସମୁଦ୍ରରେ ମାଛ ଧରିବା ପାଇଁ ମତ୍ସଜୀବୀଙ୍କୁ ପ୍ରଶାସନ କଟକଣା ଜାରି କରିଥିଲେ ମଧ୍ୟ ଦୈନନ୍ଦିନ ଟ୍ରଲର ଓ ଡଙ୍ଗା ଯୋଗୁଁ ଅଲିଭ ରିଡ୍‌ଲେ କଇଁଛଙ୍କ ମୃତ୍ୟୁ ଘଟୁଛି ।
ତେବେ ପ୍ରଶାସନର ନିୟମକୁ ଖାତିର ନ କରି ଟ୍ରଲର ଦ୍ୱାରା ମାଛ ମରାଯାଉଥିବା ଦେଖିବାକୁ ମିଳିଛି । ନଭେମ୍ବର ୧ ତାରିଖ ଠାରୁ ମେ ୩୧ ତାରିଖ ପର୍ଯ୍ୟନ୍ତ ଏହି କଟକଣା ବଳବତ୍ତର ରହିଥିବା ବେଳେ କିଭଳି ସମୁଦ୍ରରୁ ମାଛ ଧରା ଯାଉଛି ବୋଲି ପ୍ରଶ୍ନ ଉଠାଇଛନ୍ତି ପରିବେଶବିତ । ଦେବୀ ନଦୀ ମୁହାଣ ଓ ସମୁଦ୍ର ଠାରୁ ୨୦କିଲୋମିଟର ପରିଧି ପର୍ଯ୍ୟନ୍ତ କଟକଣା ଲାଗିଥିବା ବେଳେ କିଭଳି ଟ୍ରଲର ଦ୍ୱାରା ମାଛ ମରାଯାଉଛି ତାକୁ ନେଇ ପ୍ରଶ୍ନ ଉଠାଇଛନ୍ତି ସ୍ଥାନୀୟ ବାସିନ୍ଦା ।



# ଗରିବଙ୍କ ବଳ ୫ ଟଙ୍କିଆ ଆହାର : ସ୍ୱଚ୍ଛ ପରିବେଶରେ ସ୍ୱାଦିଷ୍ଟ ଭୋଜନ

**କଟକ, ୩୦/୦୩ ନ୍ୟୁଜ ବ୍ୟୁରୋ**
ଆର୍ଥିକ ଅନାଟନ ମଧ୍ୟରେ ଦିନ କାଟୁଥିବା ଖଟିଖିଆ ମଣିଷଙ୍କ ପାଇଁ ରୋଗ ଏକ ଆତଙ୍କ । ହେଲେ ରାଜ୍ୟ ସରକାରଙ୍କ ନିଃଶୁଳ୍କ ଚିକିତ୍ସା ସେବା ସାଙ୍ଗକୁ ୫ ଟଙ୍କିଆ ଆହାର ଯୋଜନା ସେମାନଙ୍କୁ ବଳ ଯୋଗାଇଛି । ଏସ୍‌ସିବି ଓ କର୍କଟ ରୋଗ ପ୍ରତିଷ୍ଠାନ ପରିସରରେ ଖୋଲିଥିବା ଆହାର କେନ୍ଦ୍ର ଖାଦ୍ୟ ଚିନ୍ତା ଦୂର କରିବାରେ ସକ୍ଷମ ହୋଇଛି । ପ୍ରତିଦିନ ଏଠାରୁ ୩ ହଜାରରୁ ଉର୍ଦ୍ଧ୍ୱ ଲୋକ ଆହାର ପାଉଥିବା ବେଳେ ଏବେ ଲୋକଙ୍କ ଆବଶ୍ୟକତାକୁ ଦେଖି ଏହାର ସମ୍ପ୍ରସାରଣ ପାଇଁ ହୋଇଛି ଯୋଜନା। ଗରିବଙ୍କୁ ମିଳିଛି ପେଟ ଓ ରୋଗ ସହ ଲଢ଼ିବାର ଶକ୍ତି । ଏହି ଶକ୍ତି ଯୋଗାଇ ଦେଇଛନ୍ତି ରାଜ୍ୟ ସରକାର । ମାଗଣା ଚିକିତ୍ସା ସେବା ସହ ୫ ଟଙ୍କାରେ ପେଟପୁରା ଖାଦ୍ୟ । ଖଟିଖିଆ ଲୋକଙ୍କ ପାଇଁ ସାଜିଛି ବଳ । କେଉଁ ରୋଗ କେତେବେଳେ କାହାକୁ ହେବ ସେ କଥା କହିବା ମୁସ୍କିଲ । ତେବେ ଗରିବଙ୍କ ପାଇଁ ଛୋଟ ହେଉ ବା ବଡ଼, ରୋଗ ହେଲେ ମାନସିକ, ଶାରୀରିକ ଓ ଆର୍ଥିକସ୍ଥିତିକୁ ଦୋହଲାଇ ଦେଇଥାଏ । ତେବେ ରାଜ୍ୟ ସରକାରଙ୍କ ଯୋଗୁଁ ଆଉ ସେହି ଚିନ୍ତା ନାହିଁ । ମାଗଣା ରୋଗୀ ସେବା ସହ ସେମାନଙ୍କ ସମ୍ପର୍କୀୟମାନଙ୍କ କ୍ଷୁଧା ନିବାରଣ ପାଇଁ ୫ ଟଙ୍କିଆ ଆହାର ବ୍ୟବସ୍ଥା କରିଛନ୍ତି ରାଜ୍ୟ ସରକାର । ଏସସିବି ଓ ଆଚାର୍ଯ୍ୟ ହରିହର କର୍କଟ ରୋଗ ପ୍ରତିଷ୍ଠାନରେ ଖୋଲିଥିବା ଆହାର କେନ୍ଦ୍ରରୁ ଦିନରାତି ମିଶାଇ ୩ ହଜାରରୁ ଉର୍ଦ୍ଧ୍ୱ ଆହାର ପାଉଛନ୍ତି । କେନ୍ଦ୍ରରେ ନିୟୋଜିତ ମିଶନ ଶକ୍ତି ମା'ମାନେ ମଧ୍ୟ ଏଭଳି ପୁଣ୍ୟ କାର୍ଯ୍ୟରେ ସାମିଲ ହୋଇଥିବାରୁ ବେଶ୍ ଖୁସି ପ୍ରକାଶ କରିଛନ୍ତି । କଟକ ଏସସିବି ବଡ଼ ମେଡିକାଲ ରେଫେରାଲ ହସ୍ପିଟାଲ ହୋଇଥିବାରୁ ପ୍ରତିଦିନ ଏଠାକୁ ଓଡ଼ିଶା ସମେତ ବାହାର ରାଜ୍ୟରୁ ହଜାର ହଜାର ରୋଗୀ ଆସୁଛନ୍ତି । ସେମାନଙ୍କ ମଧ୍ୟରୁ ୬୦ ପ୍ରତିଶତ ଆହାର ଉପରେ ନିର୍ଭର କରୁଛନ୍ତି । ସ୍ୱଚ୍ଛ ପରିବେଶରେ ପେଟପୁରା ସୁସ୍ୱାଦୁ ଖାଦ୍ୟ ମିଳୁଥିବାରୁ ସମସ୍ତେ ଖୁସ୍ । ୫ ଟଙ୍କିଆ ଆହାର ଯୋଗୁଁ ଏସସିବିକୁ ଆସୁଥିବା ରୋଗୀ ଓ ପରିବାର ଲୋକଙ୍କ ମୁହଁରେ ହସ ଆଣିଦେଇଛି । ଏଥିପାଇଁ ରାଜ୍ୟ ସରକାରଙ୍କୁ ପ୍ରଶଂସା କରିଛନ୍ତି ରୋଗୀ ଓ ତାଙ୍କ ପରିବାର ।

# ଖେଳଣା ବନ୍ଧୁକ ଦେଖାଇ ଲୁଟ୍ ଉଦ୍ୟମ : ୬ ଗିରଫ

**ଭୁବନେଶ୍ୱର, ୩୦/୦୩ ନ୍ୟୁଜ ବ୍ୟୁରୋ**
ଖେଳଣା ବନ୍ଧୁକ ଦେଖାଇ ରାଜପଥରୁ ଲୁଟ୍ ପାଇଁ ଉଦ୍ୟମ କରୁଥିଲେ। ହେଲେ ତା' ପୂର୍ବରୁ ମାଡ଼ି ବସିଲା ପୁଲିସ୍। ୬ ପେଷାଦାର ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି ଭୁବନେଶ୍ୱର କମିଶନରେଟ୍ ପୁଲିସ୍।
ସହିଦ୍‌ନଗର ଥାନା ଶାନ୍ତିପଲ୍ଲୀ ବସ୍ତିର ରେଳ ଧାରଣା ପାର୍ଶ୍ୱରେ ୬ ପେଷାଦାର ଲୁଟେରା ବସି ଲୁଟ୍ ପାଇଁ ପ୍ଲାନ୍ କରୁଥିଲେ। ରାତିରେ ଜାତୀୟ ରାଜପଥରେ ଯାଉଥିବା ଟ୍ରକ୍ ଗୁଡ଼ିକୁ ଅଟକାଇ ଲୁଟ୍ ପାଇଁ ଯୋଜନା କରୁଥିଲେ। ସ୍ଥାନୀୟ ଲୋକେ ଏ ସମ୍ପର୍କରେ ଥାନାକୁ ଖବର ଦେଇଥିଲେ। କମିଶନରେଟ୍ ପୁଲିସ୍ ଉକ୍ତ ସ୍ଥାନରେ ଚଢ଼ଉ କରି ଲିଙ୍ଗରାଜ ଭୂୟାଁ, ବୁଲୁ ପଲେଇ, କାର୍ତ୍ତିକ ମଣ୍ଡଳ, ସତ୍ୟବ୍ରତ ଭୋଇ,ଏମ୍‌ଡି କାଦିର ଓ ତତ୍ତ୍ୱମସି ପ୍ରଧାନଙ୍କୁ ଅଟକ ରଖି ଜେରା କରୁଥିଲେ।

# ଓଡ଼ିଆ ଭାଷାରେ କୋର୍ଟ କାର୍ଯ୍ୟ ପାଇଁ ହାଇକୋର୍ଟଙ୍କ ଗୁରୁତ୍ୱ: ନିଯୁକ୍ତ ହେବେ ୨୩ ଜଣ ଅନୁବାଦକ

**ଭୁବନେଶ୍ୱର, ୩୦/୦୩ ନ୍ୟୁଜ ବ୍ୟୁରୋ**
ଆଞ୍ଚଳିକ ଭାଷାରେ କୋର୍ଟ କାର୍ଯ୍ୟ କରିବା ପାଇଁ ସୁପ୍ରିମକୋର୍ଟଙ୍କ ଗୁରୁତ୍ୱାରୋପ ପରେ ଯୁଦ୍ଧକାଳୀନ ଭିତ୍ତିରେ ସେଦିଗରେ ଓଡ଼ିଶା ହାଇକୋର୍ଟରେ କାର୍ଯ୍ୟ ଚାଲିଛି। ଏକ ସମନ୍ୱିତ ପ୍ରଣାଳୀରେ ଏହି କାର୍ଯ୍ୟ ଆଗକୁ ବଢୁଥିବା ଜଣାପଡିଛି। କୋର୍ଟଙ୍କ ଅନୁଦିତ ରାୟର ଓଡ଼ିଆ କପି ହିଁ କେବଳ ପକ୍ଷଭୁକ୍ତଙ୍କୁ ବୁଝିବା ପାଇଁ ପ୍ରଯୁଜ୍ୟ। କୋର୍ଟ କାର୍ଯ୍ୟ କିମ୍ବା ଅନ୍ୟ ସରକାରୀ କାର୍ଯ୍ୟ ପାଇଁ ରାୟର ଇଂରାଜୀ କପି କେବଳ ବ୍ୟବହାର ହୋଇପାରିବ ବୋଲି ସ୍ପଷ୍ଟ କରାଯାଇଛି। ମିଳିଥିବା ସୂଚନା ଅନୁସାରେ, ୨୦୨୩ ଫେବୃୟାରୀ ମାସରୁ ସୀମିତ ସଂଖ୍ୟକ କର୍ମଚାରୀଙ୍କୁ ନେଇ ଓଡ଼ିଆ ଅନୁବାଦ କାର୍ଯ୍ୟ ଆରମ୍ଭ ହୋଇଥିଲା। ଉଭୟ ସୁପ୍ରିମକୋର୍ଟ ଓ ହାଇକୋର୍ଟଙ୍କ ଗୁରୁତ୍ୱପୂର୍ଣ୍ଣ ରାୟଗୁଡିକର ଓଡ଼ିଆ ଅନୁବାଦ ଏବେ କରାଯାଉଛି। ସୁପ୍ରିମକୋର୍ଟରେ ୧୯୫୧ ମସିହାରୁ ଆଜି ପର୍ଯ୍ୟନ୍ତ ଓଡ଼ିଶା ସମ୍ପର୍କିତ ଅନେକ ଗୁରୁତ୍ୱପୂର୍ଣ୍ଣ ରାୟ ମଧ୍ୟରୁ ୧୫୫ଟି ରାୟର ଏବେ ସୁଦ୍ଧା ଓଡ଼ିଆ ଅନୁବାଦ କରାଯାଇ ସାରିଲାଣି। ତନ୍ମଧ୍ୟରୁ ଓଡ଼ିଶା ବନାମ ଏମ୍‌ଜି ରୁଙ୍ଗ୍‌ଟା, ଅର୍ଜୁନ ଲାଧା, ଏମଏ ଟୁଲକ, ମହମ୍ମଦ ସିରାଜୁଦ୍ଦିନ, ଏସ୍ ଲାଲ, କଳିଙ୍ଗ ଟ୍ୟୁବ୍‌ସର



ଆୟକର ମାମଲା, ମହାପ୍ରଭୁ ଲିଙ୍ଗରାଜ ବିଜେ ବନାମ ନିତ୍ୟାନନ୍ଦ ମିଶ୍ର, ବୃନ୍ଦାବନ ନାୟକ ବନାମ ଭାରତୀୟ ନିର୍ବାଚନ ଆୟୋଗ, ଖଣିଜ ରିହାତିକୁ ନେଇ ଓଡ଼ିଶା ବନାମ ଭାରତ ସରକାର, ମହନ୍ତ ଶ୍ରୀ ଜଗନ୍ନାଥ ରାମାନୁଜ ଦାସ ବନାମ ଓଡିଶା, ଅନୀଲ ଅଗ୍ରୱାଲ ଫାଉଣ୍ଡେସନ ବନାମ ଓଡିଶା, ଲୋକାୟୁକ୍ତ ବନାମ ପ୍ରଦୀପ ପାଣିଗ୍ରାହୀ, ଦୀନବନ୍ଧୁ ସାହୁ ବନାମ ଯଦୁମଣି ମଙ୍ଗରାଜ ପ୍ରଭୃତି ଅନ୍ୟତମ। ସେହିଭଳି ଓଡ଼ିଶା ହାଇକୋର୍ଟର ୮୧ଟି ରାୟ ଓଡ଼ିଆରେ ଅନୁବାଦ ହୋଇ ସାରିଲାଣି। ସେଗୁଡିକ ମଧ୍ୟରେ 'କିଟ୍' ବନାମ ଆୟକର ବିଭାଗ, କେ ରବୀନ୍ଦ୍ର ପାତ୍ର ବନାମ ଓଡ଼ିଶା(ଭିଜିଲାନ୍ସ), ଭାରତ ସରକାର ବନାମ କଲିକତା ସ୍ପ୍ରିଙ୍ଗ ଲିମିଟେଡ ପ୍ରଭୃତି ରହିଛି। ଏହା ସହ ଓଡ଼ିଶା ହାଇକୋର୍ଟର ଅନେକ ଗୁରୁତ୍ୱପୂର୍ଣ୍ଣ ରାୟର ହିନ୍ଦୀ ଅନୁବାଦ ସୁପ୍ରିମକୋର୍ଟଙ୍କ ପକ୍ଷରୁ କରାଯାଇ ଅଭିଲେଖାଗାରରେ ରଖାଯାଇଛି। ଏବେ ସୁଦ୍ଧା ଲଳିତା କୁମାରୀ ବନାମ ଉତ୍ତରପ୍ରଦେଶ ସରକାର, ଅର୍ଣ୍ଣେଶ କୁମାର ବନାମ ବିହାର ସରକାର ଭଳି ଦୁଇଟି ମାଇଲଖୁଣ୍ଟ ରାୟର ଓଡ଼ିଆ ଅନୁବାଦ କରି ରାଜ୍ୟ ଆଇନ ସେବା ପ୍ରାଧିକରଣ ମାଧ୍ୟମରେ ଜିଲ୍ଲା ଆଇନ ସେବା ପ୍ରାଧିକରଣ ଓ ତାଲୁକ ଆଇନ ସେବା ପ୍ରାଧିକରଣକୁ ପଠାଯାଇଛି। ଏହା ଦ୍ୱାରା କିଭଳି ଜନସଚେତନତା ସୃଷ୍ଟି ହେବ ସେ ଦିଗରେ କାର୍ଯ୍ୟ କରାଯାଉଛି। ବର୍ତ୍ତମାନ ନୂଆ ଓଡ଼ିଆ ଆଇନ ଶବ୍ଦକୋଷର ପ୍ରସ୍ତୁତି ମଧ୍ୟ ଚାଲିଛି। ଖୁବ୍ ଶୀଘ୍ର ଏହା ବିଶାଳ ଆକାରରେ ପ୍ରକାଶ କରିବାକୁ ଲକ୍ଷ୍ୟ ରଖାଯାଇଛି। ଏହି କାର୍ଯ୍ୟକୁ ଆହୁରି ତ୍ୱରାନ୍ୱିତ କରିବା ପାଇଁ ବର୍ତ୍ତମାନ ହାଇକୋର୍ଟ ପକ୍ଷରୁ ଗତ ଫେବୃୟାରୀ ୨୯ ତାରିଖ ଦିନ ୨୩ଟି ଅନୁବାଦକ ପଦବୀ ପାଇଁ ନିଯୁକ୍ତି ପ୍ରକ୍ରିୟା ଆରମ୍ଭ ହୋଇଥିଲା। ଏହି ପଦବୀ ପାଇଁ ପ୍ରାୟ ୧୪୯ ଜଣ ଆଶାୟୀ ଆବେଦନ କରିଥିବା ଜଣାପଡିଛି। ଓଡ଼ିଶା ହାଇକୋର୍ଟର ୭୫ତମ ପ୍ରତିଷ୍ଠା ଦିବସକୁ ସ୍ମରଣୀୟ କରିବା ପାଇଁ ଡକ୍ଟର ଜଷ୍ଟିସ୍ ସଞ୍ଜୀବ କୁମାର ପାଣିଗ୍ରାହୀ ୨୦୨୩ ଜୁଲାଇ ୨୬ ତାରିଖରେ ଇତିହାସରେ ପ୍ରଥମ ଥର ପାଇଁ ଓଡ଼ିଆ ଭାଷାରେ ନିଜର ରାୟ ପ୍ରକାଶ କରିଥିଲେ। ସେତେବେଳେ ଏହା ଜାତୀୟ ସ୍ତରରେ ବେଶ୍ ଚର୍ଚ୍ଚିତ ହୋଇଥିଲା। ଦେଶ ସ୍ୱାଧୀନ ହେବାର ପରବର୍ତ୍ତୀ ସମୟରେ ସମୟ ଅନୁଯାୟୀ ମୋଟ ୪୦୫୮ଟି ଅଧିନିୟମ ରଦ୍ଦ ବା ଖାରଜ ହୋଇଛି। ତାହା ମଧ୍ୟରୁ ଓଡ଼ିଶାର ୫ଟି ଅଧିନିୟମ ରହିଛି। ସେଗୁଡିକ ହେଲା ଦି ଟ୍ରିବ୍ୟୁଟାରି ମହଲାସ୍ ଅଫ ଓଡ଼ିଶା ଆକ୍ଟ-୧୮୯୩, ଦି ବେଙ୍ଗଲ ବିହାର ଆଣ୍ଡ ଓଡ଼ିଶା ଆଣ୍ଡ ଆସାମ ଲ' ଆକ୍ଟ-୧୯୧୨, ଦି ଓଡ଼ିଶା ଷ୍ଟେଟ ଲେଜିସଲେଚର (ଡେଲିଗେସନ ଅଫ ପାୱାର) ଆକ୍ଟ-୧୯୬୧, ଦି ଓଡ଼ିଶା ଲେଜିସଲେଚର ଆସେମ୍ବ୍ଲି (ଏଗଜିକ୍ୟୁସନ ଅଫ ଡ୍ୟୁରେସନ)ଆକ୍ଟ-୧୯୬୬ ଏବଂ ଦି ଓଡ଼ିଶା ଷ୍ଟେଟ୍ ଲେଜିସଲେଚର (ଡେଲିଗେସନ ଅଫ ପାୱାର) ଆକ୍ଟ-୧୯୭୩ । ଏହା ପରେ ବର୍ତ୍ତମାନ ଓଡ଼ିଶାରେ ୨୮୩ଟି ଅଧିନିୟମ, ୩୬ଟି ବିଜ୍ଞପ୍ତି, ୨୧ଟି ନିୟମ (ରୁଲସ୍), ୨ଟି ଆଦେଶନାମା (ଅର୍ଡର) ରହିଛି। ତେବେ ଏ ସମସ୍ତ ଅଧିନିୟମକୁ ପର୍ଯ୍ୟାୟ କ୍ରମେ ଓଡ଼ିଆ ଅନୁବାଦ କରିବାକୁ ପଦକ୍ଷେପ ଆରମ୍ଭ ହୋଇଛି। ବର୍ତ୍ତମାନ ସୁଦ୍ଧା ୧୧ଟି ଅଧିନିୟମ ସମ୍ପୂର୍ଣ୍ଣ ଭାବେ ଅନୂଦିତ ହୋଇ ସର୍ବସାଧାରଣଙ୍କ ପାଇଁ ଇଣ୍ଡିଆ କୋଡ୍ ୱେବ୍‌ସାଇଟ୍‌ରେ ଉପଲବ୍ଧ ଅଛି ବୋଲି ରାଜ୍ୟ ଆଇନ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ସେଗୁଡିକ ହେଲା ଗଞ୍ଜାମ ଓ ବୌଦ୍ଧ (ଗ୍ରାମପଦ ଉଚ୍ଛେଦ) ଅଧିନିୟମ-୧୯୬୯, ଗଞ୍ଜାମ କ୍ଷୁଦ୍ରଧାରକ ଅନୁତୋଷ ଅଧିନିୟମ-୧୯୪୭, ଓଡ଼ିଶା ମୌଳିକ ଶିକ୍ଷା ଆଇନ-୧୯୫୧, ଓଡ଼ିଶା କନିନିକା ରୋପଣ ଅଧିନିୟମ-୧୯୬୦, ଓଡ଼ିଶା ବଂଶାନୁଗତ ଗ୍ରାମପଦ (ଉତ୍ସାଦକ) ଅଧିନିୟମ-୧୯୬୨, ଓଡ଼ିଶା ମିଶ୍ରିତ ରାଜ୍ୟକ୍ଷେତ୍ର (ଗ୍ରାମପଦ ଉତ୍ସାଦକ) ଅଧିନିୟମ-୧୯୬୩, ଓଡ଼ିଶା ଅବ୍ୟାପାରିକ କମ୍ପାନୀ ଅଧିନିୟମ-୧୯୫୯, ଓଡ଼ିଶା ରାଜସ୍ୱ ପ୍ରଶାସନ (ୟୁନିଟ) ଅଧିନିୟମ-୧୯୬୩, ଓଡ଼ିଶା ବିକ୍ରିକର ବୈଧୀକରଣ ଅଧିନିୟମ-୧୯୬୧, ଓଡ଼ିଶା ସମ୍ପତ୍ତି (ଗ୍ରାମ ଶାସନ ଠାରେ) ନିଧାନ ଅଧିନିୟମ-୧୯୬୪, ପୁରୀ ଶ୍ରୀଜଗନ୍ନାଥ ମନ୍ଦିର (ପ୍ରଶାସନ) ଅଧିନିୟମ-୧୯୫୨। ଓଡ଼ିଶା ଲୋକସେବା ଆୟୋଗ ଜରିଆରେ ଇଂଲିଶ୍‌ରୁ ଓଡ଼ିଆ ଅନୁବାଦକ ନିଯୁକ୍ତି ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି ବୋଲି ଜଣାପଡିଛି।